

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୮ ଅଗଷ୍ଟ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 28 AUGUST 2021
Vol.No. 32 ■ No. 219 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## କାବୁଲ ବିମାନବନ୍ଦରରେ ବିସ୍ଫୋରଣ ଘଟଣା

# କାବୁଲ ବିସ୍ଫୋରଣ ପରେ ବାଇଡେନଙ୍କ ଯୁଦ୍ଧ ଡାକରା



ନୂଆଦିଲ୍ଲୀ,୨୭/୦୮ : ଆମେରିକା, ବ୍ରିଟେନ ପରି ଦେଶର ଗୁଇନ୍ଦା ବିଭାଗ ଯାହା ଅନୁମାନ କରିଥିଲେ ଶେଷରେ ତାହା ହିଁ ଘଟିଲା । ଗୋଟିଏ ଘଣ୍ଟା ଭିତରେ ଏକାଧିକ ବିସ୍ଫୋରଣ ସହ ଥରି ଉଠିଲା କାବୁଲ ବିମାନ ବନ୍ଦର । ଯେଉଁଥିରେ ଏବେ ସୁଦ୍ଧା ୯୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି । ତା ସହ ଦେଢ ଶହରୁ ଅଧିକ ଲୋକ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । କାବୁଲ ବିମାନବନ୍ଦରର ଏହି ବିସ୍ଫୋରଣ ନେଇ ନିଜକୁ ଦାୟୀ କରିଛି ଆତଙ୍କବାଦୀ ସଂଗଠନ ଆଇଏସଆଇଏସ । ସେପଟେ ଆତଙ୍କବାଦୀ ଆକ୍ରମଣ ପରେ ଚରମ ଚେତାବନୀ ଶୁଣାଇଛନ୍ତି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ । କାବୁଲ ଉପରେ ଆତଙ୍କବାଦୀ ଆକ୍ରମଣ ହେବା ନେଇ ଯାହା ଆମେରିକା ଆଶଙ୍କା କରୁଥିଲା, ବ୍ରିଟେନ୍ ସୂଚନା ଦେଇଥିଲା, ଅଷ୍ଟ୍ରେଲିଆ ସତର୍କ କରିଥିଲା ଠିକ୍ ସେଇଆ ହେଲା । ଯାହାକୁ ନିଷ୍ଫଳ କରିବା ପାଇଁ ଦୁନିଆର ବଡ ବଡ ଶକ୍ତି ଲାଗିଥିଲେ, ସେଥିରେ ଏବେ ସେମାନେ ବିଫଳ ହୋଇଛନ୍ତି । ଆଉ ଦୁର୍ଦ୍ଦଶ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ଖୁରାସାନ କିଛି ସମୟ ବ୍ୟବଧାନରେ ଦୁଇ ଦୁଇଟି ବିସ୍ଫୋରଣ ଘଟାଇ କାବୁଲରେ ରକ୍ତର ହୋଲି ଖେଳିଛି । ବିସ୍ଫୋରଣରେ ଶତାଧିକ ଲୋକଙ୍କର ଜୀବନ ଯାଇଛି । ବହୁ ସଂଖ୍ୟାରେ ଲୋକ ଆହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ୧୩ ଜଣ ଆମେରିକୀୟ ସୈନ୍ୟ ଥିବାବେଳେ ୨୮ ତାଲିବାନୀ ବି ରହିଛନ୍ତି । ଗୁରୁବାର ରାତି ୭ଟା ୧୫ ରେ ବିମାନବନ୍ଦରର ପ୍ରଥମ ଫାଟକରେ ବିସ୍ଫୋରଣ ହୋଇଥିଲା । ଏହାର କିଛି ସମୟ ପରେ ଅର୍ଥାତ ରାତି ପ୍ରାୟ ୮ଟା ବେଳକୁ ବିମାନବନ୍ଦର ସଂଲଗ୍ନ ହୋଟେଲ ନିକଟରେ ଆଉ ଏକ ବିସ୍ଫୋରଣ ହୋଇଥିଲା । ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ଥରି ଉଠିଥିଲା ପୁରା ଅଞ୍ଚଳ । ଯେଉଁ ସମୟରେ କାବୁଲ ବିମାନ ବନ୍ଦରରେ ବିସ୍ଫୋରଣ ଘଟିଥିଲା ସେତେବେଳେ ବିମାନବନ୍ଦର ଓ ତାର ନିକଟବର୍ତ୍ତୀ ଅଞ୍ଚଳରେ ଶହ ଶହ ଲୋକଙ୍କ ଭିଡ ରହିଥିଲା । ବିମାନବନ୍ଦର ଭିତରେ ବିଭିନ୍ନ ଦେଶ ପକ୍ଷରୁ ଏୟାରଲିଫ୍ଟ କରାଯାଉଥିଲା । ଏୟାରପୋର୍ଟ ବାହାର ଗେଟ୍ ନିକଟରେ ଲୋକଙ୍କ କାଗଜପତ୍ର ଯାଞ୍ଚ ସମୟରେ ଘଟିଥିଲା ଏହି ବିସ୍ଫୋରଣ । ବିସ୍ଫୋରଣ ପରେ ଲୋକ ଭୟଭୀତ ହୋଇ ଏଣେତେଣେ ଦୌଡିବାକୁ ଲାଗିଥିଲେ । ଏତିକିବେଳେ ଅମଣିଷ ଆତଙ୍କବାଦୀ ଅସହାୟ ହୋଇ ଦୌଡୁଥିବା ଲୋକଙ୍କ ଉପରକୁ ଗୁଳି ଚଳାଇଥିଲେ । ଆତଙ୍କବାଦୀ ଆକ୍ରମଣ ପରେ ଆମେରିକାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଆତଙ୍କବାଦୀଙ୍କୁ ଚରମ ଚେତାବନୀ ଦେଇଛନ୍ତି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ । ସେ କହିଛନ୍ତି , କାବୁଲ ବିମାନବନ୍ଦର ବିସ୍ଫୋରଣ ପଛରେ ଯିଏ ବି ଥାଉ ତାକୁ ଛଡାଯିବ ନାହିଁ । ଖୋଜି ଖୋଜି ମାରିବ ଆମେରିକା ସେନା । ସେମାନଙ୍କୁ ଆମେ ନିପାତ କରିବୁ । ଗୁରୁବାର କାବୁଲ ବିମାନ ବନ୍ଦରରେ ବିସ୍ଫୋରଣ ହୋଇଥିଲା, ହେଲେ ଆଜି ସକାଳୁ ଏୟାରପୋର୍ଟରେ ପୁଣି ହଜାର ହଜାର ଲୋକ ଏକାଠି ହୋଇଛନ୍ତି । ବିସ୍ଫୋରଣ ପରେ ମଧ ଲୋକଙ୍କ ମଧ୍ୟରେ ଭୟ ନାହିଁ । ଆଫଗାନିସ୍ତାନ ଛାଡି ପଳାଇଯିବା ପାଇଁ ସମସ୍ତେ ବ୍ୟଗ୍ର । ସେଠାରେ ଭିଡ ଜମାଇବାର ଆଉ ଏକ ବଡ଼ କାରଣ ହେଉଛି ଯେ, ଆଜି ବିଭିନ୍ନ ଦେଶ ସେମାନଙ୍କ ବିମାନ କାବୁଲ ଏୟାରପୋର୍ଟ ଛାଡିବା ଆରମ୍ଭ କରିଥିଲା । ତେଣୁ ସେମାନଙ୍କୁ କାଳେ ସୁଯୋଗ ମିଳିଯିବ, ସେଥିପାଇଁ ବିମାନ ବନ୍ଦର ବାହାରେ ଭିଡ ଜମାଇଛନ୍ତି ।

# ୧୪ଟି ପ୍ରସ୍ତାବ ଉପରେ କ୍ୟାବିନେଟ୍ ମୋହର

## ଇ-ଯାନ କିଣିବାକୁ ପ୍ରୋତ୍ସାହନ ପାଇଁ ଆସିଲା ପଲିସି



ଭୁବନେଶ୍ୱର,୨୭/୦୮ (ନି.ପ୍ର): ଓଡ଼ିଶାରେ ଅବଧି ଶେଷ ହୋଇଥିବା ପୁରୁଣା ଗାଡ଼ିଗୁଡ଼ିକୁ ରଦ୍ଦ ଓ ବୈଦ୍ୟୁତିକ ମୋଟରଯାନ କିଣିବା ପାଇଁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ରାଜ୍ୟ କ୍ୟାବିନେଟ 'ଓଡ଼ିଶା ବୈଦ୍ୟୁତିକ ମୋଟରଯାନ ନୀତି-୨୦୨୧'କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ୨୦୨୫ ମସିହା ସୁଦ୍ଧା ରାଜ୍ୟରେ ୨୦ ପ୍ରତିଶତ ଇଲେକ୍ଟ୍ରିକ ଅବା ବ୍ୟାଟେରୀ ଚାଳିତ ମୋଟରଯାନ ଚଳାଚଳ କରିବାକୁ ଏହି ନୀତିରେ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏହାସହିତ ରାଜ୍ୟ କ୍ୟାବିନେଟ ଆଜି ମୋଟ ୧୪ଟି ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ସନ୍ଧ୍ୟାରେ ଭର୍ଚୁଆଲ ମୋଡରେ ରାଜ୍ୟ କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକର ନିଷ୍ପତି ସମ୍ପର୍କରେ ମୁଖ୍ୟ ସଚିବ ସୁରେଶ କୁମାର ମହାପାତ୍ର ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଇ-ଯାନ ନୀତି ବ୍ୟତୀତ ଓଡ଼ିଶା ବାଲି ନୀତି-୨୦୨୧କୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ଓଡ଼ିଶା ଭେଟେନାରୀ ସର୍ଭିସ୍ କ୍ୟାଡରର ପୁନର୍ଗଠନକୁ ଅନୁମୋଦନ ମିଳିଛି । ଏହାଦ୍ୱାରା ଭେଟେନାରୀ ସେବା ପଦବୀ ସଂଖ୍ୟା ୧୪୮୧ରୁ ୧୯୧୦କୁ ବୃଦ୍ଧି ହେବ। ସେହିପରି ଓଡ଼ିଶା ସୋସିଆଲ୍ ସିକ୍ୟୁରିଟି ସର୍ଭିସ-୨୦୨୧ ସଂଶୋଧନ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । କାନପୁର ଜଳସେଚନ ପ୍ରକଳ୍ପରେ ପ୍ଲାଷ୍ଟିକ କଙ୍କ୍ରିଟ୍ ପାଇଁ ହୋଇଥିବା ଟେଣ୍ଡରକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି । ଓଡ଼ିଶା ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ ଆଇନ ସଂଶୋଧନରେ କ୍ୟାବିନେଟ୍ ମୋହର ବାଜିଛି । ଏଥିରେ ପ୍ରିନସିପାଲଙ୍କୁ ଡିଡିଓ କ୍ଷମତା ଦିଆଯାଇଛି । ତାଙ୍କ ଅଧୀନରେ ଥିବା ସମସ୍ତ କର୍ମଚାରୀଙ୍କ ପ୍ରୋଭିଜିନାଲ ପେନସନକୁ ମଞ୍ଜୁର କରିପାରିବେ । ଜଜ୍ କୋର୍ଟ ଓ ଅଧସ୍ତନ କୋର୍ଟର ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ କ୍ୟାଡର ରୁଲ୍ କୁ କ୍ୟାବିନେଟ୍ ଅନୁମୋଦନ କରିଛି । ଓଡ଼ିଶା ଆଦର୍ଶ ବିଦ୍ୟାଳୟର ରକ୍ଷଣାବେକ୍ଷଣ କରିବ ପଂଚାୟତ । ଏହାସହ ଷ୍ଟିଲ୍ ଓ ମାଇନ୍ସ ବିଭାଗର ୪ଟି ସର୍ଭିସ୍ ରୁଲ୍ କୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁର କରିଛି । ହସ୍ତତନ୍ତ ବିଭାଗର କାରବାର ନିୟମରେ ସଂଶୋଧନକୁ ଅନୁମୋଦନ ମିଳିଛି। ଏଥିରୁ କୁଟୀର ଶିଳ୍ପକୁ ବାଦ୍ ଦେଇ ଅନ୍ୟାନ୍ୟ କାର୍ଯ୍ୟକାରୀ ଶିଳ୍ପକୁ ସାମିଲ କରାଯାଇଛି। ମୌସୁମୀ ଅଧିବେଶନକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି । ସେପଟ୍ଟେମ୍ବର ୧ତାରିଖରୁ ବିଧାନସଭା ଆରମ୍ଭ ହେବ।

### ବିଜେପିରେ ସାମିଲ ହେଲେ ପଦ୍ମସାଳି ସଂଘର ବହୁ ନେତୃବୃନ୍ଦ

ଭୁବନେଶ୍ୱର,୨୭/୦୮(ନି.ପ୍ର): ଓଡିଶା ପଦ୍ମସାଳି ସଂଘର ବହୁ ପଦାଧିକାରୀ ଏବଂ କାର୍ଯ୍ୟକର୍ତା ଆଜି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି । ପଛୁଆ ବର୍ଗରୁ ଆସିଥିବା ପଦ୍ମସାଳି ସଂଘର ରାଜ୍ୟ ସଭାପତି କେ.ଚନ୍ଦ୍ରଶେଖରଙ୍କ ନେତୃତ୍ୱରେ କେ.ବାଲାଜି ପାତ୍ର, ବିଲ୍ଟୁ ପାତ୍ର, ବିଚିତ୍ର ପାତ୍ର, କେ.ରାଜୁ. ପ୍ରମୋଦ ପାତ୍ର, ନୃସିଂହ ମେକପ, ବିଜୟ ପାତ୍ର, ଦମୟନ୍ତୀ ପାତ୍ର ପ୍ରମୁଖଙ୍କ ସମେତ ବହୁ କାର୍ଯ୍ୟକର୍ତା ବିଜେପିରେ ସାମିଲ ହୋଇଛନ୍ତି । ରାଜ୍ୟ ସଭାପତି ସମୀର ମହାନ୍ତି ସମସ୍ତ ନୂତନ ସଦସ୍ୟଙ୍କୁ ଉତରୀୟ ପିନ୍ଧାଇ ପାର୍ଟୀରେ ସ୍ୱାଗତ ଜଣାଇଥିଲେ । ଏହି ଅବସରରେ ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର, ରାଜ୍ୟ ସଂପାଦିକା ପିଙ୍କି ପ୍ରଧାନ, ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, ରାଜ୍ୟ ମୁଖପାତ୍ର ସୋନାଲୀ ସାହୁ, ଟି.ଉମାଶଂକର ପ୍ରମୁଖ ଉପସ୍ଥିତ ଥିଲେ ।

# ଅଡୁଆରେ ଆଇନମନ୍ତ୍ରୀ ପ୍ରତାପ ଜେନା

## ସାନି ତଦନ୍ତ ପାଇଁ କୋର୍ଟ ନିର୍ଦ୍ଦେଶ ଦେବା ପରେ ବିଜେପିର ବିକ୍ଷୋଭ



ଭୁବନେଶ୍ୱର,୨୭/୦୮(ନି.ପ୍ର): ମନ୍ତ୍ରୀ ପ୍ରତାପ ଜେନାଙ୍କୁ ବହିଷ୍କାର କର । ମାହାଙ୍ଗା ଡବଲ୍ ମର୍ଡର ଘଟଣାରେ ସରକାର ମନ୍ତ୍ରୀଙ୍କୁ ଘଂଟ ଘୋଡାଇ ରଖିଥିବା ଅଭିଯୋଗ କରି ରାସ୍ତାକୁ ଓହ୍ଲାଇଛି ବିଜେପି । ରାଜଧାନୀରେ ହୋଇଥିବା ଏହି ଅନ୍ଦୋଳନ ସ୍ପଷ୍ଟ ବାର୍ତା ଦେଉଛି, ଆଗାମୀ ଦିନରେ ହେବାକୁ ଥିବା ବିଧାନସଭା ଅଧିବେଶନ ସମୟରେ ମନ୍ତ୍ରୀଙ୍କ ଅଡୁଆ ବଢିପାରେ । କିଛି ସମୟ ଧରି ରଣକ୍ଷେତ୍ର ପାଲଟିଥିଲା ରାଜଧାନୀ ରାଜରାସ୍ତା ଯାହାର ପ୍ରଭାବ ମାହାଙ୍ଗାରେ ବି ଅନୁଭୁତ ହୋଇଥିଲା । ଚାର୍ଜଶିଟରୁ ମନ୍ତ୍ରୀଙ୍କ ନାଁ ବାଦ୍ ପଡିବା, କୋର୍ଟରେ ପ୍ରୋଟେଷ୍ଟ ପିଟିସନ୍ ଫାଇଲ୍ ହେବା, ମନ୍ତ୍ରୀଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ କୋର୍ଟ ନିର୍ଦ୍ଦେଶ ଦେବା ପରେ ପୁଣି ରାଜ୍ୟ ରାଜନୀତିର ସେଂଟର ଷ୍ଟେଜକୁ ଆସିଛନ୍ତି ଆଇନ ମନ୍ତ୍ରୀ ପ୍ରତାପ ଜେନା । ପୁରା ମାମଲାରେ ତାଙ୍କ ସଂପୃକ୍ତି ରହିଛି କି ନାହିଁ, ତାର ତଦନ୍ତ ଆରମ୍ଭ ହେବ । ଏବେ ପ୍ରଶ୍ନ ଉଠୁଛି - କେଉଁ ଆଧାରରେ ପୁଣି ମାମଲା ଆଗକୁ ବଢାଇବେ ତଦନ୍ତକାରୀ ଅଧିକାରୀ ? ପୂର୍ବରୁ ମନ୍ତ୍ରୀଙ୍କୁ ନିର୍ଦ୍ଦୋଷ ସାର୍ଟିଫିକେଟ ମିଳିଥିବାରୁ, ତଦନ୍ତ ଠିକରେ ଆଗେଇବ ତ ? ସିଡିଆରକୁ ଆଧାର କରି କ୍ଲିନଚିଟ୍ ଦେଇଥିବା ଅଧିକାରୀ ଏବେ କରିବେ କଣ ? ମନ୍ତ୍ରୀ ନିଜ କ୍ଷମତାର ପ୍ରୟୋଗ କରି ତଦନ୍ତକୁ ଦିଗହରା କରିବେ ନାହିଁ ତ ? ଏମିତି ଅନେକ ପ୍ରଶ୍ନ ଚାରିଆଡୁ ଉଠୁଥିବା ବେଳେ କଂଗ୍ରେସ ମାମଲାରେ ବିଚାର ବିଭାଗୀୟ ତଦନ୍ତ ଦାବି କରିଛି । ବିଜେପି କହିଛି ବିଧାନସଭାରେ ଏହି ପ୍ରସଙ୍ଗ ଉଠିବ । ଆଉ ବିଜେଡିର ଜବାବ ହେଲା, ତଦନ୍ତ ଚାଲିଛି, ଆଇନ ଅନୁଯାୟୀ ପଦକ୍ଷେ ପ ନିଆଯିବ । ସେପଟେମ୍ବର ପହିଲାରୁ ଆରମ୍ଭ ହେଉଛି ବଧଶାନସଭାର ମୌସୁମୀ ଅଧିବେଶନ । ଆଇନଶୃଙ୍ଖଳା ପରିସ୍ଥିତି ଏକ ପ୍ରମୁଖ ମୁଦ୍ଦା ହୋଇ ପୁରା ଅଧିବେଶନରେ ପ୍ରଭାବ ବିସ୍ତାର କରିବାର ଅନୁମାନ କରାଯାଉଛି । ଆଉ ଉଭୟ ବିରୋଧୀ କ୍ୟାମ୍ପରୁ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ନେଇ ଯେଉଁ ମୁଦ୍ଦା ଉଠିବ, ତାକୁ ଶାସକ ଦଳ କିଭଳି ମୁକାବିଲା କରୁଛନ୍ତି, ତାଉପରେ ନଜର ।

### ମୌସୁମୀ ଅଧିବେଶନ ପୂର୍ବରୁ ବସିଲା ସର୍ବଦଳୀୟ ବୈଠକ

ଭୁବନେଶ୍ୱର,୨୭/୦୮ (ନି.ପ୍ର): ସେପ୍ଟେମ୍ବର ପହିଲାରୁ ଆରମ୍ଭ ହେବାକୁ ଯାଉଥିବା ଆଗାମୀ ମୌସୁମୀ କାଳୀନ ଅଧିବେଶନକୁ ସୁରୁଖୁରୁରେ ଚଳାଇବା ପାଇଁ ଶୁକ୍ରବାର ବିଧାନସଭା ସମ୍ମିଳନୀ କକ୍ଷରେ ବାଚସ୍ପତି ଡ଼ଃ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଚସ୍ପତି ଅଧିବେଶନକୁ ସୁରୁଖୁରୁରେ ଚଳାଇବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକ ପରେ ବାଚସ୍ପତି କହିଥିଲେ ଯେ ସେପ୍ଟେମ୍ବର ୦୧ ତାରିଖ ଠାରୁ ୦୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଉକ୍ତ ସ୍ୱଳ୍ପକାଳୀନ ଅଧିବେଶନରେ ପ୍ରଥମାର୍ଦ୍ଧ ଅଧିବେଶନ ପୂର୍ବାହ୍ନ ୧୦.୩୦ ଠାରୁ ଅପରାହ୍ନ ୦୧.୩୦ ମିନିଟ୍ ଏବଂ ଦ୍ୱିତୀୟାର୍ଦ୍ଧ ଅପରାହ୍ନ ୦୪.୦୦ଟାରୁ ୦୬.୦୦ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।


▶▶ପୃଷ୍ଠା ୭


# ଉତ୍କଳ ବିଶ୍ୱବିଦ୍ୟାଳୟର ଆଲୁମିନି ସଂଘର ଭର୍ଚୁଆଲ ବାର୍ଷିକ ଉତ୍ସବ

## ରାଜ୍ୟରେ ଉଚ୍ଚ ଶିକ୍ଷା ବ୍ୟବସ୍ଥାକୁ ଆଗକୁ ନେବାରେ ଉତ୍କଳ ବିଶ୍ୱବିଦ୍ୟାଳୟର ଭୂମିକା ଅତୁଳନୀୟ : ଧର୍ମେନ୍ଦ୍ର



ଭୁବନେଶ୍ୱର,୨୭/୦୮ (ନି.ପ୍ର): ରାଜ୍ୟରେ ଉଚ୍ଚ ଶିକ୍ଷା ବ୍ୟବସ୍ଥାକୁ ଆଗକୁ ନେବାରେ ଉତ୍କଳ ବିଶ୍ୱବିଦ୍ୟାଳୟର ଭୂମିକା ଅତୁଳନୀୟ। ଓଡ଼ିଶାର ସମାଜ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଅନ୍ତରାଷ୍ଟ୍ରୀୟ ସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ଅନେକ ବ୍ୟକ୍ତିତ୍ୱଙ୍କର ଲମ୍ବା ତାଲିକାର ଆଦିଭୂମି ଉତ୍କଳ ବିଶ୍ୱବିଦ୍ୟାଳୟ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶୁକ୍ରବାର ନୂଆଦିଲ୍ଲୀରୁ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ଉତ୍କଳ ବିଶ୍ୱବିଦ୍ୟାଳୟର ଆଲୁମିନି ସଂଘର ବାର୍ଷିକ ଉତ୍ସବରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ସରକାରଙ୍କ ଦାୟିତ୍ୱ ବ୍ୟତିତ ଆମେ ପୁରାତନ ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟକୁ ନୂଆ ରୂପ ଦେବା ପାଇଁ ସାମୂହିକ ପ୍ରଚେଷ୍ଟା କରିବା ଦରକାର। ବିଶ୍ୱବିଦ୍ୟାଳୟର ଭିତିଭୂମିକୁ ଅଧିକ ସୁଦୃଢ଼ କରିବା ପାଇଁ ଆଲୁମିନା କେବଳ ଆର୍ଥିକ ଯୋଗଦାନ ଦେଲେ ହେବ ନାହିଁ ବରଂ ନୂଆ ଚିନ୍ତାଧାରା, ନବସୃଜନର ଯୋଗଦାନ ରଖିବା ମଧ୍ୟ ଜରୁରୀ । ଏକବିଂଶ ଶତାବ୍ଦୀରେ ଓଡ଼ିଶାକୁ ଆଗକୁ ନେବାକୁ ହେଲେ ବିଶ୍ୱବିଦ୍ୟାଳୟକୁ ଆଗକୁ ନେବା ପାଇଁ ପଡ଼ିବ ବୋଲି ଶ୍ରୀ ପ୍ରଧାନ କହଛନ୍ତି । ଏହି ଭର୍ଚୁଆଲ ଉତ୍ସବରେ ଶ୍ରୀ ପ୍ରଧାନ ବିଶ୍ୱବିଦ୍ୟାଳୟର ଥିବା ଭୂମିକା ଉପରେ ଆଲୋକପାତ କରିବା ସହ ଆଲୁମିନିର ବିଶ୍ୱବିଦ୍ୟାଳୟ ପାଇଁ ଥିବା ଅବଦାନ ଉପରେ ଆଲୋଚନା କରିଥିଲେ।

# ଆଜି ବଙ୍ଗୋପସାଗରରେ ଲଘୁଚାପ



ଭୁବନେଶ୍ୱର,୨୭/୦୮(ନି.ପ୍ର): ଉତର ପଶ୍ଚିମ ତଥା ପଶ୍ଚିମବଙ୍ଗ ଉପକୂଳରେ ସୃଷ୍ଟି ଘୁର୍ଣ୍ଣବଳୟ ପ୍ରଭାବରେ ଆସନ୍ତା କାଲି (ଶନିବାର) ଉତର-ପଶ୍ଚିମ ତତ-ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ଗୋଟିଏ ଲଘୁଚାପକ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା। ସମ୍ଭାବନା ରହିଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ଆକଳନ କରିଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ଗଜପତି , ଗଂଜାମ, ପୁରୀ, ଖୋର୍ଦ୍ଧା , ଜଗତସିଂହପୁର, ନୟାଗଡ, କଟକ,ଅନୁଗୁଳ, ଦେବଗଡ ଓ କନ୍ଧମାଳ ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା। ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ ,ଖୋର୍ଦ୍ଧା ନୟାଗଡ, ଗଂଜାମ, ଗଜପତି, କେନ୍ଦୁଝର, ମୟୁରଭଂଜ, ଅନୁଗଳ , ଢେଙ୍କାନାଳ , କନ୍ଧମାଳ, ବୌଦ୍ଧ, ରାୟଗଡା, କୋରାପୁଟ ଓ ମାଲକାନଗିରି ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହିସବୁ ଜିଲ୍ଲାଗୁଡିକୁ ୟେଲା ୱାର୍ଣ୍ଣି ଜାରି କରିଛି ପାଣପଗ ବିଭାଗ। ସେହିପରି ୨୮ ତାରିଖରୁ ୨୯ ତାରିଖ ମଧ୍ୟରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ , ରାୟଗଡା, ଗଜପତି, ଗଂଜାମ ଆଦି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ବେଳେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ ,ଖୋର୍ଦ୍ଧା ନୟାଗଡ, ଗଂଜାମ, ଗଜପତି, କେନ୍ଦୁଝର, ମୟୁରଭଂଜ, ଅନୁଗଳ , ଢେଙ୍କାନାଳ ,କନ୍ଧମାଳ ଓ ବୌଦ୍ଧ ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି।

# କଟକ ଏସ୍‌ସିବିରେ ଏକମୋ ୟୁନିଟର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୭/୦୮(ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର କଟକର ଶ୍ରୀରାମଚନ୍ଦ୍ର ଭଂଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ସ୍ଥାପିତ ହୋଇଥିବା ୯ଟି ଏକ୍‌ମୋ ମେସିନକୁ ଜନସାଧାରଣଙ୍କ ପାଇଁ ଲୋକାର୍ପିତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଡାକ୍ତରଖାନାରେ ସ୍ଥାପିତ ହୋଇଥିବା ଏକ୍ ମୋ ମେସିନ ଗୁଡିକୁ ବୁଲି ଦେଖିଥିଲେ। ମୁଖ୍ୟମନ୍ତ୍ରୀ ଶୁକ୍ରବାର ଦିନ କଟକ ଗସ୍ତରେ ଆସି ବୋସ ଅସ୍ଥାୟୀ ହ୍ୟାଲିପେଡ୍‌ରେ ପହଂଚିବା ପରେ ଏସ୍‌ସିବି ଅଭିମୁଖେ ଯାଇଥିଲେ ଏବଂ ସେଠାରେ ପୂର୍ବ ଭାରତର ଏହି ବଡ଼ ଏକମୋ ୟୁନିଟ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏକ୍‌ମୋ ଚିକିତ୍ସା ଖୁବ୍ ବ୍ୟୟବହୁଳ । ତେଣୁ ରାଜ୍ୟ ସରକାର ଏହି ସେବା ମାଗଣାରେ ଲୋକଙ୍କୁ ଯୋଗାଇ ଦେବେ। ଶ୍ରୀ ପଟ୍ଟନାୟକ ଆହୁରି କହିଛନ୍ତି ଯେ ଦ୍ୱିତୀୟ ଲହରର ସ୍ମୃତି ଖୁବ୍ କଷ୍ଟଦାୟକ । ଲକଡାଉନ କୋହଳ ହୋଇଛି, ହେଲେ ବିପଦ ଟଳିନି । ତୃତୀୟ ଲହର ମୁକାବିଲା ପାଇଁ ସତର୍କ ରହିବାକୁ ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ତୃତୀୟ ଲହରରେ ଶିଶୁ ବେଶି ସଂକ୍ରମିତ ହେବା ଆଶଙ୍କା ରହିଛି । ପିଲାଙ୍କ ସୁରକ୍ଷା ପାଇଁ କୋଭିଡ ନିୟମ ପାଳନ କରିବାକୁ ଅନୁରୋଧ କରିଛନ୍ତି ମୁଖ୍ୟମନ୍ତ୍ରୀ । ମାସ୍କ ପିନ୍ଧିବା ସହ ସାନିଟାଇଜର ବ୍ୟବହାର ଓ ସାମାଜିକ ଦୂରତା ଅବଲମ୍ବନ କରିବାକୁ ମଧ ସେ ନିବେଦନ କରିଛନ୍ତି । ସୂଚନାଯୋଗ୍ୟ ଯେ ଘରୋଇ ଡାକ୍ତରଖାନାରେ ଏକ୍ ମୋ ଚିକିତ୍ସା ପାଇଁ ସର୍ବନିମ୍ନ ଦଶ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ଥାଏ ।ସ୍ଥୂଳ ବିଶେଷ ରେ ଏହା ଆହୁରି ବୃଦ୍ଧି ପାଇଥାଏ ।ତେଣୁ ସରକାରୀ ସ୍ତରରେ ଏହି ଉନ୍ନତ ଚିକିତ୍ସା ସୁବିଧା ଗରିବ ତଥା ମଧ ବିତଲୋକଙ୍କ ପାଇଁ ବିଶେଷ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଆଶା କରାଯାଏ । କଟକୁ ଫେରିବା ବାଟରେ ମୁଖ୍ୟମନ୍ତ୍ରୀ ତାଳଦଣ୍ଡା କେନାଲ ଓ ଏହାର ଦୁଇପାର୍ଶ୍ୱର ସୌନ୍ଦର୍ଯ୍ୟକରଣ ବ୍ୟବସ୍ଥା ବୁଲି ଦେଖି ସନ୍ତୋଷ ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ ପାଣ୍ଡିଆନ ତାଳଦଣ୍ଡା କେନାଲର ସୌନ୍ଦର୍ଯ୍ୟକରଣ ବିଷୟରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଖାଦ୍ୟଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା, ବିଧାୟକଗଣ, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟଶାସନ ସଚିବ ଓ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ମାଲକାନଗିରି ଜିଲ୍ଲା ସ୍ତରୀୟ ଆଇନଗତ ସାକ୍ଷରତା ଉତ୍ସବ ଅନୁଷ୍ଠିତ

ମାଲକାନଗିରି,୨୭/୮ (ନି.ପ୍ର): ମାଲକାନଗିରି ଜିଲ୍ଲା ଆଇନସେବା ପ୍ରାଧି କରଣ ଦ୍ୱାରା ଜିଲ୍ଲା ସ୍ତରୀୟ ଇ - ଆଇନଗତ ସାକ୍ଷରତା ଉତ୍ସବ ଉପଲକ୍ଷେ ଜିଲ୍ଲା ସ୍ତରୀୟ ଏକାଙ୍କିକା , ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧକ୍ଷ ତଥା ଜିଲ୍ଲା ଜର୍ଜ କୁମାରି ରେଖା ପ୍ରସାଦଙ୍କ ତତ୍ୱାବଧାନରେ ମାଲକାନଗିରିରେ ଅନଲାଇନ ମାଧମରେ ଏକାଙ୍କିକା , ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟ କ୍ରମରେ ଜିଲ୍ଲାରେ ଥିବା ପ୍ରାୟ ୧୬ ଗୋଟି ସରକାରୀ ଓ ବେସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ପ୍ରତିଯୋଗିତା ମାନଙ୍କରେ ଭାଗ ନେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷା ଅଧି କାର , ଟ୍ରାଫିକ୍ ନିୟମ ଏବଂ ସଡକ ସୁରକ୍ଷା , ତମାଖୁ ବର୍ଜନ ଆଦି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଇ ପ୍ରବନ୍ଧ,ଚିତ୍ରାଙ୍କନ ଓ ଏକାଙ୍କିକା ପ୍ରତିଯୋଗିତା ଇତ୍ୟାଦି ଅନୁଷ୍ଠିତ କରାଯାଇଥିଲା । ଏକାଙ୍କିକା ପ୍ରତିଯୋଗିତାରେ ସରକାରୀ ଉଚ୍ଚ ବିଦ୍ୟାଳୟ , ବାଲିମେଳାର ଛାତ୍ର ଛାତ୍ରୀ ପ୍ରଥମ ସ୍ଥାନ ଅଧି କାର କରିଥିଲେ ଏବଂ ସରକାରୀ ( ଏସ ଏସ ଡି ) ଉଚ୍ଚ ବିଦ୍ୟାଳୟ ଗମ୍ପାକୋଣ୍ଡାର ଛାତ୍ର ଛାତ୍ରୀ ଦ୍ୱିତୀୟ ସ୍ଥାନ ଅଧି କାର କରିଥିଲେ । ସେହିପରି ପ୍ରବନ୍ଧରେ ପ୍ରସନ୍ନ କୁମାର ପାଢୀ ପ୍ରଥମ ଓ ଶାଳିନୀ ସାଲବମ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ! ସେହିପରି ଚିତ୍ରାଙ୍କନରେ ଅଙ୍କିତ କୁମାର ସାହୁ ପ୍ରଥମ ଏବଂ ଶ୍ରଦ୍ଧାରାଣି ପୂଜାରୀ ଦ୍ୱିତୀୟ ସ୍ଥାନ ଅଧି କାର କରିଥିଲେ । ପ୍ରତ୍ୟେକ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧି କାର କରିଥିବା ପ୍ରତିଯୋଗୀମାନେ ଜୋନାଲ ସ୍ତରୀୟ ପ୍ରତିଯୋଗିତା ଯାହାକି ଗଞ୍ଜାମ ଠାରେ ଅନୁଷ୍ଠିତ ହେବ ସେଠାରେ ଭାଗ ନେବେ ବୋଲି ଜିଲ୍ଲା ଆଇନ ସେବା ପ୍ରାଧିକ ରଣର ସଚିବ ରାକେଶ କୁମାର ମୁଦୁଲି ପ୍ରକାଶ କରିଛନ୍ତି ।

# ବହୁଚର୍ଚ୍ଚିତ ଆରୁହା ପାହାଡରେ ବେଆଇନ ଖନନ ମାମଲା : ଯୁଗ୍ମ କମିଟିର ତଦନ୍ତ

ଧର୍ମଶାଳା,୨୭/୮ (ନି.ପ୍ର): ବହୁ ଚର୍ଚ୍ଚିତ ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧିନ ଆରୁହା ପାହାଡରେ ବେଆଇନ ଖନନ ମାମଲାକୁ ନେଇ ଯାଜପୁର ଜିଲା ପ୍ରଶାସନ ଦ୍ୱାରା ଗଠିତ ଯୁଗ୍ମସ୍ତରୀୟ କମିଟି ଦ୍ୱାରା ଏହି ଘଟଣାର ତଦନ୍ତ କରାଯାଇଛି । ଯାଜପୁର ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅକ୍ଷୟ କୁମାର ମଲିକଙ୍କ ନେତୃତ୍ୱରେ ରାଜ୍ୟ ଖଣି ବିଭାଗ,ପ୍ରଦୂଷଣ ବିଭାଗ, ଭୂତଳ ବିଭାଗ ଓ ରାଜସ୍ୱ ବିଭାଗର ଅଧିକାରୀମାନେ ସାମିଲ ହୋଇଥିଲେ । ସୂଚନା ମୁତାବକ ଆରୁହା କଳାପଥର ପାହାଡରେ ୩ ଏକର ପରିମିତ ବିଶିଷ୍ଟ ଗୋଟିଏ ଖାଦାନ ନିଲାମ ଦିଆଯାଇଥିବା ବେଳେ ମାଫିଆମାନେ ପାହାଡର ବିଭିନ୍ନ ସ୍ଥାନରୁ ବେଆଇନ ଭାବେ ପଥର ଉତ୍ତୋଳନ କରି ଚୋରା ଚାଲାଣ କରିଛନ୍ତି । ଯାହାଫଳରେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଇଛନ୍ତି । ଏହି ବେଆଇନ ଖନନର ତଦନ୍ତ ପାଇଁ ଧର୍ମଶାଳା ଅଂଚଳର ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଲୋକାଯୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ । ଏହି ଅଭିଯୋଗକୁ ଲୋକାଯୁକ୍ତ ଗ୍ରହଣ କରି ଏହାର ତଦନ୍ତ କରିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଆଧାରରେ ଜିଲା ପ୍ରଶାସନ ପ୍ରକ୍ଷରୁ ଗଠିତ ଏହି ଯୁଗ୍ମସ୍ତରୀୟ କମିଟି ଆଜି ପାହାଡ ଅଂଚଳକୁ ଯାଇ ସରଜମିନ ତଦନ୍ତ କରି ଫେରିଛନ୍ତି । ତଦନ୍ତ ପରେ ଏହାର ସବିଶେଷ ରିପୋର୍ଟ ଲୋକାଯୁକ୍ତ ନିକଟରେ ଦାଖଲ କରାଯିବ ବୋଲି ଅତିରିକ୍ତ ଜିଲାପାଳ ଶ୍ରୀ ମଲିକ ତାଙ୍କ ପ୍ରତିକ୍ରୀୟାରେ ପ୍ରକାଶ କରିଛନ୍ତି ।

# ଫୁଲବାଣୀ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଫିଟ୍ ଇଣ୍ଡିଆ ଫ୍ରିଡମ କାର୍ଯ୍ୟକ୍ରମ

କନ୍ଧମାଳ,୨୭/୮ (ନି.ପ୍ର): ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଫିଟ୍ ଇଣ୍ଡିଆ ଫ୍ରିଡମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଫୁଲବାଣୀ ବ୍ଲକ ଅନ୍ତର୍ଗତ ଆଲାମୀ ପଂଚାୟତର ନୁଆରୀପଦର ଗ୍ରାମରେ ସ୍ଥାନୀୟ ସଟାକାର ଯୁବକ ସଂଘର ମିଳିତ ଅନୁକୁଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ନୁଆରୀପଦର ପ୍ରଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଜନାର୍ଦ୍ଦନ ମିଶ୍ର ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବରେ ଦୁତି ପଣ୍ଡା,ସେହି ଅଂଚଳର ସ୍ୱେଛାସେବୀ ମିନି କହଁର,ଚନ୍ଦ୍ରମଣୀ ଦେହୁରୀ ଫୁଲବାଣୀ ନେହେରୁ ଯୁବ କେନ୍ଦ୍ରର ସହକର୍ମୀ ସତ୍ୟବାନ ଦଳବେହେରା ପ୍ରମୁଖ ଯୋଗ ଦେଇଥିଲେ । ଭାରତ ସ୍ୱାଧିନତାର ୭୫ ବର୍ଷ ପୁରଣ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକ ସାଦାରଣ ସଭାରେ ସଟାକାର ଯୁବକ ସଂଘର ସମ୍ପାଦକ ଅର୍ଜୁନ କହଁର ଅତିଥି ସ୍ୱାଗତ କରିଥିଲେ । ପରେ ସେଠାରେ ଗ୍ରାମର ଯୁବକ ଯୁବତୀ ମାନଙ୍କ ଦ୍ୱାରା ଆଜାଦିକି ଅମ୍ରିତ କାର୍ଯ୍ୟକ୍ରମରେ ଗ୍ରାମର ଯୁବକ ଯୁବତୀ ମାନଙ୍କୁ ଆଜାଦୀ ବିଷୟରେ ଅତିଥି ମାନଙ୍କ ଦ୍ୱାରା ସୂଚନା ପ୍ରଦାନ କରାଯିବା ସହିତ ସେମାନଙ୍କୁ ଶପଥପାଠ କରାଯାଇଥିଲା । ପରେ ଗ୍ରାମରେ ଏକ ଶୋଭାଯାତ୍ରା ଗାଁ ପରିକ୍ରମା କରିଥିଲା । ଶେଷରେ ଯୁବକ ସଂଘର ସଭାପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କାଲିମେଳା ଲ୍ୟାମ୍ପରେ ମଣ୍ଡିକାର୍ଡ ପାଇଁ ଭୁଲ ତଥ୍ୟ ଦେଇ ଧରାପଡ଼ିଲେ ୩ ନକଲି ଚାଷୀ

ମାଲକାନଗିରି,୨୭/୮ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ଲ୍ୟାମ୍ପ ରେ ମଣ୍ଡିକାର୍ଡ ହାତେଇବା ପାଇଁ ଭୁଲ ତଥ୍ୟ ଓ ଜାଲପଟ୍ଟା ଦାଖଲ କରି ୩ ଜଣ ନକଲି ଚାଷୀ ଲ୍ୟାମ୍ପ ଦ୍ୱାରା ଧରାପଡିଥିବା ସୂଚନା ମିଳିଛି ।ଘଟଣାରୁ ପ୍ରକାଶ ଯେ ଚାଷି ମାନେ ଧାନ ବିକ୍ରି ପାଇଁ ଲ୍ୟାମ୍ପ ରେ ସମସ୍ତ ଆବଶ୍ୟକୀୟ ପ୍ରମାଣ ପତ୍ର ସହ ଫର୍ମ ଦାଖଲ କରିଥିଲେ ଦାଖଲ ହୋଇଥିବା ପ୍ରମାଣପତ୍ର ଗୁଡିକ ଯାଞ୍ଚ କରାଯାଇଥିଲା । ଏହି ଯାଞ୍ଚ ସମୟରେ ଗୁମୁକା ପଞ୍ଚାୟତ ଏମପିଭି-୧୦ ଗ୍ରାମର ସୁରେନ୍ଦ୍ର ରାୟ ଙ୍କ ପତ୍ନୀ ପ୍ରମିଳା ରାୟ ଧାନମଣ୍ଡି ପାଇଁ ଖାତା ନଂ ୧୬୬ ପ୍ଲଟ ନଂ-୩୮ପ୍ରାୟ ୨ ଏକର ୬୫ ଏରିଆ ଥିବା ପଟ୍ଟା ଦାଖଲ କରିଥିଲେ ।ତେବେ ଏହାକୁ ରାଜସ୍ୱ ନିରୀକ୍ଷକ ଏବଂ ଭିଏଡ଼ବ୍ଲୁ ଗ୍ରାମକୁ ଯାଇ ଯାଞ୍ଚ କରିବା ପରେ ଉକ୍ତ ସ୍ଥାନରେ ନୀଳଗିରି ଗଛ ଲାଗିଥିବା ଦେଖିବାକୁ ପା ଇଥିଲେ ।ପ୍ରମିଳା ନିଜ ଜମିରେ ନୀଳଗିରି ଗଛ ଲଗାଇ ସେହି ପ୍ଲଟ ରେ ଧାନଚାଷ ହୋଇଥିବା ନେଇ ମଣ୍ଡି କାର୍ଡ ପାଇଁ ଆବେଦନ କରିଥିବାର ଜଣାପଡିଛି । ସେହିପରି ନାଲାଗୁଣ୍ଡି ପଞ୍ଚାୟତ ଇଦି କୋଣ୍ଡା ଗ୍ରାମର ଭଙ୍ଗା ମାଡକାମି ର ପୁଅ ପଦିଆ ମାଡକାମି ନିଜ ନାମରେ ମଣ୍ଡିକାର୍ଡ ପାଇଁ ସେହି ଗ୍ରାମର ଅନ୍ୟ ଜଣେ ବ୍ୟକ୍ତିର ପଟ୍ଟା କୁ ଚଞ୍ଚକତା କରି ଲ୍ୟାମ୍ପରେ ଦାଖଲ କରିଥିବା ଲ୍ୟାମ୍ପ ପକ୍ଷରୁ ଚିହ୍ନଟ କରାଯା ଇଛି ।ପଦିଆ ନିଜ ଫର୍ମରେ ଖାତା ନଂ ୫ ପ୍ଲଟ ନଂ ୫୩୫ ଥିବା ପଟ୍ଟା ଦାଖଲ କରିଥିବା ବେଳେ ଏହାଯାଞ୍ଚ ସମୟରେ ଉକ୍ତ ପଟ୍ଟା ଟି ଇଦିକୋଣ୍ଡା ଗ୍ରାମର ଆଡ଼ମା ମାଡକାମି ନାମରେ ରହିଥିବା ଜଣାପଡିଥିଲା । ପଟ୍ଟାରେ ଥିବା ଆଡ଼ମାର ନାମକୁ କମ୍ପ୍ୟୁଟର ଦ୍ୱାରା ଜାଲ କରି ମଣ୍ଡିକାର୍ଡ ହାତେଇବାକୁ ବସିଥିଲା ।ଅନ୍ୟ ଜଣେ ସେହି ଇଦିକୋଣ୍ଡା ଗ୍ରାମର ଆନ୍ଧା ସୋଡିଙ୍କ ପୁଅ ଭୀମା ସୋଡି ନିଜ ନାମରେ ଅନ୍ୟ ଜଣଙ୍କ ପଟ୍ଟା ଦାଖଲ କରି ମଣ୍ଡିକାର୍ଡ ପାଇଁ ହାତେଇଥିବା ବେଳେ ତାଙ୍କୁ ମଧ୍ୟ ଚିହ୍ନଟ କରାଯାଇଛି ।ଭୀମା ସେହି ଗ୍ରାମର ଲକ୍ଷ୍ମା ସୋଡି ଙ୍କର ଥିବା ଖାତା ନଂ ୭୭ ପ୍ଲଟ ନଂ ୪୧୬, ୪୧୭, ୪୨୨,୪୩୦ କୁ ଭୀମା ଚଞ୍ଚକତା କରି ଜମିପଟ୍ଟାରେ ଥିବା ନାମକୁ ବଦଳାଇ ନିଜ ବାପା ଆନ୍ଧା ସୋଡି ନାମରେ ନକଲି ପଟ୍ଟା ତିଆରି କରି ଦାଖଲ କରିଥିବା ଯାଞ୍ଚ ରୁ ଜଣାପଡିଥିଲା । ଏ ନେଇ କାଲିମେଳା ତହସିଲଦାର ମଧ୍ୟ ଦାଖଲ ହୋଇଥିବା ପଟ୍ଟା ଗୁଡିକ ନକଲି ବୋଲି ଚିହ୍ନଟ କରି ଲ୍ୟାମ୍ପକୁ ଜଣାଇଛନ୍ତି ।ତେବେ କାଲିମେଳା ଲ୍ୟାମ୍ପ ରେ ଚାଷୀ ମାନେ ଧାନବିକ୍ରି କରିବା କଥା କିଛି ନୂଆ ନୁହେଁ ପ୍ରତିବର୍ଷ ଭଳି ନକଲିଚା ଷୀ ଓ ଦଲାଲ ମାନେ ଧାନ ବିକ୍ରି କରୁଥିବା ବେଳେ ପ୍ରକୃତ ଚାଷୀ ମାନେ ଧାନବିକ୍ରି କରିବାରୁ ବଞ୍ଚିତ ହେଉଛନ୍ତି ।ତେବେ ବର୍ତମାନ ଫର୍ମ ଯାଞ୍ଚ ସମୟରୁ ୩ ନକଲି ଚାଷି ଧରାପଡିବା ପରେ କାଲିମେଳା ଲ୍ୟାମ୍ପ ପାଇଁ ଚିନ୍ତାର ବିଷୟ ହୋଇଛି ।ଏ ନେଇ ଲ୍ୟାମ୍ପ ପରିଚାଳକ ଚନ୍ଦନ କୁମାର ମାଦଳା ଙ୍କୁ ପଚାରିବାରୁ ୩ ଜଣ ନକଲି ଚାଷି ବାହାରିଥିବା ସୁଚନା ଦେବା ସହ ଏହି ୩ଜଣ ଭୁଲ ତଥ୍ୟ ଦେଇଥିବାରୁ ଏମାନଙ୍କ ନାମରେ କାଲିମେଳା ଥାନାରେ ମାମଲା ରୁଜୁ କରାଯିବା ସହ ଅନ୍ୟାନ୍ୟ ଫର୍ମ ଯାଞ୍ଚ ଚାଲିଥିବା ସୂଚନା ଦେଇଛନ୍ତି ।

# ବିଚାରପତିଙ୍କ ଆଦେଶକୁ ଅବମାନନା : ବସ ଜବତ ପାଇଁ କାରଣ ଦର୍ଶାଅ ନୋଟିସ୍

କେନ୍ଦ୍ରାପଡ଼ା,୨୭/୮ (ନି.ପ୍ର): ଓଡିଶା ସଡକ ରାଜ୍ୟ ପରିବହନ ନିଗମର ବସ ଧକ୍କାରେ ପ୍ରାଣ ହରାଇଥିବା ପିଡିତଙ୍କ ପରିବାରକୁ କ୍ଷତି ପୁରଣ ଦେବା ବାବଦରେ ମଟର ଦୁର୍ଘଟଣା କ୍ଷତି ପୁରଣ ଟ୍ରିବୁନାଲ ଜଜ୍ ଗୌରୀ ଶଙ୍କର ଶତପଥୀ ଦେଇଥିବା ନିର୍ଦ୍ଦେଶକୁ ଅବମାନନା କରି କ୍ଷତିପୁରଣ ପ୍ରଦାନ କରୁ ନଥିବାରୁ ପିଡିତ ପରିବାର ପକ୍ଷରୁ ମାନ୍ୟବର ଜିଲ୍ଲା ଜଜ୍‌ଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଥିଲା । ଏହାକୁ ନେଇ ମୃତକଙ୍କ ପତ୍ନୀ ରାଜଲକ୍ଷ୍ମୀ ରାଉତରାୟ ପିଟିସନ ଦାଖଲ କରିଥିଲେ । ଏହି ମାମଲାରେ ମାନ୍ୟବର ଜିଲ୍ଲା ଓ ଦୌରାଜଜ୍ ଗୋପାଳ ଚନ୍ଦ୍ର ବେହେରା ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ଦୀର୍ଘ ୩ ବର୍ଷରୁ ଉର୍ଦ୍ଧ୍ୱ ହେଲା କ୍ଷତି ପୁରଣ ନଦେଇ ଥିବାରୁ ଆସନ୍ତା ୭.୧୦.୨୦୨୧ ତାରିଖରେ କୋର୍ଟରେ ହାଜର ହେବା ସହ ବସ କାହିଁକି ଜବତ କରାନଯିବ ବୋଲି କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି । ଘଟଣାରୁ ପ୍ରକାଶ ୨୦୧୨ ମସିହା ଏପ୍ରିଲ ୨୫ ତାରିଖ ସଂନ୍ଧ୍ୟା ୭.୩୦ ସମୟରେ ଆଚାର୍ଯ୍ୟବିହାର ଛକରେ ବସରେ ଯିବାପାଇଁ ଅପେକ୍ଷା କରିଥିବା ପ୍ରତାପ କୁମାର ରାଉତଙ୍କୁ ଓଡିଶା ରାଜ୍ୟ ସଡକ ପରିବହନ ନିଗମ ର ବସ ଦୃତଗତିରେ ଆସି ଧକ୍କା ଦେବା ଫଳରେ ପ୍ରତାପ ଗୁରୁତର ଅବସ୍ଥାରେ ଚିକିତ୍ସାଧିନ ରହି ମୃତ୍ୟୁବରଣ କରିଥିଲେ । ମୃତକଙ୍କ ପରିବାର ପକ୍ଷରୁ ଏମ୍.ଏ.ସି ନଂ-୨୧/୨୦୧୬ ରେ ଟ୍ରିବୁନାଲ ଙ୍କ ଦ୍ୱାରସ୍ଥ ହେବାରୁ ଟ୍ରିବୁନାଲ ଓ.ଏସ୍.ସି.ଆର୍.ଟି.ସି ର ପରିଚାଳନା ନିର୍ଦ୍ଦେଶକଙ୍କୁ କ୍ଷତି ପୁରଣ ବାବଦକୁ ୪ ଲକ୍ଷ ୬୪ ହଜାର ଟଙ୍କା ଦେବାପାଇଁ ୨୦୧୮ ମସିହାରେ ନିର୍ଦ୍ଦେଶ ଦେଇଥିଲେ । କତୃପକ୍ଷ ଏହାକୁ ଅବମାନନା କରି କ୍ଷତି ପୁରଣ ଦେଉ ନଥିବାରୁ ମାନ୍ୟବର ଜିଲ୍ଲା ଦୌରାଜଜ୍ କାରଣ ଦର୍ଶାଅ ନୋଟିସ୍ ଜାରି କରିବା ସହ କାହିଁକି ବସ ଜବତ ନହେବ ସେଥିପାଇଁ କୈଫିୟତ ତଲବ କରିଛନ୍ତି ।

# ବାଡ଼ମେର-ଜାଲୋରରେ ଭୂକମ୍ପ ଝଟକା

ଜୟପୁର,୨୭/୮ (ନି.ପ୍ର): ପଶ୍ଚିମ ରାଜସ୍ଥାନର ବାଡ଼ମେର ଏବଂ ଜାଲୋର ଜିଲ୍ଲାର କେତେକ ଅଂଚଳରେ ଗୁରୁବାର ସକାଳ ୧୧ଟା ୧୫ ମିନିଟ୍‌ରେ ଭୂକମ୍ପର ହାଲ୍‌କା ଝଟକା ଅନୁଭୂତ ହୋଇଛି । ଭୂକମ୍ପ ଝଟକା ଅନୁଭୂତ ହେବାପରେ ଲୋକମାନେ ଭୟରେ ଘରୁ ବାହାରକୁ ବାହାରି ଆସିଥିଲେ । ରିକ୍ଟର ସ୍କେଲ୍‌ରେ ଭୂକମ୍ପ ଝଟକାର ତୀବ୍ରତା ୪ ବୋଲି ମପାଯାଇଛି । ବାଡ଼ମେର ଜିଲ୍ଲାରେ ଭୂକମ୍ପ ଝଟକା ଧୋରିମନ୍ତ୍ରା ସହ ଆଖପାଖର ଗ୍ରାମାଂଚଳରେ ଅନୁଭୂତ ହୋଇଛି । ଧୋରିମନ୍ତ୍ରାରେ ଲୋକମାନେ ନିଜ ନିଜର ନିତିଦିନିଆ କାମରେ ଲାଗିଥିବା ସମୟରେ ପୂର୍ବାହ୍ନ ୧୧.୧୫ମିନିଟ୍‌ରେ ହାଲ୍‌କା ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା । ଘର ଭିତରେ ବସିଥିବା ଲୋକମାନେ ବାହାରକୁ ବାହାରି ଆସିଥିଲେ ଏବଂ ଆଖପାଖର ଲୋକମାନଙ୍କୁ ମଧ୍ୟ ଘରୁ ବାହାରକୁ ବାହାରିବାକୁ ନିବେଦନ କରିଥିଲେ । ଜାଲୋରର ଚିତଲବାନା, ସାଂଚୌର, ବାଗୋଡ଼ା ଏବଂ ଭୀନମାଲ ଅଂଚଳରେ ମଧ୍ୟ ପାଖାପାଖି୧୧.୧୭ ମିନିଟ୍‌ରେ ହାଲ୍‌କା ଝଟ୍‌କା ଅନୁଭୂତ କରାଯାଇଥିବା ସାଂଚୌରର ଏସ୍‌ଡିଏମ୍ ଓମପ୍ରକାଶ କହିଛନ୍ତି । ସେ କହିଛନ୍ତି ଯେ, ପୂର୍ବାହ୍ନ ୧୧.୧୭ ମିନିଟ୍‌ରେ ଏକ ହାଲ୍‌କା ଝଟ୍‌କା ଅନୁଭବ କରାଯାଇଥିଲା । ଗତମାସରେ ରାଜସ୍ଥାନର ବିକାନେରରେ ଲଗାତାର ଦୁଇଦିନ ପର୍ଯ୍ୟନ୍ତ ଭୂକମ୍ପ ଝଟ୍‌କା ଅନୁଭବ କରାଯାଇଥିଲା । ପ୍ରଥମଦିନ ଭୂକମ୍ପ ତୀବ୍ରତା ୫.୩ ଏବଂ ଦ୍ୱିତୀୟ ଦିନ ୪.୮ ମପାଯାଇଥିଲା ।

# ବର୍ଜ୍ୟବସ୍ତୁ ସୁପରିଚାଳନାର ସଚେତନତାର ବାର୍ତା ନେଇ ପୁରୀରୁ –ଲଦାଖ ଆଭିମୁଖେ ଦୁଃସାହସିକ ମୋଟର ସାଇକେଲ ଯାତ୍ରା

କେନ୍ଦୁଝର,୨୭/୮ (ନି.ପ୍ର): କେବଳ ଗାଁ କି ସହର ନୁହେଁ , ପାହାଡ ପର୍ବତ ଶିଖର ଠାରୁ ସମୁଦ୍ର ଗର୍ଭ ପର୍ଯ୍ୟନ୍ତ ସବୁଆଡେ କୁଢ କୁଢ ବର୍ଜ୍ୟ ବସ୍ତୁ । ଏହି କାରଣ ରୁ ଏବେ ସମଗ୍ର ଭାରତ ବର୍ଷର ଜଳବାୟୁ ଓ ପରିବେଶ ଭୟଙ୍କର ଭାବରେ ପ୍ରଦୂଷିତ । ଯେଉଁଥିପାଇଁ ଜଳବାୟୁ ବାରମ୍ବାର ପରିବର୍ତନ ହେବାରେ ଲାଗିଛି । ଏବଂ ଏହାର ପ୍ରତିକୂଳ ପ୍ରଭାବ ମାନବ ସମାଜ ଉପରେ ପଡୁଛି । ଏହି ଦିଗରେ ସଚେତନତା ସୃଷ୍ଟି ପାଇଁ ତମାଖୁ ମୁକ୍ତ ଓଡିଶା ୨୦୧୩ ମସିହା ଠାରୁ ବର୍ତମାନ ପର୍ଯ୍ୟନ୍ତ ଓଡିଶା ଓ ଭାରତବର୍ଷ କୁ ମୋଟର ସାଇକେଲ ରେ ବୁଲି ବୁଲି ସଚେତନତା ସୃଷ୍ଟି କରୁଥିବା ମିଶନ ଓଡିଶା ର ସମ୍ପାଦକ ତଥା ଇଣ୍ଡିଆ ବୁକ ରେକର୍ଡ ସହ ଓ୍ୟାଲ୍ଡ ରେକର୍ଡ ଇଣ୍ଡିଆ ଓ ମିରାକିଲ ଓ୍ୟାଲ୍ଡ ରେକର୍ଡ ହାସଲ କରିଥିବା ମଧୁସୁଦନ ମିଶ୍ର ଓ ବିଶିଷ୍ଟ ପର୍ବତ ଆରେହୀ ତଥା ବିଶିଷ୍ଟ ସାଇକେଲ ଚଢାଳି ମିତ୍ରଭାନୁ ନାଏକ ପୁରୀ ଠାରୁ ଜଗନ୍ନାଥଙ୍କର ଆର୍ଶିବାଦ ନେଇ ବର୍ଜବସ୍ତୁ ସୁପରିଚାଳନା ର ସଚେତନତା ବର୍ତା ଧରି ମୋଟର ସାଇକେଲ ରେ ଲଦାଖ ଅଭିମୁଖେ ବାହାରିଥିବା ବେଳେ ଆଜି ତଥା ଗୁରୁବାର ସକାଳ ସମୟରେ କେନ୍ଦୁଝର ସ୍ଥିତ ସୁନାମଧନ୍ୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଦ୍‌ଭାବନା ସଂସ୍ଥା ଠାରେ ପହଂଚିଥିଲେ । ସେଠାରେ ତାଙ୍କୁ ସଦ୍‌ଭାବନା ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବା ସହ ସେଠାରେ ସେମାନେ ଅନୁଷ୍ଠାନ ର ଅନ୍ତେବାସୀ ମାନଙ୍କୁ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ସଚେତନ କରିଥିଲେ । ପରେ ପରେ ଝାଡଖଣ୍ଡ , ଛତିଶଗଡ ଆଦି ବିଭିନ୍ନ ରାଜ୍ୟ ଦେଇ ସଚେତନତା ର ବର୍ତା ବାଂଟି ବାଂଟି ସେମାନେ ୨୦ ଦିନ ଭିତରେ ଛଅ ହଜାର କିଲୋମିଟର ରାସ୍ତା ଯାତ୍ରା କରି ଲଦାଖ ରେ ପହଂଚିବାର ଲକ୍ଷ୍ୟ ରଖିଥିବା ସମାଜସେବୀ ମଧୁସୂଦନ ମିଶ୍ର , ବିଶିଷ୍ଟ ପର୍ବତ ଆରୋହୀ ମିତ୍ରଭାନୁ ନାଏକ ପ୍ରମୁଖ ସୂଚନା ଦେବା ସହ ପୁଣି ଯାତ୍ରା ଆରମ୍ଭ କରିଛନ୍ତି ।

# ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ୧୦ ରୂପାନ୍ତରିତ ସ୍କୁଲର ଉଦଘାଟନ କଲେ ମୁଖ୍ୟମନ୍ତ୍ରୀ

ଗଞ୍ଜାମ,୨୭/୮ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳିରେ ଆଜି ପୁଣି ରୂପାନ୍ତରିତ ହୋଇଥିବା ୧୦ଟି ସ୍ମାର୍ଟ ହାଇସ୍କୁଲକୁ ଆଜି ସଂନ୍ଧ୍ୟାରେ ଭିଡ଼ିଓ କନଫରେନ୍ସିଂ ମାଧମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦଘାଟନ କରିଛନ୍ତି । ଏହି ସ୍ମାର୍ଟ ହାଇସ୍କୁଲ ଦ୍ୱାରା ଛାତ୍ରଛାତ୍ରୀ ମାନେ ଆଧୁନିକ ଢ଼ାଂଚାରେ ଡ଼ିଜିଟାଲ ମାଧମରେ ଶିକ୍ଷା ପାଇପାରିବେ ଏବଂ ଇ-ଲାଇବ୍ରେରୀ, ଆଧୁନିକ ଲାବୋରେଟାରୀ ସୁବିଧା ମଧ୍ୟ ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ ନିଜ ଉଦଘାଟନୀ ଭାଷଣରେ ମତବ୍ୟକ୍ତ କରିଥିଲେ ।

ପ୍ରାରମ୍ଭରେ ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତ କୁଲାଙ୍ଗେ ସ୍ୱାଗତ ଭାଷଣ ଦେଇଥିଲେ ଓ ପରିଶେଷରେ ପିଡ଼ି ଡିଆରଡିଏ ସିନ୍ଧେ ଦତାତ୍ରେୟ ଭାଉସାହେବ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ୧୦ଟି ସ୍ମାର୍ଟ ହାଇସ୍କୁଲର ଉଦଘାଟନୀ ଉତ୍ସବରେ ତଥା ଶେରଗଡ଼ ବ୍ଲକ ଗୋବିନ୍ଦପୁର ହାଇସ୍କୁଲରେ ଅତିଥି ରୂପେ ଅନନ୍ତ ନାରାୟଣ ଜେନା ଭୁବନେଶ୍ୱର ମଧ୍ୟ ଏମଏଲଏ, ଖୋର୍ଦ୍ଧା ବିଧାୟକ ଜ୍ୟୋତିନ୍ଦ୍ର ନାଥ ମିତ୍ର, ସାଂସଦ ପ୍ରମିଳା ବିଷୋୟୀ ଓ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଯୋଗ ଦେଇଥିଲେ । ଛାତ୍ରୀ ନିକିତା ଜେନା ସ୍ମାର୍ଟ ହାଇସ୍କୁଲ ସମ୍ପର୍କରେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ । ସେହିପରି ହିଞ୍ଜିଳିକାଟୁ ବ୍ଲକର ଗଣ୍ଡଳା ସ୍ଥିତ ଗଣେଷ ବିଦ୍ୟାପୀଠ ଉଦଘାଟନୀ ଉତ୍ସବରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ମନ୍ତ୍ରୀ ତୁଷାରକାନ୍ତ ବେହେରା ଅତିଥି ରୂପେ ଯୋଗଦେଇଥିଲେ । ବିଦ୍ୟାଳୟର ଛାତ୍ରୀ ସ୍ମୃତିରାଣୀ ସାହୁ ସ୍ମାର୍ଟ ହାଇସ୍କୁଲ ସମ୍ପର୍କରେ ନିଜର ଅନୁଭୂତି ଉପସ୍ଥାପନ କରିଥିଲେ । ଶେରଗଡ଼ ବ୍ଲକର କୃଷ୍ଣଛାଇ ସ୍ମାର୍ଟ ହାଇସ୍କୁଲ ଉଦଘାଟନୀ ଉତ୍ସବରେ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଓ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ଯୋଗ ଦେଇଥିଲେ । ବିଦ୍ୟାଳୟର ଛାତ୍ରୀ ଅଞ୍ଜଳି ପାଣିଗ୍ରାହୀ ସ୍ମାର୍ଟ ହାଇସ୍କୁଲ ସମ୍ପର୍କରେ ନିଜର ଅଭିବ୍ୟକ୍ତି ରଖିଥିଲେ । ହିଞ୍ଜିଳି ବ୍ଲକର ଆଲପୁର ରୂପାନ୍ତରିତ ସ୍କୁଲ ଉଦଘାଟନୀ ଉତ୍ସବରେ ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା, ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥି ଯୋଗ ଦେଇଥିଲେ । ବିଦ୍ୟାଳୟର ଛାତ୍ରୀ ସରସ୍ୱତୀ ପଲାଇ ସ୍ମାର୍ଟ ହାଇସ୍କୁଲ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ । ଏହା ବ୍ୟତୀତ ଶେରଗଡ଼ ବ୍ଲକର ଅଲାରିଗଡ଼ ପଚାଂୟତ ହାଇସ୍କୁଲ ଉଦଘାଟନୀ ଉତ୍ସବରେ ବିଞ୍ଝାରପୁର ବିଧାୟକ ପ୍ରମିଳା ମଲ୍ଲିକ ଏବଂ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଯୋଗ ଦେଇଥିବା ବେଳେ ଛାତ୍ର ସିମ୍ରନ ଜେନା ସ୍ମାର୍ଟ ହାଇସ୍କୁଲ ସମ୍ପର୍କରେ ନିଜର ଅନୁଭୂତି ଉପସ୍ଥାପନ କରିଥିଲେ । ହିଞ୍ଜିଳିକାଟୁ ବ୍ଲକର ପୋଡ଼ିଙ୍ଗି ଶ୍ୟାମଳାଇ ବିଦ୍ୟାପୀଠ ସ୍ମାର୍ଟ ହାଇସ୍କୁଲ ଉଦଘାଟନୀ ଉତ୍ସବରେ କୋରେଇ ବିଧାୟକ ଅଶୋକ କୁମାର ବଳ, ଜୟଦେବ ବିଧାୟକ ଅରବିନ୍ଦ ଢ଼ାଲି ଅତିଥି ଭାବେ ଯୋଗ ଦେଇଥିଲେ । ସହକାରୀ ଶିକ୍ଷୟିତ୍ରୀ ସାଗରିକା ଦାଶ ସ୍ମାର୍ଟ ହାଇସ୍କୁଲର ଆବଶ୍ୟକତା ଓ ଗୁରୁତ୍ୱ ଉପରେ ନିଜର ଅଭିଭାଷଣ ରଖିଥିଲେ । ଶେରଗଡ଼ ବ୍ଲକର ଧବଳ ପୁର ସ୍ମାର୍ଟ ହାଇସ୍କୁଲ ଉଦଘାଟନୀ ଉତ୍ସବରେ ଅତଥି ରୂପେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାୟକ, ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଯୋଗ ଦେଇଥିଲେ । ବିଦ୍ୟାଳୟର ଛାତ୍ରୀ କେ. ଶିବାନି ପାତ୍ର ସ୍ମାର୍ଟ ହାଇସ୍କୁଲ ସମ୍ପର୍କରେ ନିଜର ଅନୁଭୂତି ପ୍ରକାଶ କରିଥିଲେ । ହିଞ୍ଜିଳିକାଟୁ ବ୍ଲକର ଶାରୁ ହାଇସ୍କୁଲ ରୂପାନ୍ତରିତ ସ୍କୁଲ ଉଦଘାଟନୀ ଉତ୍ସବରେ ବରୀ ବିଧାୟିକା ସୁନନ୍ଦା ଦାଶ, ମନ୍ତ୍ରୀ ଡଃ. ଅରୁଣ କୁମାର ସାହୁ ଅତିଥି ରୂପେ ଯୋଗ ଦେଇଥିଲେ । ଛାତ୍ର ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ସ୍ମାର୍ଟ ହାଇସ୍କୁଲ ଦ୍ୱାରା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ ବୋଲି ଆଶାବ୍ୟକ୍ତ କରିଥିଲେ । ଶେରଗଡ଼ ବ୍ଲକର କୁରୁଳା ସରକାରୀ ସ୍ମାର୍ଟ ହାଇସ୍କୁଲ ଉଦଘାଟନୀ ଉତ୍ସବରେ ଭୁବନେଶ୍ୱର ମଧ୍ୟ ବିଧାୟକ ସୁଶାନ୍ତ କୁମାର ରାଉତ ଏବଂ ମନ୍ତ୍ରୀ ସମିର ରଞ୍ଜନ ଦାଶ ଅତିଥି ରୂପେ ଯୋଗ ଦେଇଥିଲେ । ଶିକ୍ଷୟିତ୍ରୀ କବିତା ସାହୁ ସ୍ମାର୍ଟ ହାଇସ୍କୁଲ ଦ୍ୱାରା ଛାତ୍ରଛାତ୍ରୀ ମାନେ ଉନ୍ନତ ମାନର ଜ୍ଞାନ ଆହରଣ କରିପାରିବେ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ । ଅନନୁରୂପ ଭାବେ ହିଞ୍ଜିଳି ବ୍ଲକର କଂଚୁଡୁ ସରକାରୀ ହାଇସ୍କୁଲ (ସ୍ମାର୍ଟ ହାଇସ୍କୁଲ) ଉଦଘାଟନୀ ଉତ୍ସବରେ ଅତିଥି ରୂପେ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ଏବଂ ମନ୍ତ୍ରୀ ପଦ୍ମନାଭ ବେହେରା ଯୋଗ ଦେଇଥିଲେ । ବିଦ୍ୟାଳୟର ଛାତ୍ରୀ ସ୍ୱର୍ଣ୍ଣମୟୀ ସାହୁ ସ୍ମାର୍ଟ ହାଇସ୍କୁଲର ଉପକାରିତା ଉପରେ ବକ୍ତବ୍ୟ ରଖିଥିଲେ ।

ଏହି ଉଦଘାଟନୀ ଉତ୍ସବ ଗୁଡିକରେ ଜିଲ୍ଲାର ପଦସ୍ଥ ଅଧିକାରୀ, ଜନ ପ୍ରତିନିଧି, ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ । ଉଦଘାଟନୀ ଉତ୍ସବରେ ଯୋଗ ଦେଇଥିବା ଅତିଥି ମାନଙ୍କୁ ପ୍ରଥମେ ଜିଲ୍ଲା ପ୍ରଶାସନ ପକ୍ଷରୁ ଛତ୍ରପୁର ନିକଟସ୍ଥ ତାମ୍ପରା ଠାରେ ସ୍ୱାଗତ କରାଯାଇଥିଲା । ଏହାପରେ ଅତିଥି ମାନେ ଗଞ୍ଜାମର ଇଷ୍ଟଦେବୀ ମା ତାରା ତାରିଣୀଙ୍କ ଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୀର୍ଘାୟୁ କାମନା କରି ଦୀପଦାନ କରିଥିଲେ । ଏହାପରେ ହାଇସ୍କୁଲର ଉଦଘାଟନୀ ଉତ୍ସବ ଗୁଡିକରେ ଯୋଗ ଦେଇଥିଲେ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ଦୁଇଟି ପର୍ଯ୍ୟାୟରେ ମୋଟ୍ ୨୦ ଟି ରୂପାନ୍ତରିତ ସ୍ମାର୍ଟ ହାଇସ୍କୁଲକୁ ଭିଡ଼ିଓ କନଫରେନ୍ସିଂ ମାଧମରେ ଉଦଘାଟନ କରିଥିଲେ ମୁଖ୍ୟମନ୍ତ୍ରୀ ।

# ୫ଲକ୍ଷରୁ ଉର୍ଦ୍ଧ୍ୱ ଠକେଇ ଅଭିଯୁକ୍ତଙ୍କୁ ଖୋଜୁଛି କେନ୍ଦ୍ରାପଡା ଟାଉନ ପୋଲିସ

କେନ୍ଦ୍ରାପଡ଼ା,୨୭/୮ (ନି.ପ୍ର): ମହିଳା ସମିତିକୁ ଋଣ କରାଇଦେବା, ଚାକିରୀ କରାଇଦେବା ଓ ସରକାରୀ ସୁବିଧା ସୁଯୋଗକରାଇଦେବା ଭଳି ପ୍ରଲୋଭନ ଦେଖାଇ ବୀଶେଷକରି ମହିଳା ମନାଙ୍କୁ ଟାର୍ଗେଟ କରି ଲୁଟି ନେଉଥିବା ଜଣେ ଅଭିଯୁକ୍ତଙ୍କୁ କେନ୍ଦ୍ରାପଡା ଟାଉନ ପୋଲିସ ଖୋଜୁଥିବା ଜଣାପଡିଛି । ଅଭିଯୁକ୍ତ ଜଣକ କେନ୍ଦ୍ରାପଡା ପୌର ସଂସ୍ଥାର ଜଣେ ଅବସରପ୍ରାପ୍ତ କର୍ମଚାରୀ ଗୋଲଖ ଚନ୍ଦ୍ର ପଡିହାରୀ ବୋଲି ଥାନା ସୂତ୍ରରୁ ଜଣାପଡିଛି । କେନ୍ଦ୍ରାପଡା ଟାଉନ ଥାନାରେ ତାଙ୍କ ନାମରେ ୧୪୯/୨୧ରେ ଏକ ଠକେଇ ମାମଲା ରୁଜୁ ହୋଇଛି । ନିଜକୁ ବିଜେଡି ନେତା ବୋଲାଇବା ସହ ନକଲୀ ସମାଜସେବୀ ସାଜିଥିବା ଗୋଲଖ ଚନ୍ଦ୍ର ପଡିହାରୀ ବଡହାଟର ସ୍ୱର୍ଣ୍ଣଲତା ଦଳାଇ ନାମକ ମହିଳାଙ୍କୁ ଋଣ କରାଇଦେବା ଓ ତାଙ୍କ ଭଣଜାଙ୍କୁ ଚାକିରି କରାଇଦେବା କହି ୨ ଲକ୍ଷ ଟଙ୍କା ସେ ଠକି ନେଇଥିବା କେନ୍ଦ୍ରାପଡା ଟାଉନ୍ ଥାନାରେ ଅଭିଯୋଗ ହୋଇଛି । ଏହା ସହ ଅନ୍ୟ ୩୩ଜଣ ମହିଳାଙ୍କ ଠାରୁ ଋଣ କରାଇଦେବାକୁ କହି ଜଣକ ପିଛା ସାଢେ ୭ହଜାର ଟଙ୍କା କରି ୩ ଲକ୍ଷ ଟଙ୍କା ଠକି ନେଇଛନ୍ତି । କେନ୍ଦ୍ରାପଡା ସମେତ କଟକ, ପୁରୀ, ଭୁବନେଶ୍ୱର, ଜଗତସିଂହପୁର ଜିଲ୍ଲା ସହ ଅନ୍ୟ ଅଂଚଳରୁ ମଧ୍ୟ ସେ ଲୁଟି ନେଇଥିବା ଅଭିଯୋଗ ହୋଇଛି । ଏହା ସହ କେନ୍ଦ୍ରାପଡା ପୌରସଂସ୍ଥାରେ ଚାକିରୀ କରୁଥିବା ସମୟରେ ୬ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଅଗ୍ରୀମ ନେଇ ତାର ହିସାବ ଦେଉନଥିବା କିମ୍ବା ଟଙ୍କା ଫେରଉ ନଥିବା ଅଡିଟ ରିପୋର୍ଟରେ ଦର୍ଶା ଯାଇଥିଲେ ମଧ୍ୟ ରାଜନୈତିକ ଚାପ ପକାଇ ପୌରସଂସ୍ଥାକୁ ଠକି ଚାଲିଥିବା ସୂଚନା ମିଳିଛି । ତାଙ୍କ ନାମରେ ଏଭଳି ଅଭିଯୋଗ ଲମ୍ବିଥିବା ନେଇ ଟାଉନ ଥାନା ପୁଲିସ ସୂଚନା ଦେଇଛି । ସେହିପରି ଏକ ବେସରକାରୀ ସଂସ୍ଥାରେ ସ୍ଥାୟୀ ଜମା କଲେ ଦୁଇଗୁଣ ଲାଭ ମିଳିବ ବୋଲି ପ୍ରଲୋଭନ ଦେଖାଇ ଜଣେ ମହିଳାଙ୍କ ଠାରୁ ୨ ଲକ୍ଷ ଟଙ୍କା ନେଇ ଅର୍ଥ ଦୁଇଗୁଣ ନହେବାରୁ ମହିଳା ଜଣକ ପ୍ରତିବାଦ କରିଥିଲେ । ଏନେଇ ବଡହାଟ ଗ୍ରାମର ସବିତା ସିଂ ଆକ୍ରମଣର ଶିକାର ହୋଇଛନ୍ତି । ସେ ଏନେଇ ଟାଉନ ଥାନାରେ ଏତାଲା ଦାଏର କରିଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତା, ଭିନ୍ନକ୍ଷମ ଭତା, ରେସନ କାର୍ଡ, ମାଗଣା ଉଜାଲା ଗ୍ୟାସ, ଉଠା ଦୋକାନୀ ମାନଙ୍କଠାରୁ ସରକାରୀ ସହାୟତା କରାଇ ଦେବା ଭଳି ବିଭିନ୍ନ ପ୍ରଲୋଭନ ଦେଖାଇ ୨ହଜାର ଟଙ୍କା ପର୍ଯ୍ୟନ୍ତ ଆଦାୟ କରି ନେଇଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି । ତେବେ ଅଭିଯୋଗ ପାଇଲା ପରେ ଟାଉନ ପୋଲିସ ପକ୍ଷରୁ ତାଙ୍କର ମନକରପୁର ସ୍ଥିତ ଘର ସମେତ ବିଭିନ୍ନ ସ୍ଥାନରେ ଚଢାଉ ପରେ ମଧ୍ୟ ଓ ଫେରାର୍ ଥିବା ଟାଉନ ଥାନା ଅଧିକାରୀ ପ୍ରକାଶ କରିଛନ୍ତି ।

# ସଂକ୍ରମଣ କମୁ ଥିବାରୁ ବନ୍ଦ ହେବ ଛତା କୋଭିଡ ହସପିଟାଲ

କେନ୍ଦ୍ରାପଡ଼ା,୨୭/୮ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଛତା ଠାରେ ଥିବା କୋଭିଡ ହଲପିଟାଲକୁ ପ୍ରଶାସନ ପକ୍ଷରୁ ବନ୍ଦ କରାଯିବ । ଜିଲ୍ଲାରେ କରୋନା ସଂକ୍ରମଣର ହାର ହ୍ରାସ ପାଉ ଥିବାରୁ ଛତା ହସପିଟାଲକୁ ବନ୍ଦ କରିବା ନିଷ୍ପତି ପ୍ରଶାସନ ପକ୍ଷରୁ ନିଆଯାଇଛି । ସମସ୍ତ ଚିକିତ୍ସା ସୁବିଧା ଥିଲେ ମଧ୍ୟ ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଉ ଥିବାରୁ କେବଳ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟ ରେ ଥିବା କୋଭିଡ ହସପିଟାଲକୁ ରଖାଯାଇ ଛତା କୋଭିଡ ହସପିଟାଲକୁ ଚଳିତ ମାସ ୩୧ ତାରିଖରେ ବନ୍ଦ କରାଯିବ ବୋଲି ସୁଚନା ମିଳିଛି ।

# ବ୍ୟାଙ୍କ ଶାଖା ପରିଚାଳକଙ୍କର ପିତାମାତା ପ୍ରଶାସନର ଦ୍ୱାରସ୍ଥ

କେନ୍ଦ୍ରାପଡ଼ା,୨୭/୮ (ନି.ପ୍ର): ଜଣେ ବ୍ୟାଙ୍କ ଶାଖା ପରିଚାଳକ ଙ୍କର ପିତାମାତାଙ୍କୁ ପୁଅ ଘରୁ ତଡି ଦେଇଥିବା ନେଇ ନ୍ୟାୟ ପାଇଁ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ବଳିରାଜ ଗ୍ରାମର ବୈକୁଣ୍ଠନାଥ ମହାରଣା ଓ ସୁକାନ୍ତି ମହାରଣା ଉପ ଜିଲ୍ଲାପାଳ ନିରଞ୍ଜନ ବେହେରାଙ୍କୁ ଭେଟି ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ତାଙ୍କର ବଡପୁଅ କାନାରା ବ୍ୟାଙ୍କ ଜଗତସିଂହପୁର ରେ ଶାଖା ପରିଚାଳକ ଭାବେ କାର୍ଯ୍ୟ କରନ୍ତି । ଗତ ୦୧.୦୮.୨୦୨୧ ରେ ସକାଳ ୭ଟା ସମୟରେ ବୈକୁଣ୍ଠ ଘରେ ନଥିବା ସମୟରେ ତାଙ୍କ ବଡପୁଅ ଘରେ ବୋଉକୁ ଘରୁ ତଡିଦେବା ସହିତ ଆସବାବ ପତ୍ର ଫୋପାଡି ଦେଇଥିଲେ । ଯାହା ଫଳରେ ଜୀବନର ଅନ୍ତିମ ସମୟରେ ବୃଦ୍ଧ ପିତାମାତା ଅନ୍ୟଘରେ ଆଶ୍ରୟ ନେବା ସହ ଭୋକ ଉପାସରେ ଦିନ କାଟୁଥିବା ନେଇ ଉପ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ।

# ସିଲ୍କ ଶାଢ଼ିରେ ଟ୍ରେଣ୍ଡି ଡ୍ରେସ୍

**ଘରେ ପୁରୁଣା ସିଲ୍କ ଶାଢ଼ି ଥିବ ଯାହା କେବଳ ୱାର୍ଡରୋବର ଗୋଟିଏ କୋଣରେ ସାଇତା ହୋଇ ରହିଥିବ । ଏହାକୁ ନୂଆ ଅନ୍ଦାଜ୍ ଏବଂ ଷ୍ଟାଇଲିଶ ଲୁକ୍ ଦେବାକୁ ଚାହୁଁଥିଲେ, ଫ୍ୟାଶନ ଦୁନିଆରେ ଆସିଛି ନୂଆ ଫଣ୍ଡା । ଏଭଳି ଶାଢ଼ିରେ ଟ୍ରେଣ୍ଡି ଷହ୍ରସ୍ ତିଆରି କରି ମଡର୍ଣ୍ଣ ଲୁକ୍ ବି ପାଇପାରିବେ ।**



### ସିସଲ୍କ ସ୍କର୍ଟ କିମ୍ବା ସଚାରା:

ସିଲ୍କ ଶାଢ଼ିରେ ସଚାରା ଶୁଟ କିମ୍ବା ସ୍କର୍ଟ ତିଆରି କରି ପିନ୍ଧିପାରିବେ। ଫଙ୍କସନ ପାଇଁ ଏହା ସବୁଠୁ ବେଷ୍ଟ ଅପ୍ସନ। ଏଭଳି ଉପାୟ ଅନେକ ବଲିଉଡ ଅଭିନେତ୍ରୀ ଆପଣାଇ ସାରିଛନ୍ତି । ଚାହିଁଲେ ଏହି ଡିଜାଇନ ପାଇଁ ଡ୍ରେସର ତଳ ଭାଗକୁ ସିମ୍ପଲ ରଖିପାରିବେ ନଚେତ ଶାଢ଼ି ବର୍ଡର ଲଗାଇପାରିବେ ।

### ଡ୍ରେସ୍:

ଯଦି କୌଣସି ବିବାହ ଉତ୍ସବରେ ଯୋଗଦେବାକୁ ଯାଉଛନ୍ତି, ତେବେ ସିଲ୍କ ଶାଢ଼ିରେ ତିଆରି ଡ୍ରେସ୍ ବେଶ୍ ସୁନ୍ଦର ଦିଶିବ । ପୁରୁଣା ଶାଢ଼ିରେ ୱାନ୍ ପିସ୍ ଡ୍ରେସ୍ ତିଆରି କରନ୍ତୁ; ଏହା ଭିଡ଼ ଭିତରୁ ଆପଣଙ୍କୁ ଅଲଗା ଲୁକ୍ ଦେବ । ରହିଲେ ତା' ଉପରେ ଏମ୍ବ୍ରୋୟଡରି ଡିଜାଇନ୍ କରିପାରିବେ ।

**ସିଲ୍କ ଦୁପଟ୍ଟା:** ପ୍ଲେନ ଶୁଟ୍ ସହ ସିଲ୍କ ଶାଢ଼ିରେ ତିଆରି ଦୁପଟ୍ଟା ବେଶ୍ ରୟାଲ ଲୁକ୍ ଦେଇଥାଏ । ପାର୍ଟିୱେର ଭାବେ ଏହାକୁ ବ୍ୟବହାର କରିପାରିବେ ।

### ସିଲ୍କ କୁର୍ତ୍ତା:

ସ୍କର୍ଟ ସହ ସିଲ୍କ କୁର୍ତ୍ତା ପିନ୍ଧିବାର ଟ୍ରେଣ୍ଡ ଏବେ ବେଶ୍ ଚାହିଦାରେ ରହିଛି । ଶାଢ଼ିର ପ୍ଲେନ୍ ଭାଗକୁ ସ୍କର୍ଟ ଏବଂ ପଣତକୁ କୁର୍ତ୍ତା ପାଇଁ ବ୍ୟବହାର କରିପାରିବେ । ଶାଢ଼ି ପଣତର ଡିଜାଇନ ଭାଗକୁ ସମ୍ମୁଖକୁ ରଖିଲେ ବେଶ୍ ସୁନ୍ଦର ଦିଶିଥାଏ ।

## ମସରୁମ୍ କୋର୍ମା



### ସାମଗ୍ରୀ:

କଟାପିଆଜ- ୧କପ୍, କଟା ବଟନ ଛତୁ- ୨କପ୍, କଟା ଆଳୁ- ୧, କଟାଗାଜର-୧/୨କପ୍, ଗ୍ରୀନ ମଟର-୧/୨କପ, କଟା କଞ୍ଚାଲଙ୍କା, ଅଦାରସୁଣ ପେଷ୍ଟ- ୧ଚାମଚ, ଲଙ୍କାଗୁଣ୍ଡ-୧/୨ ଚାମଚ, ଧନିଆଗୁଣ୍ଡ-୧/୨ ଚାମଚ, ହଳଦୀ ଗୁଣ୍ଡ,୧/୨ ଚାମଚ, ଦହି-୧/୨କପ୍, କାଜୁ-୫୦ଗ୍ରାମ, ଚାରମଗଜ-୧/୪ କପ୍, ନଡ଼ିଆ କୋରା- ୧/୨ କପ୍, ତେଜପତ୍ର-୨, ଗୁଜରାତି -୨. ଲବଙ୍ଗ-୨, ଜିରା-୧/୪ ଚାମଚ, ଡାଲଚିନି-୧ଇଞ୍ଚ, କଟା ଧନିଆ ପତ୍ର-୨ଚାମଚ, ଲୁଣ, ତେଲ, ତେଲ ଏବଂ ପାଣି ଆବଶ୍ୟକ ଅନୁସାରେ ।



### ପ୍ରସ୍ତୁତି ପ୍ରଣାଳୀ:

ପ୍ରଥମେ ଟାରମଗଜ, କାଜୁକୁ ପାଣିରେ କିଛି ସମୟ ଭିଜାଇ ରଖନ୍ତୁ । ଗ୍ରାଇଣ୍ଡରରେ କୋରା ନଡ଼ିଆ, ଅଳ୍ପ ପିଆଜ, ଚାରମଗଜ, କାଜୁକୁ ପକାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏବେ କଡ଼େଇରେ ତେଲ ଗରମ କରି ଜିରା, ତେଜପତ୍ର, ଲବଙ୍ଗ, ଗୁଜରାତି ଏବଂ ଡାଲଚିନି ପକାନ୍ତୁ । ସାମାନ୍ୟ ଭାଜି ହେବା ପରେ ବଳକା ପିଆଜ, କଞ୍ଚାଲଙ୍କା ପକାଇ ସୁନେଲି ହେବାକୁ ଛାଡ଼ନ୍ତୁ । ଏବେ ଅଦାରସୁଣ ପେଷ୍ଟ, ଧନିଆ ଗୁଣ୍ଡ, ଜିରାଗୁଣ୍ଡ, ହଳଦୀ, ସାମାନ୍ୟ ଲୁଣ, ଲଙ୍କାଗୁଣ୍ଡ ପକାଇ ମସଲାକୁ କଷନ୍ତୁ । ମସଲା କଷି ହେବା ପରେ ସେଥିରେ ଗ୍ରୀନ ମଟର, ଛତୁ ଏବଂ ଆଳୁ ପକାଇ କିଛି ସମୟ ସିଝିବାକୁ ଛାଡ଼ନ୍ତୁ । ଏବେ ସେଥିରେ କାଜୁ ମିଶ୍ରଣ ପେଷ୍ଟକୁ ପକାଇ ଆଉ ଟିକିଏ ଗୋଳାନ୍ତୁ । ଶେଷରେ ଦହି ଓ ସାମାନ୍ୟ ପାଣି ଲୁଣ ପକାଇ ଘୋଡ଼ାଇ ଦିଅନ୍ତୁ । ଫୁଟିଆସିଲେ ପ୍ଲେଟକୁ କାଢ଼ ଧନିଆ ପତ୍ରରେ ଗାର୍ଣ୍ଣିସ୍ କରି ଗରମ ପରଷନ୍ତୁ ।

## ପୁଷ୍ଟିକର କଖାରୁ

**ସବୁଜ ପନିପରିବା ସ୍ୱାସ୍ଥ୍ୟ ପକ୍ଷେ ହିତକାରୀ ହୋଇଥାଏ । କିନ୍ତୁ କିଛି ପରିବା ଖାଇବା ପାଇଁ ରୁଚିକର ହୋଇନଥିଲେ ବି ସ୍ୱାସ୍ଥ୍ୟ ପାଇଁ ଖାଇବାକୁ ପଡ଼ିଥାଏ । ତେବେ କଖାରୁ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଗୁଣକାରୀ ହୋଇଥାଏ । କଖାରୁ ଦ୍ୱାରା ଯେଉଁ ସବୁ ରୋଗର ଉପଚାର ମିଳେ ସେଗୁଡ଼ିକ ହେଲା:**

***ପେଟ ଜନିତ ସମସ୍ୟା:-*** କଖାରୁ ଖାଇବା ଦ୍ୱାରା ପେଟର ସମସ୍ତ ସମସ୍ୟା ଦୂର ହୋଇଥାଏ । ଏହା ପାଚନ କ୍ରିୟା ନିୟନ୍ତ୍ରଣ କରିଥାଏ । ଏଥିରେ ଥିବା ଡାଇଟାରୀ ଫାଇବର ପେଟର ଅମ୍ଳ ଭାଗକୁ ଦୂର କରିଥାଏ ।

***ମଧୁମେହରୁ ରକ୍ଷା:-*** କଖାରୁରେ ଭରପୂର ଭିଟାମିନ୍- ସି ରହିଥାଏ । ମଧୁମେହ ନିୟନ୍ତ୍ରଣ ପାଇଁ ମଧ୍ୟ ଏହା ଉପକାରୀ ହୋଇଥାଏ । ଇନ୍‌ସୁଲିନ୍ ନେଉଥିବା ମଧୁମେହ ରୋଗୀ ଦିନକୁ ୨ଥର କଖାରୁ ଖାଇବା ଆବଶ୍ୟକ ।

***କର୍କଟରୁ ରକ୍ଷା:-*** କଖାରୁରେ ଆଣ୍ଟିଅକ୍ସିଡେଣ୍ଟର ପରିମାଣ ରହିଥାଏ ଯାହା କର୍କଟରେ ସେଲ୍ ଗୁଡ଼ିକୁ କମାଇବାରେ ସାହାଯ୍ୟ କରେ । ତେଣୁ ଦୈନିକ ସୁପ୍, ସ୍ନାକ୍ସ ଖାଇବା ଆବଶ୍ୟକ ।

***ଦୁଶ୍ଚିନ୍ତାରୁ ମୁକ୍ତି:-*** କଖାରୁ ଖାଇବା ଦ୍ୱାରା ଅନିଦ୍ରା, ଦୁଶ୍ଚିନ୍ତା, ରାଗ ଉପରେ ନିୟନ୍ତ୍ରଣ କ୍ଷମତା ଆଣିଥାଏ । କଖାରୁ ସେବନ ଦ୍ୱାରା ସ୍ମରଣ ଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ ।

***ହୃଦୟର ଯତ୍ନ:-*** ଯଦି ହୃଦୟଜନିତ ସମସ୍ୟା ଥାଏ ତେବେ କଖାରୁ ଖାଇବା ଦ୍ୱାରା ମେଦର ନିୟନ୍ତ୍ରଣ ରହିଥାଏ ଓ ହୃଦୟ ସମ୍ପୂର୍ଣ୍ଣ ସୁସ୍ଥ ରହିଥାଏ ।

***ମେଦର ନିୟନ୍ତ୍ରଣ:-*** ଏହାକୁ ଖାଇବା ଦ୍ୱାରା କ୍ୟାଲେରୀ କମ୍ ଓ ଫାଇବରର ମାତ୍ରା ଅଧିକ ହୋଇଥାଏ । ତେଣୁ ବାରମ୍ବାର ଭୋକ ହୋଇନଥାଏ ଏବଂ ଓଭର ଡାଇଟିଂ କରିବାକୁ ପଡ଼ିନଥାଏ ।

***ଦୃଷ୍ଟିଶକ୍ତି ବଢ଼ିଥାଏ:-*** କଖାରୁରେ ଥିବା ଭିଟାମିନ୍-ଏ ଦ୍ୱାରା ଦୃଷ୍ଟିଶକ୍ତି ବଢ଼ିଥାଏ । ସେଥିପାଇଁ ଦୈନିକ କିଛି ପରିମାଣର କଖାରୁ ଖାଇବା ଆବଶ୍ୟକ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନେଡିଗୁଡ଼ କହୁଣିକୁ ବହିଗଲାଣି...

ଆଫଗାନିସ୍ତାନ ପରିସ୍ଥିତି ଏବେ ଖୁବ୍ ଉଦ୍‌ବେଗଜନକ ହୋଇପଡ଼ିଛି ଏବଂ ପ୍ରତି ମୁହୂର୍ତ୍ତରେ ସେଠାରେ ସ୍ଥିତିରେ ଅବନତି ଘଟି ଚାଲିଛି । ଏଭଳି ପରିସ୍ଥିତିରେ ସେଠାରେ ଅଟକି ରହିଥିବା ଭାରତୀୟ ନାଗରିକମାନଙ୍କୁ ନିରାପଦରେ ସ୍ୱଦେଶ ଫେରାଇ ଆଣିବା ବର୍ତ୍ତମାନ ସରକାରଙ୍କର ଏକମାତ୍ର ଚିନ୍ତା ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ ଜୟଶଙ୍କର ଗୁରୁବାର ଦିନ ସର୍ବଦଳୀୟ ବୈଠକରେ ଦେଶର ବିଭିନ୍ନ ରାଜନୈତିକ ଦଳର ନେତୃବର୍ଗଙ୍କୁ ଅବଗତ କରାଇଛନ୍ତି । ଆଫଗାନିସ୍ତାନ ପରିସ୍ଥିତିକୁ ନେଇ ଏହା କେବଳ ଭାରତର ଚିନ୍ତା ନୁହେଁ, ସମଗ୍ର ବିଶ୍ୱକୁ ସମ୍ପ୍ରତି ଏହି ଚିନ୍ତା ଘାରିଛି । ଆମେରିକା ସମେତ ବିଭିନ୍ନ ୟୁରୋପୀୟ ରାଷ୍ଟ୍ର ଏବେ ସେଠାରୁ ନିଜ ନିଜର ଶହ ଶହ ନାଗରିକଙ୍କୁ ଆଣିବାରେ ଲାଗିଛନ୍ତି । ଆମେରିକା ନିୟନ୍ତ୍ରଣରେ ଥିବା କାବୁଲ ଆନ୍ତର୍ଜାତିକ ବିମାନ ବନ୍ଦରରୁ ପ୍ରତି ୩୯ ମିନିଟରେ କୌଣସି ନା କୌଣସି ରାଷ୍ଟ୍ରର ସାମରିକ ଓ ବେସାମରିକ ବିମାନ ସେମାନଙ୍କ ନାଗରିକମାନଙ୍କୁ ଧରି ଉଡ଼ାଣ ଭରୁଛନ୍ତି । ସର୍ତ୍ତାନୁସାରେ ଅଗଷ୍ଟ ୩୧ ତାରିଖ ହେଉଛି ଆମେରିକା ନିୟନ୍ତ୍ରଣରେ କାବୁଲ ବିମାନ ବନ୍ଦର ରହିବାର ଚୂଡ଼ାନ୍ତ ତାରିଖ ଏବଂ ପରେ ସେଠାରେ ତାଲିବାନ ଉଗ୍ରବାଦୀମାନେ କି ଅବସ୍ଥା ସୃଷ୍ଟି କରିବେ ତାହା କାହାକୁ ଜଣାନାହିଁ । ଏପରିକି ଏହି ଦିନ ଯେତିକି ପାଖେଇ ଆସୁଛି କାବୁଲ ବିମାନ ବନ୍ଦରର ନିରାପତ୍ତା ସ୍ଥିତି ସେତିକି ଗମ୍ଭୀର ହେବାରେ ଲାଗିଛି । ଏବେ ସେଠାରେ ଯେକୌଣସି ମୂହୁର୍ତ୍ତରେ ଅଜ୍ଞାତ ଆତଙ୍କବାଦୀ ଆକ୍ରମଣ ଅବା ବିସ୍ଫୋରଣ ଘଟାଇପାରନ୍ତି ବୋଲି ପାଶ୍ଚାତ୍ୟ ରାଷ୍ଟ୍ରମାନେ ସେମାନଙ୍କ ଦେଶର ନାଗରିକମାନଙ୍କୁ ସତର୍କ କରାଇ ସାରିଛନ୍ତି । ତେବେ ଏକଥା ସୁନିଶ୍ଚିତ ଯେ ଅଗଷ୍ଟ ୩୧ ତାରିଖ ସୁଦ୍ଧା ସେ ଦେଶରୁ ସବୁ ବିଦେଶୀ ନାଗରିକଙ୍କ ସ୍ଥାନାନ୍ତର ଘଟିବା ଅସମ୍ଭବ । ଭାରତ କ୍ଷେତ୍ରରେ ଆଦୌ ନୁହେଁ । ତେଣୁ ଭାରତ ଏବେ ସମୟ ବିପକ୍ଷରେ ଦୌଡୁଥିବା ପରି ପ୍ରତୀୟମାନ ହୁଏ । ଅଗଷ୍ଟ ୧୫ ତାରିଖ ଠାରୁ ଏପର୍ଯ୍ୟନ୍ତ ଭାରତ ପ୍ରାୟ ୮୦୦ରୁ ଅଧିକ ନାଗରିକ ଓ କର୍ମଚାରୀଙ୍କୁ ସେଠାରୁ ଫେରାଇ ଆଣିସାରିଲାଣି । କିନ୍ତୁ ଏବେସୁଦ୍ଧା ଶତାଧିକ ଭାରତୀୟ ଆଫଗାନିସ୍ତାନର ବିଭିନ୍ନ ପ୍ରାନ୍ତରେ ଅଟକି ରହିଛନ୍ତି । ସେମାନେ କାବୁଲ ବିମାନ ବନ୍ଦରକୁ ଆସିବାର ସମସ୍ତ ସାଧନ ବନ୍ଦ ହୋଇଯାଇଛି । ଏପରିକି କାବୁଲ ସହରରେ ଥିବା ଲୋକମାନେ ବିମାନ ବନ୍ଦରରେ ପହଞ୍ଚିବା କାଠିକର ପାଠ ହୋଇଛି । ସଶସ୍ତ୍ର ତାଲିବାନମାନେ ଲୋକମାନଙ୍କୁ ନାନା ପ୍ରକାର ନିର୍ଯ୍ୟାତନା, ମାରଧର ଏପରିକି ସେମାନଙ୍କ ଉପରକୁ ଗୁଳିଚାଳନା କରୁଥିବା ଜଣାପଡିଛି । ଯେହେତୁ ସେ ଦେଶରେ ଏବେ କୌଣସି ନିର୍ଦ୍ଦିଷ୍ଟ ଶାସନ ବ୍ୟବସ୍ଥା ନାହିଁ ଏବଂ ଆଇନ ଓ ନିୟନ୍ତ୍ରଣ ବ୍ୟବସ୍ଥା ସଂପୂର୍ଣ୍ଣ ରୂପେ ଭୁଶୁଡ଼ି ପଡ଼ିଛି ସେଥିରେ କାହାରିଠାରୁ ସହାୟତା ଲୋଡ଼ିବା ମଧ୍ୟ ଅସମ୍ଭବ ହୋଇପଡ଼ିଛି । ଏପରିକି ପାକିସ୍ତାନର ତାଲିବାନ ପ୍ରୀତି ଯୋଗୁ ଏବେ ଭାରତ ଓ ଅନ୍ୟାନ୍ୟ ରାଷ୍ଟ୍ର ସେମାନଙ୍କର ନାଗରିକଙ୍କୁ ଫେରାଇ ଆଣିବାରେ ଅକଥନୀୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଅପରପକ୍ଷେ, ଦୋହା ଶାନ୍ତି ଆଲୋଚନାରେ ତାଲିବାନ ଗୋଷ୍ଠୀ ଯେଉଁ ସର୍ତ୍ତ ପାଳନ କରିବା ସକାଶେ ରାଜି ହୋଇଥିଲେ ଏବେ ତାହା ଭଙ୍ଗ କରିଛନ୍ତି ବୋଲି ଅଭିଯୋଗ ହୋଇଛି । ସେମାନେ ନିଜ ଦେଶର ନାଗରିକଙ୍କ ଉପରେ ଯେତିକି ଅତ୍ୟାଚାର ଆରମ୍ଭ କରିଛନ୍ତି, ବିଦେଶୀ ନାଗରିକଙ୍କ ପ୍ରତ୍ୟାବର୍ତ୍ତନରେ ସେତିକି ଅସହଯୋଗ କରୁଛନ୍ତି । ସମଗ୍ର ବିଶ୍ୱ ତାଲିବାନ ଗୋଷ୍ଠୀଙ୍କ ଉପରେ ଖପ୍ପା ହୋଇଥିବା ବେଳେ ଚୀନ୍ ପ୍ରତ୍ୟକ୍ଷ ଭାବେ ସେମାନଙ୍କ ସହ କଥାବାର୍ତ୍ତା ଆରମ୍ଭ କରିଛି । ଏପରିକି ରୁଷିଆର ନିରବତା ସମସ୍ତଙ୍କୁ ବିସ୍ମିତ କରିଛି । ପାକିସ୍ତାନର ଭୂମିକା ଯଥାପୂର୍ବ ବିବଦମାନ ଓ ସନ୍ଦେହ ଘେରରେ ରହିଛି । ଆଫଗାନିସ୍ତାନ ପରିସ୍ଥିତିକୁ ନେଇ ବିଶ୍ୱରେ ଏକ ନୂତନ ଶୃଙ୍ଖଳା ଏବେ ମୁଣ୍ଡ ଟେକିବାକୁ ଯାଉଛି ବୋଲି ବିଶ୍ୱାସ କରିବା ଅସମୀଚୀନ ହେବନାହିଁ । ଭବିଷ୍ୟତ କଥା ଦୂରେ ତାଉ, ବର୍ତ୍ତମାନକୁ ନେଇ ସଭିଏଁ ଚିନ୍ତିତ । କାରଣ କୋଡ଼ିଏ ବର୍ଷ ପୂର୍ବର ତାଲିବାନ ଏବଂ ବର୍ତ୍ତମାନର ତାଲିବାନ ଚିନ୍ତାଧାରା ମଧ୍ୟରେ କୌଣସି ବିଶେଷ ଫରକ ଥିବା ମନେହୁଏ ନାହିଁ । ଏହା ବିଶ୍ୱ ଆତଙ୍କବାଦକୁ ମଧ୍ୟ ଏକ ନୂଆ ରୂପ ଓ ମାର୍ଗ ପ୍ରଦର୍ଶନ କରିବା କିଛି ଅସମ୍ଭବ ନୁହେଁ । ଏହାକୁ ନେଇ ବିଶ୍ୱ ଜନମତ ଏକଜୁଟ ହେବା ପରିବର୍ତ୍ତେ ତାହା ବିଭାଜିତ ହେବା ଯେତିକି ବିସ୍ମୟକର ସେତିକି ଉଦ୍‌ବେଗଜନକ । ଏହା ଭିତରେ ଆମକୁ ଶାନ୍ତି ଓ ସ୍ଥିରତା ଖୋଜିବା ଏବେ ସମସ୍ତଙ୍କର ସାମୂହିକ ଦାୟିତ୍ୱ ହେବା ଉଚିତ । ଅନ୍ୟଥା ୧୯୯୬ ଠାରୁ ୨୦୦୧ ମସିହା ପର୍ଯ୍ୟନ୍ତ ଯେଉଁଭଳି ସ୍ଥିତି ଉତ୍ପନ୍ନ ହୋଇଥିଲା ଏବେ ତାହାର ପୁନରାବୃତ୍ତି ଘଟିପାରେ । ସବୁଠାରୁ ଉଦ୍‌ବେଗଜନକ କଥାଟି ହେବ ଯଦି ତାଲିବାନ ପୂର୍ବଥର ଭଳି ଅଲ୍ କାଏଦାଦ୍, ଆଇଏସଆଇଏସ, ଜୈସ-ଏ-ମହମ୍ମଦ୍ ଓ ଅନ୍ୟ ଆତଙ୍କବାଦୀ ଗୋଷ୍ଠୀଙ୍କୁ ନିଜର ବାହୁଛାୟା ତଳେ ଆଶ୍ରୟ ପ୍ରଦାନ କରେ । ଏବେ ହକାନୀ ଗୋଷ୍ଠୀ ତାଲିବାନଙ୍କୁ ନିୟନ୍ତ୍ରଣ କରୁଥିବା ଆଶଙ୍କା କରାଯାଉଛି । ତେଣୁ ଭବିଷ୍ୟତରେ ତାଲିବାନ ଯେ ଏହି ଅପଶକ୍ତିମାନଙ୍କ ଠାରୁ ନିଜକୁ ଦୂରେଇ ରଖିବ ତାହା ବିଶ୍ୱାସଯୋଗ୍ୟ ନୁହେଁ । ଏଭଳି ସ୍ଥିତିରେ ଆଫଗାନିସ୍ତାନର ଭବିଷ୍ୟତ କେଉଁ ମୋଡ଼ ନେବାକୁ ଯାଉଛି ତାହା ଉପରେ ସମସ୍ତଙ୍କ ନଜର ନିବଦ୍ଧ ।

## ତଅପୋଇ ବା ଖୁଦୁରୁକୁଣୀ ଓଷା




ବିପିନ ବିହାରୀ ମହାନ୍ତି

ବିକାଶ ନଗର, ଜଟଣୀ, ଖୋର୍ଦ୍ଧା।
(ମୋ) ୯୯୩୮୩୪୪୧୩୮


ଓଡ଼ିଆରେ ଜାତୀୟ ପର୍ବପର୍ବାଣୀ ମଧ୍ୟରୁ 'ତଅପୋଇ' ବା ଖୁଦୁରୁକୁଣୀ ଓଷା ଅନ୍ୟତମ। ଏହି ଓଷାଟି ଭାଦ୍ରମାସର ପାଞ୍ଚ ରବିବାରରେ ପାଳିତହୁଏ :

କୃଷ୍ଣ ପ୍ରତିପଦ ତିଥିର,
ଯେତେ ହୁଅଇ ରବିବାର।
ଖୁଦୁରୁକୁଣୀ ନାମେ ଓଷା,
ହୋଇଲା ସେହିଦିନ ନିଶା।

ଏହି ପୂଜାର ଆରାଧ୍ୟ ଦେବୀ ହେଉଛନ୍ତି ମଙ୍ଗଳା। ପୂଜିକା ହେଉଛନ୍ତି ଅନୂଢ଼ା କୁମାରୀ ଏବଂ ସଧବା ବୋହୂମାନେ ବିଶେଷକରି ଭୂଆଷୁଣୀ ବୋହୂମାନେ। ଉଦ୍ଦେଶ୍ୟ ହେଉଛି ଇଚ୍ଛାମତେ ଶୁଭ ଏବଂ ବରମନାସିବା।

ଯାହାର ଯେଇଚ୍ଛା କଳ୍ପନା,
ମଙ୍ଗଳାନାମେ ସୁମରଣା।
କରନ୍ତି ଯେଝା ମନଜାଣି,
ଦୟା କରନ୍ତି ଠାକୁରାଣୀ॥

ପୂଜାର ବିଧି ତଥା ତଅପୋଇ ବା ଖୁଦୁରୁକୁଣୀ ଓଷା ସଂପର୍କରେ କୁହାଯାଇଛି:

ଭାଦ୍ରବମାସ ରବିବାର,
ଖୁଦୁରୁକୁଣୀ ଆଦ୍ୟସାର।
ସେଦିନ ଉପବାସ କରି,
ମଙ୍ଗଳା ଦେବୀଙ୍କୁ ସୁମରି॥
ଓଷା ମନ୍ଦିର ଯତ୍ନକଲେ,
ଚୂନରେ ଯତେନ ଲେପିଲେ॥
ମଙ୍ଗଳା ଦେବୀ ରୂପଲେଖି,
ସମସ୍ତେ ମାନ୍ୟକଲେ ଦେଖି॥
ସାତ ବୋଇତ ଯେ ଦେଖିଲେ,
ସାତସାଧବ ବସାଇଲେ॥
ତଅପୋଇକି ମଙ୍ଗକୋଣେ,
ଦେଖି ହସିଲେ ଜଣେ ଜଣେ॥

ଅର୍ଥାତ୍ ପୂଜା ଘରଟିକୁ ପୂଜିକାମାନେ ଶୁଚି କରି ଚୂନରେ ଲେପିବେ। ପୂଜାପରେ ମଙ୍ଗଳାଙ୍କର ଚିତ୍ର ଲେଖିବେ ଅଥବା ଆଜିକାଲିକା ପରି ଭାଲୁକୁଣୀ ମୂର୍ତ୍ତି ବସାଇବେ, ସାତସାଧବ, ସାତ ବୋହୂ ଏବଂ ତଅପୋଇ ଓ ସାତ ବୋଇତର ଛବି ଆଙ୍କିବେ। ସେଦିନ ନିଷ୍ଠାର ସହିତ ଉପବାସ କରିବେ।

ସେଦିନର କାର୍ଯ୍ୟକ୍ରମ ସଂପର୍କରେ ସୁନ୍ଦର ଚିତ୍ରଟିଏ ଲେଖକ ଗୋପିନାଥ ଦାସ ଦେଇଛନ୍ତି :

ପ୍ରଭାତରୁ ଉଠି ବାଳିକାମାନେ
ମଙ୍ଗଳାମାତାଙ୍କୁ ସୁମରିମନେ।
ଗେଲି, ଦୁଲି ଆଉ ଚମ୍ପା ଗଉରୀ
ସୁଲୋଚନା ସହ ସକଳେମିଳି।
ଡାକହାକ ହୋଇସରବେ ଗଲେ
ଆନନ୍ଦ ମନରେ ଫୁଲ ତୋଳିଲେ,
ସ୍ନାହାନ ନିମନ୍ତେ ନଦୀକୁ ଯାଇ
ସ୍ନାନସାରି ମନେ ମଙ୍ଗଳାଧ୍ୟାୟୀ।
ଓଦାବସ୍ତ୍ରେ ନଦୀ କୂଳରେ ବସି
ବାଲୁକା ପୂଜନ୍ତି ବାଳିକାମିଶି॥
ହସହସ ହୋଇ ଗୃହେ ଫେରିଲେ
ବସ୍ତ୍ର ପାଲଟିଣ ଫୁଲଗୁନ୍ଥିଲେ।
ସୁନା ଚାଙ୍ଗୁଡ଼ିରେ ଅତି ଯତନେ
ଭୋଗ ସାମଗ୍ରୀକୁ ରଖି ସୁମନେ॥
ମଙ୍ଗଳାଙ୍କ ପାଶେ ସକଳବାକି,
ମନବାଞ୍ଛା ସଙ୍ଗେ ମନରେ ଭରି॥
ଆବୋରି ବସିଲେ ପୁରଗଣ,
ପାଞ୍ଚପାଳି ଓଷା ହେଲା ସଂପୂର୍ଣ୍ଣ॥

ଅର୍ଥାତ୍ ଖୁବ୍ ଭୋରୁ ଝିଅମାନେ ଫୁଲ ତୋଳନ୍ତି। ଆବଶ୍ୟକମତେ ପୁଅମାନଙ୍କ ସାହାଯ୍ୟ ନେଇ ଥାଆନ୍ତି। ତା'ପରେ ଗାଧୋଇ ପାଧୋଇ ବାଲୁକାର ଗୋଟେ ମୂର୍ତ୍ତି ସେ ଜଳାଶୟ ପାଖେ ତିଆରି କରନ୍ତି ଏବଂ ଯଥାବିଧି ପୂଜନ୍ତି। ତା'ପରେ ଯାହାର ଯାହା ଇଚ୍ଛା ସେକଥା ମନାସନ୍ତି ଯେମିତି ମା' ଝିଅ ଦେଉଳେ ବସିଲେ, ଯେଝା ଶୁଭ ଯିଏ ମନାସିଲେ। ଏମିତି ପାଞ୍ଚପାଳି ସଂପୂର୍ଣ୍ଣ ହୁଏ। ଶେଷପାଳି ରାତିପୂଜାପରେ ଭୋରୁ ଦିହୁଡ଼ି ଜାଳି ନାନା ହୋହାଲ୍ଲାରେ ମା'ଙ୍କୁ ବିସର୍ଜନ କରନ୍ତି ସେହି ଜଳାଶୟରେ।

ଏହି ଓଷାରେ ମଙ୍ଗଳାଙ୍କୁ ଖୁଦ କୁଣ୍ଡାରେ ପିଠାକରି ତା' ଦେହରେ ଖୁଦ ତଣ୍ଡୁଳ ପୁରଦେଇ ବାଡ଼ି ପୂଜା ଯାଉଥିବାରୁ ଏହି ଓଷାର ଅନ୍ୟନାମ ଖୁଦୁରୁକୁଣୀ।

ଏହି ଓଷାରେ ମଙ୍ଗଳାଙ୍କର ମହିମା ଓ ସ୍ତୁତିଗାନ କରାଯାଇଛି। ଏହି କାହାଣୀଟି ଏକ ଆଖ୍ୟାନର ଉପଖ୍ୟାନ ଅଟେ। ଶ୍ରୀକୃଷ୍ଣ ତାଙ୍କ ପାଟରାଣୀ ସମେତ ଅନ୍ୟାନ୍ୟ ଦାସୀମାନଙ୍କୁ ତଅପୋଇ କାହାଣୀ ଶୁଣାଉଛନ୍ତି ଓ ତଅପୋଇ କିପରି ମଙ୍ଗଳାଙ୍କୁ ପୂଜି ମନବାଞ୍ଛା ପୂର୍ଣ୍ଣ କରିଛି ଦର୍ଶାଇଛନ୍ତି।

ତନୟ ବୋଲି ଜଣେ ସାଧବ ଥିଲେ। ତାଙ୍କର ସାତପୁଅ, ସାତ ବୋହୂ ଏବଂ ଗୋଟିଏ ବୋଲି ଗେହ୍ଲା ଝିଅ ତଅପୋଇ ଥିଲା। ସେ ପୁଣି ସବୁଠୁ ସାନ। ତା' ପ୍ରତି ସମସ୍ତଙ୍କର ବହୁ ସ୍ନେହ, ଶ୍ରଦ୍ଧା ଓ ଯତ୍ନ। ସେ ଚାହିଁଲାମାତ୍ରେ ସବୁକିଛି ମିଳିଯାଉଥିଲା। ଅଭାବ ବୋଲି ତା'ପାଇଁ କିଛି ନଥିଲା।

ଏକଦା ସେ ବାଂଉଶର କୁଲେଇ ଓ ଟୋକେଇ ଧରି ଖେଳୁଥିଲାବେଳେ, ଗୋଟିଏ ରାଣ୍ଡି ବ୍ରାହ୍ମଣୀ ଆସି ତାକୁ ଉସ୍‌କାଇ ଓ ପ୍ରବର୍ତ୍ତାଇ କହିଲା :

ତୋପରା ହୋଇଥିଲେ ମୁହିଁ,
କରନ୍ତି ସୁବର୍ଣ୍ଣ କୁଲାଇ।
ବାପ ମାଆଙ୍କୁ କରି ଦ୍ୱନ୍ଦ,
କରାନ୍ତି ସୁବର୍ଣ୍ଣର ଚାନ୍ଦ॥

ବାସ୍ ଏତିକିରେ ତଅପୋଇ ରୁଷେ ଏବଂ ତା' ପାଇଁ ସୁନାର କୁଲେଇ ଏବଂ ଚାନ୍ଦ ତିଆରି ହୁଏ ଆଉ :

ପିଅର ଅଧା ଚାନ୍ଦେ ଗଲେ,
ମାତା ହିଁ ପୁରା ଚାନ୍ଦେ ମଲେ॥

ସାତଭାଇମାନେ ଏହାପରେ ବାଣିଜ୍ୟରେ ଯାଆନ୍ତି। ପୁନଶ୍ଚ ସେହି ରାଣ୍ଡି ବ୍ରାହ୍ମଣୀ ଆସି ବୋହୂମାନଙ୍କ ନିକଟରେ ଚକ୍ରାନ୍ତ କରେ। ତଅପୋଇ ଛେଳି ଜଗେ; ବଡ଼ ଭାଉଜଙ୍କର ଛେଳି 'ଘରମଣି' ହଜେ ଏବଂ ମଙ୍ଗଳାଙ୍କୁ ପୂଜାକରି ସେ ଛେଳି ପାଏ। ସାନ ଭାଉଜ ବ୍ୟତୀତ ଅନ୍ୟ ଭାଉଜମାନଙ୍କଠାରୁ ନର୍ଯ୍ୟାତନା ସହେ। ବିଶେଷକରି ବଡ଼ ଭାଉଜଙ୍କ ଠାରୁ ଅକଥନୀୟ ଯନ୍ତ୍ରଣା ଅଥଚ ସାନ ଭାଉଜ ତାଙ୍କୁ ଭାରି ଭଲପାଏ;

ନିଳେନ୍ଦ୍ରୀ ନାମେ ସାନ ବୋହୂ,
ତଅପୋଇର ପ୍ରିୟ ସେ ହଉ।

ଛେଳି ଜଗାବେଳେ ସାନ ଭାଉଜ ତା' ପାଳିରେ ମୁଠାଏ ଭଲକି ଖାଇବାକୁ ଦିଏ। ଅନ୍ୟମାନେ ତଳେ ମୂଷମାଟି ଇତ୍ୟାଦି ରଖି ତା' ଉପରେ ପତର ବିଛାଇ ଗଣ୍ଡାଏ ଭାତ ଛିଞ୍ଚି ଦିଅନ୍ତି।

ତଅପୋଇ ପୁଣି ମଙ୍ଗଳାଙ୍କୁ ପୂଜା କଲା। ତା' ଭାଇମାନେ ଶୀଘ୍ର ଫେରିଆସନ୍ତୁ ବୋଲି ମନାସିଲା। ଫେରିଆସନ୍ତି ଭାଇମାନେ। ଘୋର ବନସ୍ତରେ ଦେଖାହୁଏ ରାତ୍ରିକାଳେ ସେମାନଙ୍କ ସହିତ। ସେ ଦୁଃଖ କୁହେ। ସେମାନେ ତା'କୁ ଗୋଟାଏ ତୀକ୍ଷ୍ଣ ଛୁରୀକାଦେଇ ବୋଇତର ଗୋଟେ କୋଣରେ ଠାକୁରାଣୀ କରି ବସାଇଲେ। ତା' ଭାଉଜମାନେ ଯେତେବେଳେ ବୋଇତ ବନ୍ଦାଇବାକୁ ଆସିଲେ, ତଅପୋଇ ଭାଇମାନଙ୍କ କହିବାମତେ ସାନ ଭାଉଜକୁ ଛାଡ଼ି ଅନ୍ୟ ଛ'ଜଣଙ୍କ ନାକର ବଉଳି କାଟିଦିଏ। ସେମାନେ ଲଜ୍ଜିତ ହୋଇ ବନସ୍ତକୁ ଯାଇ ବାଘ ହାବୁଡ଼େ ପଡ଼ନ୍ତି। ସଜ୍ଞାହୀନ ହୁଅନ୍ତି। ବିରୂପା ନାଁରେ ଜଣେ ଶବର ମହାଦେବଙ୍କ ଦୟାରୁ ତାଙ୍କୁ ଜୀବନ୍ୟାସ ଦିଏ। ସେମାନେ ବାପ ଘରକୁ ଚାଲିଯାଆନ୍ତି।

ଏପଟେ ତଅପୋଇର ବିବାହ ପାଇଁ ରତ୍ନାକର ନାମଧେୟ ଏକ ସୁନ୍ଦର ଏବଂ ଶୁଶ୍ରୀ ସାଧବ କୁମାର ସହିତ ଠିକ୍ କରାଗଲା ଏବଂ ଯଥାବିଧି ବିବାହ ସମ୍ପନ୍ନ ହେଲା। ଅଥଚ ସେ ତଅପୋଇକୁ ଭୋଗ କରିପାରିଲା ନାହିଁ। ତଅପୋଇ ସତରେ ଜଣେ ଅପସରୀ : ଗନ୍ଧର୍ବ ପତ୍ନୀ। ପୂର୍ବ ଅଭିଶାପରୁ କ୍ଷୋଳ ବର୍ଷଯାଏ ତାକୁ ମର୍ତ୍ତ୍ୟଦଣ୍ଡ ଥିଲା ଏବଂ ଅଷ୍ଟମଙ୍ଗଳା ଦିନ ଏହା ପୂର୍ଣ୍ଣ ହେଲା। ଗନ୍ଧର୍ବ ଆସି ତଅପୋଇକୁ ନେଇଗଲେ। ତଅପୋଇର ମର ଶରୀର ଏ ପୃଥିବୀରେ ପଡ଼ିରହିଲା। ତଅପୋଇ ଯଥାର୍ଥରେ ଜଣେ ଅପସରୀ ହୋଇନଥିଲେ, ସେ କ'ଣ ମର୍ତ୍ତ୍ୟପୁରରେ ସୁନାକୁଲେଇ, ଚାନ୍ଦ ଏବଂ ହୀରା କଣ୍ଢେଇ ମାଗିଥା'ନ୍ତା ?

ସାଧବ ସାତ ବୋହୂମାନେ ଫେରନ୍ତି। ସେମାନେ ମଙ୍ଗଳାଙ୍କ ମହିମା ଜାଣି ତାଙ୍କର ପୂଜା କରନ୍ତି। ତା'ପରେ...., ଏହି କ୍ରମରେ ଆଜିଯାଏଁ ଚାଲିଛି ଖୁଦୁରୁକୁଣୀ ଓଷା।

ଓଷାଟିରେ ପିତାମାତାଙ୍କର ବାତ୍ସଲ୍ୟ ପ୍ରୀତି, ଭାଇ ଭଉଣୀମାନଙ୍କର ସ୍ନେହବନ୍ଧନ, ନଣନ୍ଦ-ଭାଉଜଙ୍କର ମଧୁର ଅଥବା ତିକ୍ତ ସଂପର୍କ, କୁଚକ୍ରୀମାନଙ୍କର ଘରଭଙ୍ଗା ନୀତି ଓ ଅସହିଷ୍ଣୁ ଭାବ ବେଶ୍ ବାରି ହୁଏ। ତା' ସହିତ ମନୋରଞ୍ଜନ ଧର୍ମୀ, ଅପସରା କାହାଣୀ, ଏହିପରି ଆଉ କିଛି ଶିକ୍ଷଣୀୟ ଉପାଦାନ ଦେବା ସହିତ ଧାର୍ମିକ ଚେତନା ସୃଷ୍ଟି କରେ ଯାହାକି ନୈତିକ ମୂଲ୍ୟବୋଧର ପରିଚାୟକ।

କର୍ପୁର ଯାଇଛି, କନା ପଡ଼ିରହିଛି। ତଅପୋଇ ପରି ଖୁଦୁରୁକୁଣୀ ଓଷା ଏବେ ପୁରୁଣା ହୋଇଗଲାଣି। ଆଧୁନିକତାର ଚାକଚକ୍ୟ ଏବଂ ସ୍ୱର୍ଶରେ ଏହା ମଉଳିଗଲାଣି। ସାରଦିଆ ଫସଲପରି ଏବେ ଏହା ବାହାର ଚିକ୍କଣ, ଭିତର ରୋଗାକ୍ରାନ୍ତ। ନାହିଁ ଅଛି ମହକ, ନାଁ ଅଛି ଝଲକ। ଏହା ଏବେ ଏକ ସ୍ୱାଦହୀନ, ସରାଗହୀନ ବିଧି ପାଲଟିଛି; ଏଥିରେ ଶିକ୍ଷଣ ବା ରସାତ୍ମକ ବିଭବ କିମ୍ବା ମନୋରଞ୍ଜନଧର୍ମୀ ଆଉ କିଛି ନାହିଁ।

ପ୍ରତିଟି ଓଷା ଓ ପର୍ବପର୍ବାଣୀ ପଛରେ ଏକ ନିହିତ ଉଦ୍ଦେଶ୍ୟ ଅଛି : ଧାର୍ମିକ ଚେତନା, ସାମାଜିକ ଜୀବନଯାପନ ପାଇଁ ଏକତା ମୈତ୍ରୀର ଭାବ ଏବଂ ଆହୁରି ଅନେକକିଛି ଅଥଚ ଆମେ ଆଜି କେତେ ଦୂରେଇ ଯାଇଛେ ଏମାନଙ୍କ ଠାରୁ! ଆମେ କ'ଣ ଆମ ପରମ୍ପରାକୁ ସତରେ ବୁଡ଼େଇ ଦେବା !

## ଶତାବ୍ଦୀର ପ୍ରଥମ ନବକଳେବରରେ ଚକାନୟନର ପ୍ରଥମ ଘୋଷଯାତ୍ରା ଓ ସାମାଜିକ ପ୍ରତିବଦ୍ଧତା


ଚତୁର୍ଭୁଜ ଜେନା

ବାଲେଶ୍ୱର


ଯୋଡ଼ା ଆଶାଢ଼ ବର୍ଷରେ ହିଁ ନବକଳେବର ହୁଏ । ଯେତେବେଳେ ଭାରତରେ ବୌଦ୍ଧ ଧର୍ମର ବହୁଳ ଭାବେ ପ୍ରଚାର ଓ ପ୍ରସାର ଘଟିଲା, ତାହାର ପ୍ରଭାବରେ ପୂର୍ବରୁ ଗିରିକନ୍ଦରରେ ଶବରଦ୍ୱାରା ପୂଜା ପାଉଥିବା ନୀଳମାଧବ, ପରେ ଦାରୁବ୍ରହ୍ମ ରୂପରେ ପୁରୁଷୋତ୍ତମ ଧାମର ବୌଦ୍ଧ ଧର୍ମାବଲମ୍ବୀମାନେ 'ବୁଦ୍ଧ' ରୂପରେ ଉପସନା କରୁଥିଲେ । ଏ କଥା ସାରଳା ଦାସ ମଧ୍ୟ ମହାଭାରତରେ ବର୍ଣ୍ଣନା କରିଛନ୍ତି । କବି ଜୟଦେବ (ଯାହାଙ୍କ ଗୀତ ଗୋବିନ୍ଦ ବଡ଼ ଦେଉଳରେ ପାଠ କରାଯାଏ) ମଧ୍ୟ ତାଙ୍କୁ ବୁଦ୍ଧଙ୍କ ଅବତାର ବୋଲି କହିଛନ୍ତି । ବୈଷ୍ଣବଧର୍ମର ଆଦିଗୁରୁ ଶ୍ରୀ ରାମାନୁଜ ପ୍ରଭୁଙ୍କୁ ଲକ୍ଷ୍ମୀ ବୋଲି ଗ୍ରହଣ କରି ଲକ୍ଷ୍ମୀଙ୍କର ମନ୍ଦିର ନିର୍ମାଣ ଓ ପୂଜାର୍ଚ୍ଚନା ବ୍ୟବସ୍ଥା କରିଥିଲେ । ନବମ ଶତାବ୍ଦୀରେ ମହାପୁରୁଷ ଶଙ୍କରାଚାର୍ଯ୍ୟ ଚାରିଧାମରେ ହିନ୍ଦୁ ଧର୍ମର ପୁନଃ ପ୍ରତିଷ୍ଠା କରି ପୁରୁଷୋତ୍ତମ ବୁଦ୍ଧଙ୍କୁ ଜଗନ୍ନାଥ ନାମରେ ଆରାଧନା କରିଥିଲେ । ସନ୍ଥ ତୁଳସୀ ଦାସ ମାଘ ଶୁକ୍ଳ ଏକାଦଶୀରେ ପ୍ରଭୁଙ୍କ ବଡ଼ସିଂହଦ୍ୱାର ବେଶ ଦେଖି ଜଗନ୍ନାଥଙ୍କୁ ସାକ୍ଷାତ ରାମଚନ୍ଦ୍ର ବୋଲି କହିଛନ୍ତି । ଜୈନମାନେ ତାଙ୍କୁ ଜିନାସେନ ରୂପରେ ଆରାଧନା କରନ୍ତି । ଶ୍ରୀରାମକୃଷ୍ଣ ପରମହଂସ ପ୍ରଭୁଙ୍କୁ ସର୍ବଧର୍ମ ସମନ୍ୱୟର ପ୍ରତୀକ ବୋଲି ବର୍ଣ୍ଣନା କରିଛନ୍ତି । ଶିଖ୍ ଧର୍ମଗୁରୁ ଶ୍ରୀ ନାନକ ପ୍ରଭୁଙ୍କୁ ନିଜର ଇଷ୍ଟ ରୂପେ ମାନ୍ୟତା ଦେଇଥିଲେ । ଶ୍ରୀ ଚୈତନ୍ୟଦେବ ରାଧାକୃଷ୍ଣଙ୍କ ଶାଶ୍ୱତ ଲୀଳା ଗାଇ ଗାଇ ପୁରୀରେ ଜଗନ୍ନାଥଙ୍କୁ ଦେଖିଲା ପରେ ତାଙ୍କର ହାତ ପାଦ ତରଳି ଯାଇଛି । ସେ ତାଙ୍କ ଠାରେ ଲୀନ ହୋଇଯାଇଛନ୍ତି । ରାଜା ରଣଜିତ ସିଂହ ପ୍ରଭୁଙ୍କୁ ଦେଖି ଏମିତି ଆତ୍ମହରା ହେଇଯାଇଛନ୍ତି ଯେ ତାଙ୍କଠାରେ ଥିବା ଦୁର୍ମୁଲ୍ୟ କୋହିନୂର ହୀରା ତାଙ୍କୁ ଭେଟି ଦେଇଛନ୍ତି । ଇଂରେଜ ଶାସନ କାଳରେ ସେମାନେ କୋହିନୂର ହୀରା ନେଇଯାଇ ବ୍ରିଟିଶ ରାଣୀଙ୍କୁ ଦେଉଥିଲେ ଆଉ ସେହିଦିନରୁ ଇଂରେଜ ଶାସନର ପତନ ଆରମ୍ଭ ହୋଇଯାଇଥିଲା ଏବଂ ଯେଉଁ ସାମ୍ରାଜ୍ୟରେ ସୂର୍ଯ୍ୟାସ୍ତ ନଥିଲା ସେମାନେ ପେଡିପୁଟୁଳା ଧରି ଏ ଦେଶରୁ ବିଦାୟ ନେଲେ ।

ଏକବିଂଶ ଶତାବ୍ଦୀର ପ୍ରଥମ ନବକଳେବରର ପ୍ରଥମ ଘୋଷଯାତ୍ରା ନୀଳାଚଳଧାମ । ଜଗନ୍ନାଥ ପ୍ରକୃତରେ ଜଗତର ନାଥ ଓ ସର୍ବଧର୍ମର ପ୍ରତୀକ । ତାଙ୍କ ନିକଟକୁ ଯିଏ ଆସିଛି ସିଏ ତାଙ୍କୁ ଇଷ୍ଟ ବୋଲି ସ୍ୱୀକାର କରିଛନ୍ତି । ବଡ଼ ଦେଉଳକୁ ସମସ୍ତଙ୍କର ପ୍ରବେଶ ବାରଣ ଥିବାରୁ ପୃଥିବୀର କୃଷ୍ଣକାୟ ଶ୍ୱେତାଙ୍ଗ ମୁସଲମାନ ଖ୍ରୀଷ୍ଟିୟାନ ବିଭିନ୍ନ ଜାତିଧର୍ମର ଲୋକ ଏପରି ଦଳିତ ଲୋକମଧ୍ୟ ସମସ୍ତେ ପ୍ରଭୁଙ୍କ ଭକ୍ତ । ସେମାନଙ୍କୁ ଦର୍ଶନ ଦେବାକୁ ତାଙ୍କ ସୁଖଦୁଃଖ ହାରି ଗୁହାରି ଶୁଣିବାକୁ ରତ୍ନସିଂହାସନ ଛାଡ଼ି ପ୍ରଭୁ ଓହ୍ଲାଇ ଆସନ୍ତି ବଡ଼ ଦାଣ୍ଡକୁ, ଘୋଷଯାତ୍ରା ବେଳେ । ପତିତମାନଙ୍କୁ ତାରଣ ପାଇଁ ସେ ଆସିଥାନ୍ତି, କାରଣ ସେ ପରା ପତିତପାବନ । ଖାଲି ପତିତ ନୁହଁନ୍ତି ଯେଉଁମାନେ ଅଶରୀରୀ ଭୂତ, ପ୍ରେତ, ଡାହାଣୀ, ଚିରଗୁଣୀ, ଯକ୍ଷ, ଦକ୍ଷ, ତକ୍ଷ, କିନ୍ନର ଦୈତ୍ୟ, ଦାନବ, ରାକ୍ଷସ ଇତ୍ୟାଦି ସେମାନଙ୍କର ମଧ୍ୟ ସେ ସବୁକଥା ବୁଝନ୍ତି । ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଘର୍ଘର ନାଦରେ ଯେତେବେଳେ ବଡ଼ଦାଣ୍ଡରେ ଆଗକୁ ମାଡ଼ିଚାଲେ ସେ ଗୋଟିଏ ବାର୍ତ୍ତା ଦିଅନ୍ତି, ଦୁନିଆର ବଡ଼ ଦାଣ୍ଡର ସାରା ବିଶ୍ୱବାସୀଙ୍କର ଜୀବନ ରଥ ଆଗକୁ ବଢ଼ିଚାଲୁ । ସମସ୍ତଙ୍କୁ ସାଥୀରେ ନେଇ ଆଗେଇ ଯିବାଟା ହିଁ ପ୍ରଗତି, ଉନ୍ନତି, ଅଗ୍ରଗତି ଓ ବିକାଶର ପ୍ରତୀକ । ତା'ଛଡ଼ା ବଡ଼ଭାଇ ବଳଭଦ୍ର ଓ ଜଗନ୍ନାଥ ଯେଉଁ ଆୟୁଧ ଧରିଥାନ୍ତି ତାହା ହଳ ଓ ଚକ୍ର । ଏ ଦୁଇଟି କୃଷି ଓ ଶିଳ୍ପର ପ୍ରତୀକ । କୃଷି ଓ ଶିଳ୍ପର ବିକାଶ ହେଲେ ଜଗତର କଲ୍ୟାଣ ହୁଏ ।

'ପ୍ରଭୁ' ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦିଅନ୍ତି । ସେଇଟା ହେଉଛି ବର୍ଷକୁ ନିତାନ୍ତ ଥରେ ସେ କର୍ମଭୂମିରୁ ଜନ୍ମ ବେଦୀ (ଅନ୍ତର୍ବେଦୀ)କୁ ନିଶ୍ଚୟ ଫେରିଯାଆନ୍ତି । ଆଜିକାଲି ସହରି ସଭ୍ୟତାରେ ଓ ଉପାର୍ଜନ ପାଇଁ ବହୁତ ଲୋକ ଗାଁ ଛାଡ଼ି ସହରରେ ବା ବିଦେଶରେ ରହିଯାଉଛନ୍ତି । ସେମାନେ ନିଜ ଜନ୍ମଭୂମି, ଗାଁ ମାଟି ମାଡ଼ୁ ନାହାନ୍ତି । ବୃକ୍ଷ ମହାଦ୍ରୁମରେ ପରିଣତ ହେଲେ ହେଁ ତା'ର ଚେରଥାଏ ମାଟି ଭିତରେ । ସେହିମାନଙ୍କୁ ଚେତେଇ ଦେବା ପାଇଁ ଯେ ଗାଁକୁ ଚାଲ, ଜନ୍ମମାଟିକୁ ସ୍ପର୍ଶ କର ଏହାହିଁ ମାନବିକତା ।

ଓଡ଼ିଶାର ପ୍ରତ୍ୟେକ ବ୍ୟକ୍ତିଙ୍କ ଜନ୍ମଜାତକ ଲେଖାହେଲା ବେଳେ ମହାପ୍ରଭୁ ଜଗନ୍ନାଥଙ୍କ ଆଦ୍ୟ ସେବକ, ଗଜପତିଙ୍କ ନାମରୁ ଆରମ୍ଭ ହୁଏ । ଓଡ଼ିଶାର କୂଳଦେବତା, ଜଗତରନାଥ ଜଗନ୍ନାଥଙ୍କୁ ପ୍ରାୟ ସମସ୍ତେ ବଡ଼ ମନ୍ଦିରରେ ବା ରଥରେ କିମ୍ବା ଆଡ଼ପ ମଣ୍ଡପରେ ଦେଖିଛନ୍ତି । ମୁଁ ସେହି କାଳିଆ ସାଆନ୍ତ କଥା କହୁଛି । ଦେଖିବା ପାଇଁ ପ୍ରକୃତରେ ତାଙ୍କଠାରେ ଅଛି କ'ଣ ? ଦୁଇଟି ବଡ଼ ଚକାଚକା କଳା ଆଖି । ମୁଁ ଆପଣମାନଙ୍କୁ ଏକ ଆବେଗପୂର୍ଣ୍ଣ ମାର୍ମିକ ନିବେଦନ କରୁଛି । ଆପଣ ପୁଣିଥରେ ସେଇ ଚକାଆଖିକୁ ଦେଖନ୍ତୁ । ଖୋଲା ଆଖିରେ ନୁହେଁ, ଆଖି ବନ୍ଦ କରି ଦେଖନ୍ତୁ । କି ଅଦ୍ଭୁତ ସେହି ଆଖି, ସେଇ ଆଖିରେ ଏତେ ଟାଣପଣ, ଚୁମ୍ବକିୟ ଶକ୍ତିରେ ଟାଣି ଆଣୁଛି ସମସ୍ତଙ୍କୁ! ବିଚିତ୍ର ବିସ୍ମୟ ସେ ଆଖି ଯୋଡ଼ିକ, କି ସମ୍ମୋହନ ଶକ୍ତି ଅଛି ସେ ଆଖିରେ, ଏ ଯେ ଅଭେଦ୍ୟ ରହସ୍ୟ । କି ସୁନ୍ଦର ସେ ଠାଣି, ବାତ୍ସଲ୍ୟ ମମତାରେ କରୁଣାର କଣିକା ସେ ବାଣ୍ଟି ଦେଉଛି ବିଶ୍ୱବାସୀଙ୍କୁ । ତାଙ୍କ ସେ କୁହୁକଭରା ଆଖିକୁ ଥରେ ଚାହିଁଦେଲେ ଆପଣ ବନ୍ଦୀ ହୋଇଯିବେ ଶକ୍ତିର ମାୟା ଜାଲରେ ଚିରଦିନ ପାଇଁ । ୟୁନିସେଫରେ ହେଉଥିଲା ଏକ ଆର୍ଟ କମ୍ପିଟିସନ । ସେହି ଚିତ୍ରକଳା ପ୍ରତିଯୋଗୀତାରେ ପୃଥିବୀର ବହୁ ନାମୀ କଳାକାର ଭାଗ ନେଇଥିଲେ । ଆମ ଓଡ଼ିଶା ମାଟିରୁ ପୁଅ ଶ୍ରୀଯୁକ୍ତ ପ୍ରଫୁଲ୍ଲ ମହାନ୍ତି, ଯିଏକି ଜଣେ ସାହିତ୍ୟିକ ଓ ଚିତ୍ରକର । ସେ ବି ସେଥିରେ ଅଂଶ ଗ୍ରହଣ କରିଥିଲେ । କିଏ କେତେକେତେ ମହାନ୍ ଆର୍ଟ ସବୁ ଆଙ୍କିଥିଲେ ମାତ୍ର ଶ୍ରୀଯୁକ୍ତ ମହାନ୍ତି ଆଙ୍କିଥିଲେ ମାତ୍ର ଦୁଇଟି "ଚକାଆଖି" କହିବା ବାହୁଲ୍ୟ ମହାନ୍ତି ବାବୁଙ୍କ କଳାକୃତି ପ୍ରଥମ ସ୍ଥାନ ଅଧିକାର କଲା । ନକରିବ କାହିଁକି ସେ ପରା କାଳିଆର ଆଖି । ମୁଁ ସେହି ମନମୋହିନୀ ଆଖି କଥା କହୁଛି । ଆପଣ ସେମିତି ଆଖି ବନ୍ଦ କରି ଜଳ, ସ୍ଥଳ, ଆକାଶ ପବନ, ଗିରି ପ୍ରାନ୍ତର ସବୁ ଆଡ଼କୁ ଚାହାନ୍ତି କେବଳ ସେହି ଦୁଇଟି ଆଖି ଆପଣଙ୍କୁ ଦେଖାଯିବ । ଆପଣଙ୍କର ଅତି ନିକଟ ଆପଣଙ୍କ ହୃଦୟ ସିଂହାସନକୁ ଚାହାନ୍ତି ସେଠିବି ସେହି ଆଖି । ଆପଣଙ୍କୁ ଦେଖାଯିବ । ଦିବ୍ୟ ଜ୍ୟୋତିରେ ଭରିଯାଇଛି ଆପଣଙ୍କ ଅନ୍ତରାତ୍ମା । ଅପୂର୍ବଶକ୍ତିର ଶିହରଣ ଆପଣ ଅନୁଭବ କରିପାରିବେ ଦେହ ମନ ଓ ପ୍ରାଣରେ ଏହାହିଁ ଭାବ, ଏହାହିଁ ଜଗନ୍ନାଥ ତତ୍ତ୍ୱ । ସାରା ବିଶ୍ୱ ବ୍ରହ୍ମାଣ୍ଡ ଯିଏ ସୃଷ୍ଟି କରିଛନ୍ତି । ଏ ସୁନ୍ଦର ପୃଥିବୀର ଯିଏ ରୂପକାର ସେହି ଆଦ୍ୟ ରହସ୍ୟମୟ କଳାକାରଙ୍କ କଳାକୃତି ଅଙ୍କନ କରିଛି ଟୁନା ବେହେରା ସମସ୍ତଙ୍କର ଆଶୀଷ ସହଯୋଗ ଓ ପ୍ରେରଣା ପାଇଲେ ସେ ନିଶ୍ଚୟ ଆଗେଇ ଯିବ । ଆମ୍ଭମାନଙ୍କ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ନିଶ୍ଚୟ କାଳିଆ ନିକଟରେ ପହଞ୍ଚିବ । ଦିନେ ହୁଏତ ସେ ଏମିତି ଜାଗାରେ ପହଞ୍ଚିବ ତାର କୃତିତ୍ୱ, ଶ୍ରେଷ୍ଠତ୍ୱ ଓ ମର୍ଯ୍ୟାଦା ସମସ୍ତଙ୍କ ମୁହଁରେ ରହିବ ।




### ମୋ ଗାଆଁ ଭାରି ସୁନ୍ଦର

ନିତ୍ୟାନନ୍ଦ ମିଶ୍ର

ଗାଆଁଟି ପ୍ରିୟ ମୋହର
ଦିଶଇ କେଡେ ସୁନ୍ଦର
ଶୋଭଇ ସବୁଜ ବଣ ଭୂଇଁ,
ସୁନେଲି କିରଣ ବୁଣି
ଖୁସିର ଆଲୋକ ଆଣି
ସକାଳ ସୂରୁଜ ଆସେ ଉଇଁ।
ସେଇଠି ମୋ ଷଠି ଘର
ଯେଉଁଠି ଜନମ ମୋର
ସେଇଯେ ମୋର ଏନ୍ତୁଡ଼ି ଶାଳ,
ତା' ଧୂଳି ମାଟି କାଦୁଅ
ପାଣି ପବନ ର ଦେହ
ଚନ୍ଦନ ମୋର ହୁଏ ସକଳ।
ଆମରି ଗାଆଁ ମନ୍ଦିରେ
ସବୁରି ଠାକୁର ଘରେ
ସଞ୍ଜ ସକାଳେ ଆଳତୀ ହୁଏ,
ହୁଳହୁଳି ହରିବୋଲ
ଘଣ୍ଟ ଘଣ୍ଟି ଶଙ୍ଖ ଢୋଲ
ଗାଆଁ ଦାଣ୍ଡରେ ଗରଜୁ ଥାଏ।
କୁଳୁ କୁଳୁ କରି ତାନ
ହେଉ ପଛେ ସିଏ ସାନ
ଛୋଟିଆ ନଈ ଯାଇଛି ବହି,
ଘାସ ଫୁଲ ଯାଏ ଲସି
ଦେଖିଦେଲେ ଲାଗେ ଖୁସି
ନଦୀ ପଠାର ପଡିଆ ଭୂଇଁ।
ଆମରି ଗାଆଁ ପୋଖରୀ
ଦିଶଇ ସୁନ୍ଦର ଭାରି
ପଦମ କଇଁ ବଢାଇ ଶୋଭା,
ଗୋଲାପ ମଲ୍ଲୀ ମାଳତୀ
ରଜନୀଗନ୍ଧା ସେବତୀ
ମନକୁ କିଣେ ତାହାରି ଆଭା।
ଭାଇ ଚାରାର ମୋ ଗାଆଁ
ଧରି ଏକତାର ରାହା
ଦୁଃଖ ସୁଖରେ ହୁଅନ୍ତି ଠିଆ,
ନଥାଏ ଛନ୍ଦ କପଟ
ଭାରି ସରଳ ନିପଟ
ହୋଇ ପୁନେଇ ପରବେ ସାହା।
ପଶ୍ଚିମ ଆକାଶେ ରବି
ଲୁଚିଲେ ଶୋଭଇ ଛବି
ଗୋଧୂଳି ଉଡ଼ାଇ ଫେରନ୍ତି ଗୋରୁ,
ତୁଳସୀ ଚଉରା ମୂଳେ
ଅଗଣାରେ ସଞ୍ଜବେଳେ
ଜଳାଇ ବତୀ ମୁଣ୍ଡିଆ ମାରୁ।
ରଙ୍ଗବେରଙ୍ଗ ଫୁଲ ରେ
ଜାତିଜାତିକା ବାସରେ
ଗାଆଁରେ ମନ ଲାଗଇ ଭଲ,
ସବୁଠି ପ୍ରଚୁର ପାଉ
ଗଛରୁ ତୋଳି କି ଖାଉ
ଭଳି କି ଭଳି ଯେତେକ ଫଳ।
ଶୀତରେ ଶିଶିର ବୁଣେ
କୁହୁଡ଼ି କାକର ଆଣେ
ପନିପରିବା ଲୋକେ ଫଳାନ୍ତି,
ଆସିଲେ ବର୍ଷା ଝଡି
କାଦୁଅ ପାଣିରେ ଗଡି
ଖୁସିରେ ପିଲେ ଡ଼ଙ୍ଗା ଭସାନ୍ତି।୯
କୃଷକ କରଇ ଚାଷ
ବରଷକ ବାରମାସ
ମୁଖ୍ୟ ଜୀବିକା ଅଟଇ କୃଷି
ଆଦରି କୌଳିକ ବୃତ୍ତି
କଠିନ ଶ୍ରମ କରନ୍ତି
ଜୀବିକା ନିର୍ବାହ କରନ୍ତି ହସି।
ବାର ମାସର ହିସାବ
ପାଳନ୍ତି ତେର ପରବ
ଗରୀବ ସିନା ଅଭାବ ନାହିଁ,
ପିଠା ପଣା ଖିରି ପୁରୀ
ସବୁ ଘରେ ଥାଏ ପୁରି
ସଭିଏଁ ଥାନ୍ତି ସଭିଙ୍କ ପାଇଁ।
ସରଗ ସୁଷମା ନେଇ
ମର୍ତ୍ତ୍ୟରେ ଯତନେ ରହି
ତାହାରି କୋଳେ ବଡ଼ ମୁଁ ହେଲି,
ଭାବିଲେ ମୋ ଗାଆଁ ରୂପ
ସତରେ ଲାଗଇ ଗପ
ତାକୁ ମୁଁ ଜମା ପାରୁନି ଭୁଲି।


+ ଜବାହର ନବୋଦୟ ବିଦ୍ୟାଳୟ
ସୁନାମୁଣ୍ଡା, ସୁଗୁଡା
ଦେବଗଡ ୭୬୮୧୦୮
(ମୋ)୮୩୨୮୯୫୬୭୨୫


### କେମିତି ଜୀବନ ଇଏ......

ହାଡ଼ିବନ୍ଧୁ ପାତ୍ର

କେମିତି ଜୀବନ ଇଏ,
କେମିତି ଏ ଦେହ
ଗାମୁଛାଟେ ବାନ୍ଧି ମୁଣ୍ଡେ
ମୁଣ୍ଡଝାଳ ମାରି ତୁଣ୍ଡେ
ସାରାଦିନ ଖଟୁଥାଏ ଯିଏ
ନିଜ ପିଲାଛୁଆ ପାଇଁ
ଖରା, ବର୍ଷା, ଶୀତ ସହି
ଦେଢ଼ ଟଙ୍କିଆ ବିସ୍କୁଟଟେ ଆଉ
ପାଣି ମନ୍ଦେ ପିଇ ॥
ଦେଖୁ ଦେଖୁ ଦିନ ବି ଆସିଲା
ପିଲାମାନେ ବଡ଼ ହେଲେ
ନିଜ ଇଚ୍ଛାରେ ସଂସାର ବି କଲେ,
ଭୁଲିଗଲେ ହଜିଲା ଅତୀତ
ବାପାଙ୍କର ଦୁଃଖ
ଟଙ୍କାଟେ ବି ରୋଗଗାର ନାହିଁ
ବାପାଙ୍କ ଧନକୁ ଖାଆନ୍ତି ଛଡ଼ାଇ
ବାପାଙ୍କର ଭଲ, ମନ୍ଦ, ଦେହପା
କେହି ନ ବୁଝନ୍ତି
ସଂସାର ଭିତରେ ଚଳିବାର
ଭଲ ମନ୍ଦ ନେଇ
ବାପା ଯଦି କହି ଦେଲେ ପଦେ
ପୁଅବୋହୂ ଅଶୀଳ ଭାଷାରେ
ଗାଳିଦେଇ
ନିର୍ଘାତ ପିଟନ୍ତି ॥
ସହିଛୁ ସେ କେତେ ଦୁଃଖ ଆଉ
ଭୋକିଲା ପେଟରେ ଯନ୍ତ୍ରଣା
ଏଇ ପିଲା, ଛୁଆ ପାଇଁ
କ'ଣ କାନ୍ଦିବାକୁ ବାର୍ଦ୍ଧକ୍ୟ ଜୀବନେ
ଆଖିରୁ ଲୋତକ ଗଡ଼ାଇ ??
ସଭିଙ୍କ ଭଳି ସ୍ୱପ୍ନ ବି
ଅନେକ ଥିଲା ତା'ର
ପିଲାମାନେ ବଡ଼ ହେଲେ
ଲିଭି ଯିବ ଦୁଃଖ
ବାର୍ଦ୍ଧକ୍ୟ ଜୀବନ ତା'ର
କଟିବ ଶାନ୍ତିରେ
କିନ୍ତୁ; ହାଏ ଅକାରଣ
ଆକାଶ କୁସୁମ ପାଇଁ
ମରୀଚିକା ପଛେ ଧାଇଁ
ସ୍ୱପ୍ନସବୁ ରୂପ ନେଲା
ଉତ୍ତପ୍ତ ବାଲୁକା ଝଡ଼ର ॥
ତଥାପି ବଞ୍ଚିଛି ଜୀବନ
ସହିଛି ଏ ଦେହ
ସତେ ଅବା
କେମିତି ଜୀବନ ଇଏ
ଆଉ କେମିତି ଦେହ ॥


+ ସା/ପୋ- ଶେରଗଡ଼,
ବାଲେଶ୍ୱର-୭୫୬୦୬୦
(ମୋ) ୯୭୭୭୩୮୨୬୪୦


### ତମେ...

ସ୍ୱପନ କୁମାର ଘୋଷ



ବରପୁତ୍ର ସରସ୍ୱତୀଙ୍କର !
କବିତାରେ ହୃଦୟ ନିଗାଡ଼ି
ଜିଣିଲ ହୃଦୟ !
ଝଙ୍କାରି ଉଠିଲା -
ଦେହ, ମନ, ପ୍ରାଣ
ହୃଦୟର ତନ୍ତ୍ରୀଯାକ -
ବୀଣା ପରି ।

ଚତୁର୍ମୁଖେ ଧ୍ୱନିଲା ସତେକି -
ଓଙ୍କାର, ପ୍ରଣବନାଦ ? !

ତମେ ଯେମିତିକି -
ପୀତବସନଧାରୀ ,
ବଜାଉଛ ବଂଶୀ
ଶିରେତବ ପଂଖ ମୟୂରର
ଏ ହୃଦୟ ଯମୁନାକି ?
ତା ଯଦି ନ ହେବ
ତରଙ୍ଗ କାହିଁକି ଏତେ
ଉଠୁଛି ସେଥିରେ ? !

ଅଥବା କି ଅକ୍ଷର ତମର
ସ୍ୱର ହେଇ ଧ୍ୱନିଲା ଶ୍ରୁତିରେ
ସୁଧାକଣ୍ଠ ଡମ୍ବରୁ ଯୋଗେ -
ନୀଳକଣ୍ଠଙ୍କର ? !

ସମ୍ପୁଟପାଣି ସମ୍ମୁଖେ ତମର
ମୁଗ୍ଧ ଏଇ ପ୍ରାଣ !
ସମର୍ପି କୃତାର୍ଥ ହେଲା
ପୂଜା ଉପଚାର ।।


+ 'ସୁମତିକୁଞ୍ଜ', ୫୩,
ଶ୍ରୀବର୍ଦ୍ଧନପଲ୍ଲୀ ,
ଜୋକା (ବାଖରା ହାଟରୋଡ),
କୋଲକାତା - ୭୦୦୧୦୪
(ମୋ) ୯୪୩୨୧ ୭୭୩୭୯



କାର୍ତ୍ତିକ ସାଇଁ

## ମିନା ଅପାଙ୍କ ରାମାୟଣ ଟୁଙ୍ଗି (୧୦)

# ଶ୍ରବଣ କୁମାରଙ୍କ କଥା



(ପୂର୍ବ ପ୍ରକାଶିତ ଉତ୍ତାରୁ)

ମିନା ଅପା ରାମାୟଣ କଥା ଜାରି ରଖିଥିଲେ। ପିଲାମାନେ ରାଜା ଦଶରଥ ପିଲାଦିନୁ ବାପା ମା' ଛେଉଣ୍ଡ ହୋଇ କୁଳଗୁରୁ ବଶିଷ୍ଠଙ୍କ ଦ୍ୱାରା ଲାଳିତ ପାଳିତ ହେଲେ। ଆଜି ଆମେ ରାମାୟଣର ଏକ ମହାନ ପୁତ୍ରଙ୍କ କଥା ଶୁଣିବା ଯାହାଙ୍କ କାହାଣୀ ଆମର ଜାତିର ଜନକ ମହାତ୍ମା ଗାନ୍ଧିଙ୍କୁ ବହୁତ ପ୍ରଭାବିତ କରିଥିଲା। ମହାତ୍ମାଗାନ୍ଧି ରାମାୟଣର କାହାଣୀ 'ଶ୍ରବଣ କୁମାର'ଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ। ପିଲାଦିନୁ ସେ ତାଙ୍କ ପିତା ମାତାଙ୍କ ସେବା କରୁଥିବେ। ମୁଁ ଆଶା କରୁଛି, ତୁମେମାନେ ମଧ୍ୟ ପିତାମାତାଙ୍କୁ ସମ୍ମାନ ଦେବ ଓ ତାଙ୍କ ସେବା କରିବ।

ଶ୍ରବଣ କୁମାରଙ୍କ କାହାଣୀରେ ରାଜା ଦଶରଥ ଅଛନ୍ତି। ତେବେ ସେ କିପରି ଅଛନ୍ତି, ତାହା ତୁମେ ଏ କଥା ଶେଷରେ ବୁଝି ପାରିବ। ତେବେ ଚାଲ, ଆଗ ଶ୍ରବଣ କୁମାରଙ୍କ କଥା ଜାଣିବା।

ରାମାୟଣ ଯୁଗର କଥା। ଜଣେ ବାଳକ ଥିଲେ ଯାହାଙ୍କ ନାମ ଶ୍ରବଣ କୁମାର ଥିଲା। ତାଙ୍କ ବାପ ଶାନ୍ତନୁ ଓ ମା' ଜ୍ଞାନବନ୍ତୀ ଋଷି ଓ ଋଷିପତ୍ନୀ ଥିଲେ। ସେମାନେ ଅନ୍ଧ ଅନ୍ଧୁଣା ଥିଲେ।

ଶ୍ରବଣ କୁମାର ପିତାମାତାଙ୍କୁ ଦେବାଦେବୀ ପରି ମାନୁଥିଲେ ଓ ତାଙ୍କର ସମସ୍ତ ଆବଶ୍ୟକତାକୁ ପୂରଣ କରୁଥିଲେ। ପିଲାବେଳୁ ଶ୍ରବଣ କୁମାର ଘରର ସମସ୍ତ କାମ କରୁଥିଲେ ଓ ପିତାମାତାଙ୍କ ସେବା କରୁଥିଲେ। ତାଙ୍କ ପିତାମାତା ଶ୍ରବଣ କୁମାରଙ୍କ ଉପରେ ବହୁତ ଖୁସୀ ଥିଲେ ଓ ତାଙ୍କୁ ଆଶୀର୍ବାଦ କରୁଥିଲେ।

ପିତାମାତା ବାର୍ଦ୍ଧକ୍ୟ ଆଡ଼କୁ ଗତି କରିଥିଲେ। ଶ୍ରବଣ କୁମାର ଯୁବକ ହୋଇ ଯାଇଥିଲେ। ସେହି ସମୟରେ ପିତାମାତା ଇଚ୍ଛା କଲେ ଯେ ସେ ତୀର୍ଥ ଯାତ୍ରାରେ ଯିବାକୁ ଚାହାନ୍ତି। ଏ କଥା ଶୁଣି ଶ୍ରବଣ କୁମାର ବହୁତ ଖୁସି ହେଲେ ଓ ସଂଗେ ସଂଗେ ପିତାମାତାଙ୍କୁ ତୀର୍ଥ ଯାତ୍ରାରେ ନେବାକୁ ଯୋଜନା କଲେ।

ସେମାନଙ୍କ ଆର୍ଥିକ ପରିସ୍ଥିତି ଭଲ ନଥିଲା। ତେଣୁ କୌଣସି ପ୍ରକାର ପରିବହନ ବ୍ୟବସ୍ଥାର ସହାୟତା ନେବାର ସମ୍ଭାବନା ନଥିଲା। ଅନ୍ଧ ପିତାମାତା ମଧ୍ୟ ଏତେ ବାଟ ଚାଲି ପାରିବେନି। ତେଣୁ ଶ୍ରବଣ କୁମାର ପିତାମାତାଙ୍କୁ ଗୋଟିଏ ବାଟ ବାହାର କରି। ଭାର ବୋହିଲା ପରି ସେ ଗୋଟେ ବାଉଁଶର ଦୁଇ ପାଖରେ ଦୁଇଟି ଝୁଲା ରଖିଲେ ଓ ପିତାମାତାଙ୍କୁ ସେଥିରେ ବସାଇ ସେ ତୀର୍ଥ ଯାତ୍ରାରେ ବାହାରିଗଲେ। ଏପରି ପିତୃ ମାତୃ ଭକ୍ତ ପିଲା କେଉଁଠି ମିଳିବେ? ବାପା ମା'ଙ୍କ ଭାରକୁ କାନ୍ଧରେ ବୋହି ଶ୍ରବଣ କୁମାର ବିଭିନ୍ନ ତୀର୍ଥ ସ୍ଥାନକୁ ଗଲେ। ବଣ, ଜଙ୍ଗଲ, ନଦୀ ନାଳ ଓ ପାହାଡ଼ ଆସୁଥିଲେ ବାଟରେ। ସେ ସବୁକୁ ଖାତିର ନକରି ଶ୍ରବଣ କୁମାର ପିତା ମାତାଙ୍କ କାନ୍ଧରେ ବୋହି ଚାଲିଥିଲେ।

ସେମାନେ ଅଯୋଧ୍ୟା ଦେଶରେ ପ୍ରବେଶ କରିଥିଲେ। ଜଙ୍ଗଲ ରାସ୍ତାଦେଇ ସେମାନେ ଯାଉଥିଲେ। ଶ୍ରବଣ କୁମାର ଜଙ୍ଗଲରୁ ଫଳମୂଳ ସଂଗ୍ରହ କରି ପିତାମାତାଙ୍କୁ ଦେଉଥିଲେ। ଥରେ ପିତାମାତାଙ୍କୁ ଶୋଷ ଲାଗିଲା। ଶ୍ରବଣ କୁମାର ତାଙ୍କୁ ଗୋଟାଏ ଜାଗାରେ ବସେଇ ପାଣି ଆଣିବାକୁ ବାହାରିଲେ।

ସଂଧ୍ୟା ହୋଇ ଯାଇଥିଲା। ଜଙ୍ଗଲ ସାରା ଅନ୍ଧକାର। ପାଖରେ ଏକ ନଦୀ ଥିଲା। ଶ୍ରବଣ କୁମାର ସେଠାରୁ ପାଣି ଆଣିବାକୁ ଯାଇଥିଲେ।

ଦୈବାତ୍ ସେଦିନ ଅଯୋଧ୍ୟାର ମହାରାଜା ଦଶରଥ ସେଇ ଜଙ୍ଗଲକୁ ମୃଗୟା ଲାଗି ଆସିଥିଲେ।

ଏଇଠି ମିନା ଅପା ପିଲାମାନଙ୍କୁ ପଚାରିଲେ- ପିଲାମାନେ, କୁହତ ଦଶରଥ କାହାର ପୁତ୍ର ଥିଲେ?

ସଭାରେ ସବୁ ପିଲା ହାତ ଟେକିଲେ ଓ ସମସ୍ତେ ଏକ ସ୍ୱରରେ କହିଲେ- ଦଶରଥ ଅଜ ମହାରାଜାଙ୍କ ପୁତ୍ର ଥିଲେ। ପିଲାଙ୍କ ଉତ୍ତର ଶୁଣି ମିନା ଅପା ଖୁସୀ ହେଲେ।

ବହୁତ ଭଲ କଥା। ରାଜା ଦଶରଥ ସେଦିନ ଜଙ୍ଗଲରେ ବହୁତ ବୁଲିଲେ। ମାତ୍ର କୌଣସି ଶିକାର ପାଇଲେନି। ସଂଧ୍ୟା ହୋଇ ଆସିଲା। ଦଶରଥ ସେଦିନ ମନସ୍ଥ କରିଥିଲେ କି ସେ ମୃଗୟା ସାରି ରାଜଧାନୀକୁ ଫେରିବେ।

(କ୍ରମଶଃ)

+ (ମୋ) ୯୯୮୦୩୦୦୭୫୧

## ଆମ ଗାଆଁରେ ସଞ୍ଜ

ସୁଶାନ୍ତ କୁମାର ପଣ୍ଡା



ଗାଆଁ ମୁଣ୍ଡରେ ଶିବ ମନ୍ଦିରେ
ଶୁଭଇ ଶଙ୍ଖ ଭେରି
ଗାଈ ପଲଟି ଫେରନ୍ତି ଘରେ
ଉଡାଇ ଦାଣ୍ଡ ଧୂଳି
ପାହାଡ ଉହାଡେ ସୂରୁଜ ଦେବ
ଯାଆନ୍ତି ଅସ୍ତ ହୋଇ
ସେହି ସମୟେ ଆମ ଗାଆଁକୁ
ସଞ୍ଜ ଆସେ ନଇଁ ।

ନଈ ତୁଠରେ ସୂରୂଜ ବୁଣେ
ତା'ର ରକ୍ତିମ ଆଭା
ସୁଲୁ ସୁଲିଆ ପବନ ବାଜି
ମନକୁ କରେ ଲୋଭା
ଚାଷୀ ଭାଇଟି ଘରକୁ ଫେରେ
ହାତେ କୋଦାଳ ନେଇ
ସେହି ସମୟେ ଆମ ଗାଆଁକୁ
ସଞ୍ଜ ଆସେ ନଇଁ ।

ଚଉରା ମୂଳେ ସଞ୍ଜ ସଳିତା
ଜାଳଇ ଜେଜି ମାଆ
ଘର ଭିତରେ ଠାକୁର ଘରେ
ଆଳତୀ କରେ ମାଆ
ପିଲା ମାନେତ ପଢନ୍ତି ବସି
ହାତ ଗୋଡକୁ ଧୋଇ
ସେହି ସମୟେ ଆମ ଗାଆଁକୁ
ସଞ୍ଜ ଆସେ ନଇଁ ।

ବୁଢା ବୁଢୀଏ ଗାଆଁ ଟୁଙ୍ଗିକୁ
ଯାଆନ୍ତି ନଇଁ ନଇଁ
ମିଶ୍ର ଭାଇନା ଭାଗବତକୁ
ବୁଝାନ୍ତି ବିହ୍ୱଳ ହୋଇ
ହୁଳହୁଳିରେ ଗଗନ କମ୍ପେ
ଡାକନ୍ତି ତ୍ରାହି ତ୍ରାହି
ସେହି ସମୟେ ଆମ ଗାଆଁକୁ
ସଞ୍ଜ ଆସେ ନଇଁ ।

କାମ ଶେଷକରି ଫେରନ୍ତି ଲୋକେ
ହାଟରୁ ପରିବା ଧରି
ପିଲାଙ୍କ ପାଇଁ ନାନା ଜିନିଷ
ଆଣନ୍ତି ସାଇତି କରି
ସାଇକେଲ ଘଂଟି ବାଜିଲେ
ଦୂଆରେ ଯାଆନ୍ତି ପିଲାଏ ଧାଇଁ
ସେହି ସମୟେ ଆମ ଗାଆଁକୁ
ସଞ୍ଜ ଆସେ ନଇଁ ।

+ ଆଠଗଡ ପ୍ରଧାନ ଡାକଘର, ଆଠଗଡ, କଟକ
ମୋ-୯୮୫୩୯୭୫୮୫୪

କବିତା
ତୁମ ପାଇଁ



## ବୁଦ୍ଧି ଟିକେ ତୋର ନାହିଁ କି ?..

ଧିରେନ୍ଦ୍ର ମଲ୍ଲିକ



ଜେଜେ ବାହାରିଲେ ଝୁମ୍ପୁରି ହାଟକୁ
କୁନାକୁ ସାଙ୍ଗରେ ନେଇକି,
ମୁନା କାନ୍ଦିବାରୁ ହାତରେ ତାହାର
କୋଡ଼ିଏଟି ଟଙ୍କା ଦେଇକି।

ବଡ଼ ଆନନ୍ଦରେ ସାଇକେଲ ଚଢ଼ି
ପହଞ୍ଚିଲେ ଯାଇ ହାଟରେ,
ପରିବା ସଉଦା କିଣିସାରି ଦୁହେଁ
ଆସିଲେ ଆପଣା ବାଟରେ।

କିଛିବାଟ ଯିବାପରେ ଜେଜେଙ୍କର
କଥାଟେ ପଡ଼ିଲା ମନରେ,
କହିଥିଲା ବୁଢ଼ୀ ଗୁଆ ପାନ ପାଇଁ
ଧିର କଣ୍ଢେ ତାଙ୍କ କାନରେ।

କହିଲେ ରାଗରେ ନିଆଁଲଗା ମନ
ସବୁକଥା ଭୁଲି ଯାଉଛି,
ହେବା କାମକୁ ମୋ ଅଧାରେ ରଖିକି
କି ଲାଭ ସତେକି ପାଉଛି।

ଯାଉଛି ଯିବି ମୁଁ ଆଉଥରେ ପୁଣି
କୁନା ରହିଥାଉ ଏଇଠି,
ପଳେଇ ଆସିବି ବହୁତ ଶିଘିର
ଆଉ ରହିବିନି କୋଉଠି।

କହିଲେ କୁନାକୁ ଯିବୁନି କୁଆଡ଼େ
ଥିବୁ ଏଇଠାରେ ଚାହିଁକି,
ଏକାମୁଁ ଯାଉଛି ଆସିଯିବି ବେଗି
ଦୁଇଜଣ ଯିବା କାହିଁକି ?

ଏହା କହି ଜେଜେ ସାଇକେଲ ଚଢ଼ି
ପୁଣି ଚାଲିଗଲେ ହାଟକୁ,
କୁନା ସେଇଠାରେ ଅପେକ୍ଷା କରିଲା
ଜେଜେଙ୍କ ଫେରିବା ବାଟକୁ।

କୌଣସି କାରଣ ପାଇଁ ଜେଜେଙ୍କର
ଡେରି ଟିକେ ହୋଇ ଯିବାରୁ,
ପଳେଇଲା କୁନା ଏକା ଏକା ଚାଲି
ବ୍ୟସ୍ତ ଭୟ ମନେ ଥିବାରୁ।

ଜେଜେ ପହଞ୍ଚିକି ଦେଖିଲେ ସେଠାରେ
ମିଳିଲାନି କୁନା କୋଉଠି,
ଅଧର୍ଯ୍ୟ ଅସ୍ଥିର ହୋଇକି ଖୋଜିଲେ
ସନ୍ଦେହ ହୋଇଲା ଯୋଉଠି।

ଉଦାସ ମନରେ ଭାବିଲେ ନାତିଆ
ଯାଇଥିବ କାଳେ ଘରକୁ,
ଯାଇ ଦେଖି ଆସେ ମୁହିଁ ତ ଚଣ୍ଡାଳ
ଦୋଷ ଦେବି କାହିଁ ପରକୁ।

ଘରେ ପହଞ୍ଚିକି ଦେଖିଲେ କୁନାକୁ
ଖେଳୁଥିଲା ସାଙ୍ଗ ମେଳରେ,
କହିଲେ ହଇରେ ବଦମାସ ଟୋକା
ମାଡିଛୁ ଏଠିତୁ ଖେଳରେ।

ମନା କରିଥିଲି ଆସିବାକୁ ଏକା
କହ ତୁ ଆସିଲୁ କାହିଁକି ?
ପଡ଼ିଥାନ୍ତୁ ଯଦି ଚୋରଙ୍କ ହାବୁଡ଼େ
ବୁଦ୍ଧି ଟିକେ ତୋର ନାହିଁକି ?

କିଛି ଅଘଟଣ ଘଟି ଯାଇଥିଲେ
ଦାୟୀ ମତେ କରି ଥାଆନ୍ତେ,
ଯାହା ହେଉ ଭଲେ ଆସି ପହଞ୍ଚିଛୁ
ସାହା ହୋଇଛନ୍ତି ସାଆନ୍ତେ।

ଜେଜେକଥା ଶୁଣି କୁନା ନେଲା ଜାଣି
ଜେଜେଙ୍କୁ କ୍ଷମା ସେ ମାଗିଲା,
ସେବେଠାରୁ ବ୍ୟସ୍ତ ଭୟ ମନୁ ତେଜି
ସାହସୀ ହେବାକୁ ଲାଗିଲା ।

+ନୀଳକଣ୍ଠପୁର,ମଙ୍ଗଳପୁର, ଯାଜପୁର
ଫୋନ-୭୯୦୪୩୯୨୬୮୬

## ଝୁମୁକୁ ଝାଇଁ-୫...

ଅଶୋକ କୁମାର ପ୍ରଧାନ



ଝୁମୁକୁ ଝାଇଁ ଝୁମୁକୁ ଝାଇଁ
ସୁନାଝିଅଟିଏ ତୁମର ମୁହିଁ
କରନି କେ ମନ ଦୁଃଖ
ଝିଅର ପାଖରେ ରହିଅଛି ଭରି
ଜୀବନର ସବୁ ସୁଖ।

ଝୁମୁକୁ ଝାଇଁ ଝୁମୁକୁ ଝାଇଁ
ଝିଅ ବୋଲି ଘୃଣା କରନି କେହି
ଝିଅଟି ସମାଜେ ସାର
ଝିଅ ବିନା କୁହ ସୃଷ୍ଟିର ସର୍ଜନ
କେମିତି ହୋଇବ ସ୍ଥିର।

ଝୁମୁକୁ ଝାଇଁ ଝୁମୁକୁ ଝାଇଁ
ଝିଅକୁ ଆଦରେ ନିଅ କୋଳେଇ
କରରେ ତାହାର ଯତ୍ନ
ଝିଅ ପରା ଅଟେ ସମାଜ ହାରର
ଅମୂଲ୍ୟ ଅତୁଲ୍ୟ ରତ୍ନ।

ଝୁମୁକୁ ଝାଇଁ ଝୁମୁକୁ ଝାଇଁ
ଝିଅକୁ ନିଉନ ମଣନି କେହି
କରନାହିଁ ତାକୁ ଘୃଣା
ପୁଅ ପରି ଝିଅ ଅଟଇ ସବଳ
ନୁହେଁ ସେ ପୁଅଠୁ ଉଣା।

ଝୁମୁକୁ ଝାଇଁ ଝୁମୁକୁ ଝାଇଁ
ଝିଅକୁ ସମ୍ମାନ ଦିଅରେ ଭାଇ
ଝିଅଟି ସାକ୍ଷାତ ଦେବୀ
କେତେ ସୁର ନର ଦେବ ତା ଗର୍ଭରୁ
ଜନ୍ମିଛନ୍ତି ପାଦ ସେବି।

ଝୁମୁକୁ ଝାଇଁ ଝୁମୁକୁ ଝାଇଁ
ଝିଅ ଗୃହଲକ୍ଷ୍ମୀ ଜାଣିଥ ଭାଇ
ଝିଅ ବିନା ନାହିଁ ଗତି
ଝିଅର ଆଦର କରିଲେ ସଭିଏଁ
ସମାଜେ ବଢିବ ଶାନ୍ତି।

+ରୋହିଗାଁ, ଗଞ୍ଜାମ
ମୋ-୮୨୪୯୧୧୯୧୩୦



ପିଲାଙ୍କ ଉପନ୍ୟାସ : ଭାଗ-୧୭

# ପାଗଳାବାବାଙ୍କ ଟାଇମ୍ ମେସିନ୍

ପୀତାମ୍ବରୀ ଦାଶ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ମନୀଷ ଓ ସୋମୁ ଭୋକଶୋଷରେ ନିସ୍ତେଜ ହୋଇଆସୁଥିଲେ। ଟିନି ତାକୁ କହିଲା - ମୁଁ ଜାଣିଛି , ଆମ ଘରେ ଖାଦ୍ୟ ଓ ଜଳ କ୍ୟାପ୍ସୁଲ୍ ନାହିଁ । ଯାହା କିଛି ଥିଲା ବାପା ମା' ସାଙ୍ଗରେ ନେଇଯାଇଛନ୍ତି । ମୋ ପାଇଁ ବି ନାହିଁ। ମତେ ଏବେ ଗବେଷଣାଗାରରେ ପ୍ରସ୍ତୁତ କରିବାକୁ ପଡିବ। ତାହା ପୁଣି ସୀମିତ ତଥାପି ତୁମ ଦୁହିଁଙ୍କ ପାଇଁ ହେଇଯିବ । ଗତକାଲି ମୁଁ ଟାବଲେଟ୍ ଓ କ୍ୟାପସୁଲ୍ ଖାଇଛି । ଆଉ ଦୁଇଦିନ ରହିପାରିବି , ଅବଶ୍ୟ କଷ୍ଟ ହେବ। ଟିନି ତାଙ୍କ ଗବେଷଣାଗାରକୁ ଗଲା ଟାବ୍ଲେଟ୍ ଓ କ୍ୟାପ୍ସୁଲ୍ ତିଆରି କରିବାକୁ ।

ମନୀଷ ସୋମୁ କୁ କହିଲା - 'ଜାଣିଛୁ ମୁଁ ଯେତେ ପାଣି ନଷ୍ଟ କରିଛି ତା' ଫଳ ଏବେ ଭୋଗିବାକୁ ପଡୁଛି। ଟୋପେ ପାଣି ପାଇଁ ଆଜି ଆଉଟୁପାଉଟୁ ହଉଛି । ତୁ ଝରଣାର ପାଣି ପିଇଲୁ । ମୁଁ ନାକ ଟେକିଲି ପିଇବାକୁ । ତା' ଫଳ ଏବେ ଭୋଗୁଛି। ଠିକ୍ ସମୟରେ ଯଦି ଟିନି କ୍ୟାପସୁଲ୍ ତିଆରି କରି ନ ପାରିବ ମୁଁ ଆଉ ବଂଚିବିନି ସୋମୁ' । ମନୀଷକୁ ଆଶ୍ୱସନା ଦେଇ ସୋମୁ କହିଲା - ବ୍ୟସ୍ତ ହଅନା ରେ । ଟିନି କହୁଥିଲା ତତେ ସେ ଯେଉଁ ଇକ୍ସେନ ଦେଇଛି ତା ପାୱାର ଘଂଟା ଯାଏ ରହିବ । ମନୀଷ କହିଲା ଏବେ ସୁଦ୍ଧା ତ ୩୫ ମିନିଟ୍ ଚାଲିଗଲାଣି । ତା' ପରେ କଣ ହବ .....!

କିଛି ଅସୁବିଧା ହେବନାହିଁ । ଏହି ସମୟ ମଧ୍ୟରେ ଟିନି ନିଶ୍ଚୟ କ୍ୟାପସୁଲ୍ ବନେଇ ପାରିବ ,

ଆଶା ମନରେ ବିଶ୍ୱାସ ସଂଚାର କରେ। ସବୁ ନକରାତ୍ମକ ଭାବନାକୁ ସକରାତ୍ମକ କରିପାରେ। ମନୀଷ ଆଉ ସୋମୁ ଆଜି ସୁକୁସୁକୁ ହେଉଛନ୍ତି ଜଳ ଆଉ ଖାଦ୍ୟ ବିନା । ତଥାପି ସେଇ ଆଶାର ଭରସାରେ ବଂଚିବାର ସ୍ୱପ୍ନ ଦେଖୁଛନ୍ତି ।

### ୦୮ ଟିନି ର ଉଦାରତା

ଟିନି ଗବେଷଣାଗାର ଟେବୁଲକୁ ଯିବା ପରେ ପ୍ରଥମେ କାନ୍ଥର ଏକ ସୁଇଚ୍ ଅନ୍ କଲା । ଫିଲ୍ମରେ ସ୍କ୍ରିନ୍ ଉପରେ ଛବି ଦେଖାଗଲା ପରି କାନ୍ଥରେ ଛବି ଦେଖାଗଲା । ତା' ଗବେଷଣା ଟେବୁଲର ଏକ ମେସେଜ୍ ସୁଇଚ୍ ଅଫ୍ କଲା ସେ । ଛବି ତଳେ ମେସେଜ୍ ସିମ୍ବଲ୍ ,ତା'ତଳକୁ ଯେଉଁଠି ଅନଲକ୍ ଲେଖାଯାଇଥିଲା ସେଠି ଲକ୍ ଦେଖାଗଲା। ତା'ପରେ ଟିନି ତରବରରେ ହାତରେ ଗ୍ଲୋବ୍ସ ଓ ମୁହଁରେ ସେପ୍ଟି ମାସ୍କ ଲଗାଇଲା। ଟେଷ୍ଟ ଟ୍ୟୁବ୍‌ରେ ଡ୍ରପ୍ ସାହାଯ୍ୟରେ ବିଭିନ୍ନ ପ୍ରକାର ତରଳ ରାସାୟନିକ ପଦାର୍ଥ ପକାଇଚାଲିଲା। ମଝିରେମଝିରେ ଘଂଟାକୁ ଚାହୁଁଥାଏ,ପୁଣି ନିଜେ ବିବ୍ରତ ହୋଇପଡୁଥାଏ । ପ୍ରାୟ ୨୦ ମିନିଟ୍‌ରେ ଟ୍ୟୁବ୍‌ରେ ଦୁଇଟି ଗ୍ରୀନ୍ ଟାବ୍‌ଲେଟ୍ ଦେଖାଗଲା । ଟିନି ଖୁସିରେ ଆତ୍ମହରା ହୋଇପଡିଲା , ଟାବ୍‌ଲେଟ୍ ଦୁଇଟିକୁ ଧରି ଆସିବା ପୂର୍ବରୁ କାନ୍ଥର ସୁଇଚ୍ ଅଫ୍ କଲା

ମନୀଷ ଅଚେତ୍ ଥିଲା । ସୋମୁର ଅବସ୍ଥା ଖରାପ ଥିଲେ ବି ସେ ଆଖିମେଲି ଚାହିଁଥିଲା । ଅନୁଭବ କରୁଥିଲା ଜିଭଟା ତା ତଂଟି ଭିତରକୁ ପଶିପଶି ଯାଉଛି । ଟିନି ଦୁହିଁ ଙ୍କୁ ଦେଖି ବିଚଳିତ ହୋଇପଡିଲା । ଗ୍ରୀନ୍ ଟାବ୍‌ଲେଟ୍ ଦୁଇଟିକୁ ଉଭୟଙ୍କ ଜିଭ ତଳେ ରଖିଦେଲା । ଧୈର୍ଯ୍ୟର ସହ ଅପେକ୍ଷା କଲା ଦୁହିଁଙ୍କର ପ୍ରତିକ୍ରିୟା ଜାଣିବାକୁ। ପ୍ରାୟ ୫ ମିନିଟ୍ ପରେ ସୋମୁ ଉଠି ବସିଲା । ପାଖରେ ମନୀଷ ପଡିରହିଥିଲା । ସେ ଭବିଲା ମନୀଷ ବୋଧେ ମରିଗଲାଣି । ଇକ୍ସେନ୍ ନବାର ଏକ ଘଂଟା ମଧ୍ୟରେ ଟାବ୍‌ଲେଟ୍ ନେବାକୁ ହେବ - ନଚେତ୍ ଶ୍ୱାସକ୍ରିୟା ବନ୍ଦହୋଇ ଜିଭ ଧିରେଧିରେ ତଂଟି ମଧ୍ୟକୁ ଚାଲିଜିବ । ତା'ପରେ ମୃତ୍ୟୁ ନିଶ୍ଚିତ । ମୁହଁରେ ହାତଦେଇ କାନ୍ଦିଉଠିଲା ସୋମୁ । ଟିନି ତାକୁ ବୁଝାଇଲା - ବ୍ୟସ୍ତ ହୁଅନା ସବୁ ଠିକ୍ ହେଇଯିବ - ବରଂ ଇଶ୍ୱରଙ୍କୁ ଡାକ । ଆମ ପ୍ରଫେସର୍ ଏକ୍ସ କିଛି ଜାଣି ନପାରୁ । ମନୀଷ ଧୀରେଧୀରେ ଉଠି ବସିଲା । ସୋମୁ ତାକୁ କୁଣ୍ଢାଇପକାଇ ଜୋରରେ କାନ୍ଦି ଉଠିଲା । ଦୁହେଁ ଟିନିର ହାତଧରି ଚକାଭଉଁରୀ ଖେଳିଲେ । ସେମାନଙ୍କ ଆନନ୍ଦ ଦେଖି ଟିନି ଭାବ ବିହ୍ୱଳ ହୋଇଉଠିଲା ଖୁସିରେ ତା' କଣ୍ଢେଇ ଆଖିରେ ମଧ୍ୟ ଲୁହ ଜକେଇଲା । ସୋମୁ ଓ ମନୀଷ ର ଜିଭ ତଳେ ଗ୍ରୀନ୍ ଟାବ୍‌ଲେଟ୍ ମିଳାଇଗଲା ପରେ ଦୁହିଁଙ୍କର ଶୋଷ ମେଂଟି ଯାଇଥିଲା । ଦୁହେଁ ଟିକେ ସୁସ୍ଥ ଅନୁଭବ କରୁଥିଲେ ଅଥଚ ଆରମ୍ଭ ହୋଇଯାଇଥିଲା ଭୋକ । ପେଟରେ ମୂଷା ଡେଉଁଥିଲେ ଦୁହେଁ ପୁଣି ଅଶ୍ୱସ୍ଥି ଅନୁଭବ କଲେ ।

ଟିନି ଦୁହିଁଙ୍କୁ ସାଙ୍ଗରେ ନେଇ ପୁଣି ଗବେଷଣାଗାରକୁ ପ୍ରବେଶ କଲା । ଦୁହିଁଙ୍କ ଉପରେ ନେଟ୍ ଢାଙ୍କିଦେଲା ତାଙ୍କ ଉପରେ ଆଉ ଏକ ସ୍ୱଚ୍ଛ ଗୋଲ୍‌ଡେନ୍ ପେପର୍ ଘୋଡାଇଦେଲା । କାନ୍ଥର ସୁଇଚ୍ ଅନ୍ କଲା । ପୂର୍ବ ପରି ମେସେଜ୍ ଲକ୍ କଲା । ପୁଣି ପୂର୍ବପରି ଗବେଷଣା ଆରମ୍ଭ କଲା । ପ୍ରାୟ ୨୦ ମିନିଟ୍ ମଧ୍ୟରେ ଟ୍ୟୁବ୍ ମଧ୍ୟରେ ଦୁଇଟି ଧଳା ଲମ୍ବା କ୍ୟାପ୍ସୁଲ୍ ସୃଷ୍ଟି ହେଲା । ଯାହା ମଧ୍ୟରେ ସୁନେଲି ରଙ୍ଗର ଧୂଳିକଣା ପରି କିଛି ପଦାର୍ଥ ଭର୍ତି ହୋଇଥିଲା ପ୍ରଥମେ ସେ ମନୀଷ ପାଟିରେ ତଂଟି ମୂଳ ପର୍ଯ୍ୟ' ଏକ ପାଇପ୍ ଗଳାଇ ଦେଲା - ଯେଉଁଟା କାଚ ଟ୍ୟୁବ୍‌ରେ ସଂଯୋଗ ହୋଇଥିଲା । ପାଇପ୍‌ର ନଟ୍ ଭିଡିଦେବାରୁ ଏକ କ୍ୟାପ୍ସୁଲ୍ ତା' ପେଟ ମଧ୍ୟକୁ ଚାଲିଗଲା । ଠିକ୍ ସେହିପରି ସୋମୁ ପେଟ ମଧ୍ୟକୁ ଅନ୍ୟ କ୍ୟାପ୍ସୁଲ୍ ଗଲା ଦୁହିଁକୁ ଖୁବ୍ କଷ୍ଟ ହେଲା । ମାତ୍ର ୨ ମିନିଟ୍ ମଧ୍ୟରେ ସେମାନେ ସୁସ୍ଥ ଅନୁଭବ କଲେ ।ଟିନି ହାତରୁ ଗ୍ଲୋବ୍‌ସ୍ କାଢିଲା । ଇଶ୍ୱରଙ୍କ ଉଦ୍ଦେଶ୍ୟରେ ହାତଯୋଡିଲା । ଦୁଇ ସାଙ୍ଗ ତା ହାତଧରି ଧନ୍ୟବାଦ ଜଣାଇଲେ । ଏହି ସମୟରେ ହଠାତ୍ ସେହି ଗବେଷଣାଗାରର ଏକ ରେଡ୍ ଲାଇଟ୍ ଜଳି ଉଠିଲା । ଏକ ଶୁଟିକଟୂ ଶବ୍ଦ ପ୍ରତିଧ୍ୱନିତ ହେଲା । ମନୀଷ ଓ ସୋମୁ ଡରିଗଲେ । ଟିନି କ୍ଷିପ୍ର ଗତିରେ ଯାଇ ଗବେଷଣା ଟେବୁଲ୍ ସହ ସଂଯୋଗ ହୋଇଥିବା ସୁଇଚ୍‌ଟିକୁ ଅଫ୍ କରିଦେଲା ।

(କ୍ରମଶଃ)

+ ପୁରୋହିତପୁର, ଜଗତସିଂହପୁର
ମୋ:୯୭୭୮୫୨୦୩୭୦

# ବଡ଼ଙ୍କ ବଡ଼ କଥା: ଏପରି ଭୁଲ କରିବୁନି

ଯଜ୍ଞଦତ୍ତ ସାମନ୍ତରାୟ

ସ୍କୁଲଟିଏ। ସେହି ସ୍କୁଲରେ ଅନେକ ପିଲା ପଢୁଥିଲେ। ସେହି ପିଲାଙ୍କ ଭିତରେ ଥିଲା ପିଲାଟିଏ। ସେ ପିଲାଟି ସବୁ ପିଲାଙ୍କଠୁଁ ଭାରି ବୁଦ୍ଧିଆ ଥିଲା।

ଥରେ ସେ ସ୍କୁଲରେ କାହାଣୀ ପ୍ରତିଯୋଗିତାର ଆୟୋଜନ ହେଲା। ସବୁ ପିଲାଙ୍କୁ ପନ୍ଦରଦିନ ଭିତରେ କାହାଣୀ ଲେଖି ଦେବାପାଇଁ କୁହାଗଲା।

ସବୁ ପିଲାଙ୍କ ପରି ଏହି ପିଲାଟି ମଧ୍ୟ କାହାଣୀ ପ୍ରତିଯୋଗିତାରେ ଭାଗ ନେଲା। ପନ୍ଦରଦିନ ପୂରିବାକୁ ମାତ୍ର ଦି'ଦିନ ବାକିଅଛି, ପିଲାଟି ତା' କାହାଣୀ ଲେଖି ସ୍କୁଲରେ ଦାଖଲ କଲା।

ପ୍ରତିଯୋଗିତାର ଫଳ ବାହାରିଲା। ସ୍କୁଲର ସମସ୍ତେ ଭାବିଥିଲେ, ଏ ବୁଦ୍ଧିଆ ପିଲାଟି ପୁରସ୍କାର ଜିତିବ। ହେଲେ ଏ କ'ଣ? ପ୍ରଥମ ପୁରସ୍କାର ଆଉ ଜଣେ ପାଇଲା। ପୁରସ୍କାର ଘୋଷଣା ହେଲା ଦିନ ଏ ପିଲାଟି ମଧ୍ୟ ସ୍କୁଲରେ ଉପସ୍ଥିତ ଥିଲା। ପୁରସ୍କାରର ଫଳ ଶୁଣି ତା' ମନ ଉଦାସ ହୋଇଗଲା।

ପିଲାଟି ଉଦାସ ମନରେ ଘରକୁ ଫେରି ନିଜ କୋଠରି ଭିତରେ ଚୁପ୍‌ଚାପ୍ ବସିଲା।

ପିଲାଟିର ଜଣେ ବଡ଼ ଭଉଣୀ ଥିଲେ। ସେ ତା' ମନ କଥା ବେଶ୍ ଠଉରେଇ ନେଇ କହିଲେ- "ଆରେ, ଉଦାସ ହୋଇକି କାହିଁକି ବସିଛୁ? ଏମିତି ହେବ ବୋଲି ତ ମୁଁ ଆଗରୁ ଜାଣିଥିଲି। କାରଣ ତୋର ପୁରୁଣା ଅଭ୍ୟାସ ତୁ ଠିକ୍ ସମୟରେ କାମ ନ କରି ଶେଷ ଦିନରେ କରିବୁ। ତା' ଫଳ ତୁ ଭୋଗିବୁନି ତ ଆଉ କିଏ ଭୋଗିବ? ହଁ ନିଜର ବିଫଳତା ପାଇଁ ଯଦି ଏତେ କଷ୍ଟ ହେଉଛି, ତେବେ ଆଜିଠୁଁ ଶପଥ କର ଏମିତି ଭୁଲ ଆଉ ଜୀବନରେ କେବେ କରିବୁ ନାହିଁ। ସବୁ କାମ ଠିକ୍ ସମୟରେ କରିବୁ।"

ଭଉଣୀର ଏଇ କିଛି ପଦ କଥା ପିଲାଟିର କଅଁଳ ମନକୁ ଢ଼େର ପ୍ରଭାବ ପକାଇଲା। ତାପରଠୁଁ ପିଲାଟି ପୂରାପୂରି ବଦଳିଗଲା। ଆଉ ନିଜ କାମକୁ ଠିକ୍ ସମୟରେ କରିବାକୁ ଭୁଲିଲା ନାହିଁ।

ପିଲାମାନେ, ଭବିଷ୍ୟତରେ ବଡ଼ ହୋଇ ଏହି ପିଲାଟି ଜଣେ ମହାନ୍ ସାହିତ୍ୟିକ ହେଲା। ଉତ୍ତମ ସାହିତ୍ୟ ରଚନା ପାଇଁ ନୋବେଲ ପୁରସ୍କାର ପାଇଲା। ହଁ, ସେଦିନ କାହାଣୀ ପ୍ରତିଯୋଗିତାରେ ହାରି ଭଉଣୀର ଉପଦେଶରେ ନିଜ ଜୀବନକୁ ପୂରା ବଦଳେଇ ଦେଇଥିବା ପିଲା ଜଣକ ହେଉଛନ୍ତି ଆମେରିକାର ସାମ୍ବାଦିକ, ଲେଖକ ଓ କ୍ରୀଡ଼ାବିତ୍ ଅର୍ନେଷ୍ଟ ମିଲର ହେମିଙ୍ଗ ୱେ।



+ସଂପାଦକ "ଗୁଂଜନ"
ସାମନ୍ତରାୟ ଭବନ, କବିସୂର୍ଯ୍ୟନଗର, ଗଂଜାମ-୭୬୧୧୦୪
ମୋ: ୯୩୩୭୪୪୯୨୪

# ତୃତୀୟ ଲହରର ମୁକାବିଲା ପାଇଁ ସରକାର ପ୍ରସ୍ତୁତ: ଶିଶୁଙ୍କ ପାଇଁ ୩୦୦୦ ବେଡ୍‌ର ବ୍ୟବସ୍ଥା

ଭୁବନେଶ୍ୱର,୨୭/୮ (ନି.ପ୍ର): କରୋନାର ତୃତୀୟ ଲହରର ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ । ତୃତୀୟ ଲହରକୁ ନେଇ ବିଭିନ୍ନ ସଂସ୍ଥା ପକ୍ଷରୁ ଭିନ୍ନ ଭିନ୍ନ ରିପୋର୍ଟ ଆସୁଛି । ସବୁ ରିପୋର୍ଟକୁ ତର୍ଜମା କରାଯାଉଛି ବୋଲି କହିଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ । ଏହାସହ ଶିଶୁ ମାନଙ୍କ ପାଇଁ ବେଡ ଓ ଔଷଧ ମହଜୁଦ ରଖିବା ନେଇ ପ୍ରକ୍ରିୟା ଜାରି ରହିଛି । ଦୈନିକ ୧୦ରୁ ୧୫ ହଜାର ସଂକ୍ରମଣ ହେଲେ ମଧ ମୁକାବିଲା ପାଇଁ ସରକାର ପ୍ରସ୍ତୁତ । ଏହାସହ ୧୦ ହଜାର ପଜିଟିଭ ଆସିଲେ ଶିଶୁଙ୍କ ପାଇଁ ୬୦୦ ବେଡ୍ ଆବଶ୍ୟକ,୧୫ ହଜାର ଆସିଲେ ୯୦୦ ବେଡ୍ ଆବଶ୍ୟକ ପଡିବ ଆମେ କିନ୍ତୁ ୩୦୦୦ ବେଡ୍ ପୂର୍ବରୁ ପ୍ରସ୍ତୁତ କରି ରଖିଛୁ । କରୋନାର ସମ୍ଭାବ୍ୟ ତୃତୀୟ ଲହରକୁ ନେଇ ସତର୍କ କରାଇଛନ୍ତି କେନ୍ଦ୍ର ସରକାର । ଦ୍ୱିତୀୟ ଲହର ଅପେକ୍ଷା ତୃତୀୟ ଲହରରେ ପ୍ରାୟ ଦେଢଗୁଣା ଅଧିକ ଦୈନିକ ସଂକ୍ରମଣ ଆସିପାରେ । କରୋନାର ତୃତୀୟ ଲହର ଶୀର୍ଷରେ ଛୁଇଁଲା ବେଳକୁ ଓଡିଶାରେ ଦୈନିକ ସଂକ୍ରମଣ ୧୯ ହଜାର ୨୭୮ ଛୁଇଁପାରେ ବୋଲି କେନ୍ଦ୍ର ସତର୍କ କରାଇ ଦେଇଛି । ସେହିପରି ଦୈନିକ ହାରାହାରି ୧୦ ହଜାର ୨୧୭ ମାମଲା ଆସିପାରେ ବୋଲି ରିପୋର୍ଟରେ କୁହାଯାଇଛି । କେନ୍ଦ୍ର ସରକାରଙ୍କ କୋଭିଡ ଏମର୍ଜେନ୍ସି ରେସପନ୍ସ ଆଣ୍ଡ ହେଲ୍ଥ ସିଷ୍ଟମ ପ୍ରିପେୟାର୍ଡନେସ- ଇସିପିଆର ଫେଜ- ଟୁ ଏହି ସମ୍ଭାବ୍ୟ ଚିତ୍ର ନେଇ ଆକଳନ କରିଛି । ଏପରିକି ତୃତୀୟ ଲହରରେ ୭୫ ଦିନ ମଧରେ ରାଜ୍ୟରେ ମୋଟ୍ ୭ଲକ୍ଷ ୬୬ ହଜାର ୨୭୫ କରୋନା ମାମଲା ଆସିବ ବୋଲି ଆକଳନ କରାଯାଇଛି । କେନ୍ଦ୍ରର ଏଭଳି ସତର୍କବାଣୀ ପରେ ପ୍ରସ୍ତୁତ ରହିବାକୁ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମାହାପାତ୍ର । ଏହି ସମୟରେ ୨୩ ପ୍ରତିଶତ ଅର୍ଥାତ ୧ ଲକ୍ଷ ୭୬ ହଜାର ୨୪୩ ଜଣଙ୍କୁ ହସ୍ପିଟାଲ ଚିକିତ୍ସା ଆବଶ୍ୟକ ହେବ । ୩ ପ୍ରତିଶତଙ୍କ ପାଇଁ ଆଇସିୟୁ ବେଡ ପ୍ରସ୍ତୁତ ରଖିବାକୁ କୁହାଯାଇଛି । ଅର୍ଥାତ ୨୨ ହଜାର ୯୮୮ ଆଇସିୟୁ ବେଡ୍ ଏବଂ ୫ ପ୍ରତିଶତ ଅର୍ଥାତ ୩୮ ହଜାର ୩୧୪ ଜେନେରାଲ ବେଡ ଆବଶ୍ୟକ ହୋଇପାରେ ବୋଲି କୁହାଯାଇଛି । ସେହିଭଳି ତୃତୀୟ ଲହରରେ ୯୧୯୫୩ ଜଣ ଶିଶୁ ସଂକ୍ରମିତ ହେବାର ସମ୍ଭାବନା ରହିଛି । ସଂକ୍ରମିତ ଶିଶୁଙ୍କ ମଧରୁ ୫ରୁ ୧୨ ପ୍ରତିଶତ ଶିଶୁ ଗୁରୁତର ହୋଇପାରନ୍ତି ।

# ଜଙ୍ଗଲ ଅଧିକାର ଆଇନ୍ ସେଲ୍‌ରେ ନିଯୁକ୍ତ କର୍ମଚାରୀଙ୍କ ପାଇଁ ଦକ୍ଷତା ବିକାଶ ତାଲିମ

ଭୁବନେଶ୍ୱର,୨୭/୮ (ନି.ପ୍ର): ଜଙ୍ଗଲ ଅଧିକାର ଆଇନର ବିଧିବଦ୍ଧ କାର୍ଯ୍ୟକାରିତା ତଥା ଅଗ୍ରଗତି ନିମନ୍ତେ ଓଡ଼ିଶା ସରକାରଙ୍କ ଅନୁମୋଦନ କ୍ରମେ ରାଜ୍ୟର ଜନଜାତି ଅଧ୍ୟୁଷିତ ଜିଲ୍ଲାମାନଙ୍କରେ ୧୬୦ଟି ଏଫ୍.ଆର.ଏ ସେଲ୍ ଗଠନ କରାଯାଇ କାର୍ଯ୍ୟକାରୀ କରାଯାଇଛି । ଏହି ସେଲ୍ ମାନଙ୍କରେ ନିଯୁକ୍ତ କର୍ମଚାରୀମାନଙ୍କର ଦକ୍ଷତା ବୃଦ୍ଧି ଉଦ୍ଦେଶ୍ୟରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ତାଲିମ ପ୍ରତିଷ୍ଠାନ ଦ୍ୱାରା ଆୟୋଜିତ ଏକ ଦୁଇଦିନିଆ ତାଲିମ କାର୍ଯ୍ୟକ୍ରମ ଗୁରୁବାର ଦିନ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ରଞ୍ଜନା ଚୋପ୍ରାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ପ୍ରାରମ୍ଭରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ତାଲିମ୍ ପ୍ରତିଷ୍ଠାନର ଉପଦେଷ୍ଟା ତଥା ନିର୍ଦ୍ଦେଶକ ପ୍ରଫେସର ଡ. ଅଖିଳ ବିହାରୀ ଓତା ସ୍ୱାଗତ ସମ୍ଭାଷଣ ଦେବା ସହିତ ୧୬୦ ଏଫ୍.ଆର.ଏ ସେଲ୍ ସଂପର୍କିତ ସୂଚନା ପ୍ରଦାନ କରିଥିଲେ । ଜଙ୍ଗଲ ଅଧିକାର ଆଇନ୍ ର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଆଧାରରେ ଏହାର ସୁଫଳ କିପରି ଜନଜାତି ସମୁଦାୟକୁ ମିଳିପାରିବ ଓ ଏହି ଆଇନକୁ କାର୍ଯ୍ୟକାରୀ କରାଯିବା ଦିଗରେ ଯେପରି କୌଣସି ହିତାଧିକାରୀ ଛାଡ଼ି ହୋଇ ନ ଯିବେ ସେ ଦିଗରେ ଏଫ .ଆର.ଏ ସେଲ ଗୁଡ଼ିକ ଉଲ୍ଲେଖନୀୟ ଭୂମିକା ସଂପାଦନ କରିବେ ବୋଲି ସେ ଆଶା ବ୍ୟକ୍ତ କରିଥିଲେ । ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ରଞ୍ଜନା ଚୋପ୍ରା ନିଜର ଅଭିଭାଷଣରେ କହିଥିଲେ ଯେ ଜଙ୍ଗଲ ଅଧିକାର ଆଇନର ଫଳପ୍ରଦ କାର୍ଯ୍ୟକାରିତା ଦିଗରେ ଏଫ୍.ଆର.ଏ ସେଲ୍ କର୍ମଚାରୀଙ୍କର ବହୁତ ବଡ଼ ଭୂମିକା ରହିଛି ଓ ଓଡ଼ିଶା ସରକାର ସେମାନଙ୍କ ଉପରେ ଆସ୍ଥା ପ୍ରକଟ କରୁଛନ୍ତି । ଏହି ଦିଗରେ ଉପଯୁକ୍ତ ତଥ୍ୟ ସଂଗ୍ରହ ଓ ପରିଚାଳନା, ଦାବିଗୁଡ଼ିକର ତ୍ୱରିତ ପ୍ରକ୍ରିୟାକରଣ ଓ ସେ ସଂକ୍ରାନ୍ତୀୟ କାର୍ଯ୍ୟଗୁଡ଼ିକୁ ସମୟାନୁବର୍ତିତା ଭିତିରେ ସଂପାଦନା କରିବା ଦିଗରେ ସେଲ୍ ର କର୍ମଚାରୀମାନେ ପ୍ରଚେଷ୍ଟା ଜାରି ରଖିବେ ବୋଲି ଆଶା ରଖି ସେମାନଙ୍କର ସଫଳତା କାମନା କରିଥିଲେ ।

## ତୃତୀୟ ଲହର ଚିନ୍ତା: ସଂକ୍ରମିତ ହୋଇପାରନ୍ତି ରାଜ୍ୟର ୯୨ହଜାର ଶିଶୁ

ଭୁବନେଶ୍ୱର,୨୭/୮ (ନି.ପ୍ର): କରୋନାର ସମ୍ଭାବ୍ୟ ତୃତୀୟ ଲହରରେ ରାଜ୍ୟରେ ପ୍ରାୟ ୯୨ହଜାର ଶିଶୁ କରୋନାରେ ସଂକ୍ରମିତ ହୋଇପାରନ୍ତି ବୋଲି ଅନୁମାନ କରାଯାଉଛି । ତୃତୀୟ ଲହରକୁ ନେଇ ବିଭିନ୍ନ ମଡେଲ ଭିନ୍ନ ଭିନ୍ନ ଆକଳନ କରୁଛନ୍ତି । କିଛି ମଡେଲ ଓଡ଼ିଶାରେ ତୃତୀୟ ଲହରର ଏତେଟା ପ୍ରଭାବ ପଡ଼ିବ ନାହିଁ ବୋଲି ଆକଳନ କରିଛନ୍ତି । ମାତ୍ର ରାଜ୍ୟ ସରକାର ସମୁଦାୟ ସଂକ୍ରମଣର ୧୨ ପ୍ରତିଶତ ଶିଶୁମାନେ ସଂକ୍ରମିତ ହେବେ ବୋଲି ପୂର୍ବାନୁମାନକୁ ନେଇ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଏହି ପରିପ୍ରେକ୍ଷୀରେ ସରକାରଙ୍କ ପକ୍ଷରୁ ଜରୁରୀକାଳୀନ କୋଭିଡ ପ୍ରତିକ୍ରିୟା ଯୋଜନା ବା ଏନ୍‌ସିଆରପି-୨କୁ ମଞ୍ଜୁରୀ ମିଳିଥିବା ବେଳେ ଆସନ୍ତା ଡିସେମ୍ବର ସୁଦ୍ଧା କାମ ଶେଷ କରିବା ଲାଗି ଜିଲ୍ଲାପାଳମାନଙ୍କୁ ସ୍ୱାସ୍ଥ୍ୟ ବିଭାଗରୁ ନିର୍ଦ୍ଦେଶ ଦିଆଯାଇଛି । ଇସିଆରପି-୨ରେ ଡାଏଗ୍ନୋଷ୍ଟିକ, ଟେଲିମେଡିସିନ୍, ଗୁରୁତର ରୋଗୀଙ୍କୁ ସ୍ଥାନାନ୍ତ, କୋଭିଡ କେୟାର ସେଣ୍ଟର, ଶିଶୁଙ୍କ ପାଇଁ ଆଇସିୟୁ ଓ ଅକ୍ସିଜେନ୍ ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଇଛି । ଆରଟି-ପିସିଆ ଓ ରାପିଡ ଆଣ୍ଟିଜେନ୍ କିଟ୍ ବାବଦରେ ୯୪୯୩.୩୮ଲକ୍ଷ ଖର୍ଚ୍ଚ ହେବ । ଏହାସହ ଆରଟି-ପିସିଆର ଲ୍ୟାବ୍ ପ୍ରତିଷ୍ଠା ପାଇଁ ସମୁଦାୟ ୫୮୪.୩୪ ଲକ୍ଷ ଖର୍ଚ୍ଚ ହେବ । ଯଦି ଆବଶ୍ୟକ ପଡ଼େ ତାହାଲେ ଅତିରିକ୍ତ ଖର୍ଚ୍ଚ ରାଜ୍ୟ ବିପର୍ଯ୍ୟୟ ପାଣ୍ଠି/ ଅନ୍ୟ ଉତ୍ସରୁ ଭରଣା କରାଯିବ । ସେହିପରି ତୃତୀୟ ଲହରର ମୁକାବିଲା ଯୋଜନାରେ ଔଷଧ ପାଇଁ ୩୦ କୋଟି ମଞ୍ଜୁର ହୋଇଛି । ବରଗଡ଼, ରାୟଗଡ଼ାରେ ୩୨ ଶଯ୍ୟା ବିଶିଷ୍ଟ ଶିଶୁ ୟୁନିଟ୍ ପ୍ରତିଷ୍ଠା କରାଯିବ ବୋଲି ଜଣାପଡ଼ିଛି । ଏଥିରେ ୨୦ ଅକ୍ସିଜେନ୍ ଶଯ୍ୟା, ୮ ଏଚ୍‌ଡିୟୁ ଓ ୪ ଆଇସିୟୁ ଶଯ୍ୟା ରହିବ ।

# ଆଜି ଢେଙ୍କାନାଳରେ କମନ୍ ୟୁଜର୍ ଫାସିଲିଟିର ଭୂମିପୂଜନ କରିବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ହରଦୀପ ସିଂହ ପୁରୀ

ଭୁବନେଶ୍ୱର,୨୭/୮ (ନି.ପ୍ର): ଆସନ୍ତା ୨୮ ତାରିଖରେ ଢେଙ୍କାନାଳ ଜିଲ୍ଲାର ସଦଶିବପୁର ଠାରେ ଭାରତ ସରକାରଙ୍କ ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ ଏବଂ ଗୃହ ଓ ନଗର ବ୍ୟାପାର ମନ୍ତ୍ରୀ ହରଦୀପ ସିଂହ ପୁରୀ କମନ୍ ୟୁଜର୍ ଫାସିଲିଟି ପ୍ରକଳ୍ପର ଭୂମିପୂଜନ କରିବେ । ଏହି କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ଭାବେ ଭାରତ ସରକାରଙ୍କ ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ ଏବଂ ଶ୍ରମ ଓ ନିଯୁକ୍ତି ରାଷ୍ଟ୍ର ମନ୍ତ୍ରୀ ରାମେଶ୍ୱର ତେଲି, ସାଂସଦ ମହେଶ ସାହୁ, ବିଧାୟକ ଶ୍ରୀମତି ସୀମାରାଣୀ ନାୟକ ପ୍ରମୁଖ ବ୍ୟକ୍ତିବିଶେଷ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଛି ।

କମନ୍ ୟୁଜର ଫାସିଲିଟି(ସିୟୁଏଫ) ତିନୋଟି ତୈଳ କମ୍ପାନୀ ଯଥା ଇଣ୍ଡିଆନ ଅଏଲ, ବିପିସିଏଲ ଏବଂ ଏଚପିସିଏଲ ଦ୍ୱାରା ବ୍ୟବହାର କରାଯିବ । ଏଠାରେ ଏମଏସ, ଏଚଏସଡି, ଇଥାନଲ ଏବଂ ବାୟୋ-ଡିଜେଲକୁ ସଂରକ୍ଷିତ କରି ରଖିବା ପାଇଁ ପ୍ରାୟ ୪୨୦୦୦ କିଲୋ ଲିଟରର ଷ୍ଟୋରେଜ କ୍ଷମତା ବିଶିଷ୍ଟ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ତୈଳ ଡିପୋ ପାଇଁ ଯୋଜନା କରାଯାଇଛି । କମନ୍ ୟୁଜର ଫାସିଲିଟି ଦ୍ୱାରା ପାରାଦୀପ ଟର୍ମିନାଲରୁ ପେଟ୍ରୋଲିୟମ ସାମଗ୍ରୀ ବାରମ୍ବାର ପରିବହନ କରିବାକୁ ପଡ଼ିବ ନାହିଁ । କମନ୍ ୟୁଜର ଫାସିଲିଟିରୁ ସିଧାସଳଖ ପେଟ୍ରୋଲିୟମ ଉତ୍ପାଦ ପରିବହନ ହେବା ଦ୍ୱାରା ପରିବହନ ଖର୍ଚ୍ଚ ହ୍ରାସ ହେବ । ଓଡ଼ିଶା ସରକାରଙ୍କ ଠାରୁ ଏଥିପାଇଁ ୪୯.୬୭୧ ଏକର ଜାଗା କିଣାଯାଇଛି । ଜମି କିଣା ସହ ମୋଟ ୩୯୪ କୋଟି ଟଙ୍କାର ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି । ବିପିସିଏଲ ଏହାର ବିକାଶ କରିବାର ଦାୟିତ୍ୱ ନେଇଥିବା ବେଳେ କ୍ୟାପେକ୍ସ ଏହି କାମରେ ସହଯୋଗୀ ହୋଇଛି । ଏହାକୁ ୨୦୨୩ ଅଗଷ୍ଟ ଶେଷ ଆଡ଼କୁ ପ୍ରକଳ୍ପ ଶେଷ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି । ଇଣ୍ଡିଆନ ଅଏଲ, ବିପିସିଏଲ ଏବଂ ଏଚପିସିଏଲର ମଧ୍ୟ ଏଥିରେ ଅଂଶୀଦାର ରହିବେ ।

ଏହା କେନ୍ଦ୍ରୀୟ-ଉତର ଓଡ଼ିଶା ବିଶେଷ ଭାବରେ ଅନୁଗୁଳ, କେନ୍ଦୁଝର, ଦେବଗଡ଼ ଏବଂ ଢେଙ୍କାନାଳର ଲୋକମାନଙ୍କ ଆବଶ୍ୟକତାକୁ ପୂରଣ କରିବ । ଏହି ପ୍ରକଳ୍ପ ଦ୍ୱାରା ସ୍ଥାନୀୟ ଅଂଚଳରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବା ସହ ବ୍ୟବସାୟିକ ବୃଦ୍ଧି ହେବା ସହ ସ୍ଥାନୀୟ ଅଂଚଳରେ ଅର୍ଥନୀତିରେ ଅଭିବୃଦ୍ଧି ଘଟିବ । ଏହି ପ୍ରକଳ୍ପ ନିର୍ମାଣ ଓ ପରିଚାଳନା କାମରେ ପ୍ରାୟ ୨ ଲକ୍ଷ ମାନବ ଦିବସ ସୃଷ୍ଟି ହେବ ।

ବିପିସିଏଲ ଦ୍ୱାରା ବରଗଡ ଜିଲ୍ଲାରେ ଏକ ସମନ୍ୱିତ ୧ଜି ଏବଂ ୨ଜି ବାୟୋ ଇଥାନଲ୍ ରିଫାଇନାରୀ ପ୍ଲାଂଟ୍ ନିର୍ମାଣ କରାଯାଉଛି । ଦୈନିକ ୪୦୦ ମେଟ୍ରିକ୍ ଟନ ଜୈବିକ ବସ୍ତୁରୁ ଦୈନିକ ୨୦୦ କିଲୋ ଲିଟର ଇଥାନଲ ଉତ୍ପାଦନ କରାଯିବ । ଏହା ୨୦୨୩ ମାର୍ଚ୍ଚ ସୁଦ୍ଧା ଶେଷ ହେବା ନେଇ ଆକଳନ କରାଯାଇଛି । ଓଡ଼ିଶାର ଅନୁଗୁଳ ଏବଂ ଢେଙ୍କାନାଳ ସମେତ ୯ଟି ଜିଲ୍ଲାରେ ବିପିସିଏଲ ଦ୍ୱାରା ସିଟି ଗ୍ୟାସ ବିତରଣ(ସିଜିଡ଼ି) ନେଟୱାର୍କକୁ ବିକଶିତ କରାଯାଉଛି । ଓଡ଼ିଶାର ୯ଟି ଜିଲ୍ଲାରେ ପ୍ରାୟ ୨୫ ହଜାର କୋଟି ଟଙ୍କା ପୁଞ୍ଜିନିବେଶ କରି ମିନିମମ୍ ୱାର୍କ ପ୍ରୋଗ୍ରାମ (ଏମଡବ୍ଲୁପି) ମାଧ୍ୟମରେ ପ୍ରାୟ ୬୧ ସିଏନଜି ଷ୍ଟେସନ, ୬୭ ହଜାର ପିଏନଜି ସଂଯୋଗୀକରଣ ଏବଂ ୫୦୦୦ ପାଇପଲାଇନ ବିଛାଯିବାର ଯୋଜନା ଜାରୀ ରଖିଛି ।

ବର୍ତ୍ତମାନ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ବ୍ୟତିତ ବିପିସିଏଲ ଆଗାମୀ ଭବିଷ୍ୟତରେ ଏଚପିସିଏଲର ମିଳିତ ସହଯୋଗରେ ଧୁତ୍ରା ପେଟ୍ରୋଲିୟମ କମନ୍ ୟୁଜର ଫାସିଲିଟି ପ୍ରକଳ୍ପ ସ୍ଥାପନା କରିବାର ଯୋଜନା ରହିଛି । ସେହିଭଳି ପଶ୍ଚିମ ଓଡ଼ିଶାରେ ପେଟ୍ରୋଲିୟମ ଉତ୍ପାଦନ ବଢୁଥିବା ଚାହିଦାକୁ ପୂରଣ କରିବା ପାଇଁ ଝାରସୁଗୁଡ଼ା ଠାରେ ପେଟ୍ରୋଲିୟମ ଟର୍ମିନାଲ ସ୍ଥାପନ କରିବା ପାଇଁ ବିପିସିଏଲ କଳ୍ପନା କରିଛି । ଏଥିପାଇଁ ବିପିସିଏଲ ଏଚପିଏଲ ସହ ମିଶି ୯୮ ଏକର ଜାଗା ଚିହ୍ନଟ କରିଛି ।

## ତୃତୀୟ ଲହର ମୁକାବିଲା ପାଇଁ ଭୁବନେଶ୍ୱର ଏମସ୍ ପ୍ରସ୍ତୁତ : ନିର୍ଦ୍ଦେଶିକା

ଭୁବନେଶ୍ୱର,୨୭/୮ (ନି.ପ୍ର): କରୋନାର ସମ୍ଭାବ୍ୟ ତୃତୀୟ ଲହର ମୁକାବିଲା ପାଇଁ ଭୁବନେଶ୍ୱର ଏମସ୍ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି । ଭୁବନେଶ୍ୱର ଏମସ୍‌ରେ ଶିଶୁଙ୍କ ପାଇଁ ୨ ଟି ୱାର୍ଡରେ ୬୦ ଟି ବେଡ ସହ ୭ଟି ଆଇସିୟୁ ପ୍ରସ୍ତୁତ ଅଛି । ଯଦି ଆବଶ୍ୟକ ହୁଏ ଆଗକୁ ଆଇସିୟୁ ସଂଖ୍ୟା ବଢିପାରେ । ଶିଶୁ ଙ୍କ ପାଇଁ ସମସ୍ତ ମେଡ଼ିସିନ ମହଜୁଦ ଥିବା ସହ ଡାକ୍ତର ଓ ନର୍ସଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯାଇଛି ବୋଲି ଏହାର ନିର୍ଦ୍ଦେଶିକା ଡାକ୍ତର ଗୀତାଞ୍ଜଳି ବି କହିଛନ୍ତି । କରୋନା ମହାମାରୀର ତୃତୀୟ ଲହର ୧୮ ବର୍ଷରୁ କମ ପିଲା ଅଧିକ ସଂକ୍ରମିତ ହେବାର ଆଶଙ୍କା ଥିବାରୁ ଅଧିକ ଚ୍ୟାଲେଞ୍ଜ ରହିଛି । ତଥାପି ଭୁବନେଶ୍ୱର ଏମସ୍ ସବୁ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିଛି । ଯଦି କୌଣସି ଶିଶୁ କୋଭିଡ ପଜିଟିଭ ହୋଇ ଏମସ୍ ର ଭର୍ତ୍ତି ହୁଅନ୍ତି, ତାଙ୍କ ସହ ତାଙ୍କ ପରିବାରର ଜଣକୁ ରହିବା ପାଇଁ ଅନୁମତି ମଧ ଦିଆଯିବ । ଜନ୍ମ ହେବାକୁ ଯାଉଥିବା ଶିଶୁ ଓ ମାର ଅଧିକ ଯତ୍ନ ନିଆଯିବ । ଦୁଇଟି ଇକମୋ ମେସିନ ମଧ ରହିଛି । ଆବଶ୍ୟକ ପଡ଼ିଲେ ତାକୁ ମଧ ବ୍ୟବହାର କରାଯିବ ବୋଲି ସେ କହିଛନ୍ତି ।

## ଭିଏସ୍ଏସ୍ ନଗରରେ ପୂଜକମାନଙ୍କୁ ସହାୟତା ପ୍ରଦାନ

ଭୁବନେଶ୍ୱର,୨୭/୮ (ନି.ପ୍ର): ଭୁବନେଶ୍ୱର(ଉତର) ବିଧାୟକ ସୁଶାନ୍ତ କୁମାର ରାଉତଙ୍କ ପକ୍ଷରୁ ୧୧ ନମ୍ବର ୱାର୍ଡ଼ର ବୀର ସୁରେନ୍ଦ୍ର ସାଏ ନଗରରେ ଥିବା ମନ୍ଦିର ପୂଜକମାନଙ୍କୁ ରୋଷେଇ ସାମଗ୍ରୀ ପ୍ରଦାନ କରାଯାଇଛି । ସ୍ଥାନୀୟ ଡି.ଏଲ୍. କଲୋନୀରେ ଥିବା ଭୁବନେଶ୍ୱରୀ ମନ୍ଦିରରେ ବିଜୁ ଜନତା ଦଳ ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲାର ଉପଦେଷ୍ଟା ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା, ୧୧ ନମ୍ବର ୱାର୍ଡ଼ର ବିଜେଡି ସଭାପତି ମହେଶ୍ୱର ବିଶ୍ୱାଳ, ବରିଷ୍ଠ ସଦସ୍ୟ ନିମାଇଁ ଚରଣ ଦାସ, ଭୁବନେଶ୍ୱରୀ ମନ୍ଦିର କମିଟିର ସଦସ୍ୟ ପ୍ରତାପ କୁମାର ନନ୍ଦ, ଆଖଣ୍ଡଳମଣି ମନ୍ଦିର କମିଟି ସଭାପତି ସୁଧାକର ମିଶ୍ର ଓ ଦୁର୍ଗାପୂଜା କମିଟି ପକ୍ଷରୁ ରାମଚନ୍ଦ୍ର ସାମଲଙ୍କ ଉପସ୍ଥିତିରେ ଆଖଣ୍ଡଳମଣି ମନ୍ଦିର, ଭୁବନେଶ୍ୱରୀ ମନ୍ଦିର, ପାଣିଟାଙ୍କି ପାଖ ନୀଳକଣ୍ଠେଶ୍ୱର ମନ୍ଦିର, ଦୁର୍ଗାପୂଜା ମଣ୍ଡପ ଓ ଓଟିଏମ୍ (ନୀଳକଣ୍ଠେଶ୍ୱର) ମନ୍ଦିରର ମୋଟ ୧୫ଜଣ ପୂଜକ ଏକତ୍ରିତ ହୋଇ କରୋନା କବଳରୁ ସାରା ବିଶ୍ୱ ମୁକ୍ତି ପାଇଁ ଶ୍ଳୋକାବୃତି କରିବା ସହିତ ବିଧାୟକଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ । ପରେ ବିଧାୟକଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସାମଗ୍ରୀ ଗ୍ରହଣ କରି ସମସ୍ତଙ୍କର ମଙ୍ଗଳ କାମନା କରିଥିଲେ ।

# ଜାତି ଜନଗଣନା ଓ ୨୭% ସଂରକ୍ଷଣ ଦାବିରେ ବିଧାନସଭା ସମ୍ମୁଖରେ ପ୍ରତିବାଦ କରିବ ସମାଜବାଦୀ ପାର୍ଟି

ଭୁବନେଶ୍ୱର,୨୭/୮ (ନି.ପ୍ର): ଦେଶରେ ବାଘ, ହାତୀଙ୍କର ଗଣନା ହେଉଛି, ପକ୍ଷୀ, କଇଁଛ ଓ କୁମ୍ଭୀରଙ୍କର ଗଣନା ହେଉଛି । କିନ୍ତୁ ପଛୁଆବର୍ଗଙ୍କ ଗଣନା ପାଇଁ କେନ୍ଦ୍ର ସରକାର ପଛଘୁଂଚା ଦେଉଛନ୍ତି । ୨୦୧୮ ମସିହା ଅଗଷ୍ଟ ମାସରେ ତତ୍କାଳୀନ ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ ପ୍ରତିଶ୍ରୁତି ଦେଇଥିଲେ ଯେ, ୨୦୨୧ ଜାତୀୟ ଜନଗଣନାରେ ପଛୁଆବର୍ଗ ଜନଗଣନା କରାଯିବ । କିନ୍ତୁ ସେଥିପାଇଁ ସରକାର କୌଣସି ପଦକ୍ଷେପ ନେଲେନାହିଁ । ଜନଗଣନା ପାଇଁ ଛପା ଯାଇଥିବା ଫର୍ମରେ ଜାତି ଜନଗଣନା ସମ୍ପର୍କରେ କୌଣସି ଉଲ୍ଲେଖ କରାଯାଇ ନାହିଁ । ଏହାକୁ ନେଇ ସଂସଦରେ ୧୨୭ତମ ସମ୍ବିଧାନ ସଂଶୋଧନ ଆଲୋଚନାରେ ଅଂଶଗ୍ରହଣ କରି ସମାଜବାଦୀ ପାର୍ଟିର ରାଜ୍ୟ ଅଧକ୍ଷ ତଥା ଉତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ ଦାବି କରିଛନ୍ତି । ସେହିଭଳି ସଂରକ୍ଷଣ ଥିବା ୫୦ ପ୍ରତିଶତରୁ ଅଧିକ କରିବା ପାଇଁ ସେ ମଧ ସଂସଦରେ ଦାବି ଦୋହରାଇଛନ୍ତି । ଏହାକୁ ନେଇ ଦେଶରେ ରାଜନୀତି ସରଗରମ ହୋଇପଡ଼ିଛି । ବିଭିନ୍ନ ରାଜନୈତିକ ଦଳ ମଧ ଏହା ଉପରେ ସ୍ୱର ଉତୋଳନ କରିଛନ୍ତି । ଓଡ଼ିଶାରେ ମଧ ଶାସକ ବିଜୁ ଜନତା ଦଳ ପକ୍ଷରୁ ସ୍ୱରାଷ୍ଟ ମନ୍ତ୍ରୀଙ୍କୁ ଭେଟି ଏ ସଂକ୍ରାନ୍ତରେ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ଆଗାମୀ ବିଧାନସଭା ସମୟରେ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଜାତି ଜନଗଣନା ଓ ସଂରକ୍ଷଣ ସୀମାକୁ ୫୦ ପ୍ରତିଶତରୁ ଅଧିକ କରିବା ଦାବିରେ ବିଧାନ ସଭା ସମ୍ମୁଖରେ ପ୍ରତିବାଦ କରାଯାଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ଦିଆଯିବ ବୋଲି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ନିଷ୍ପତି ଗ୍ରହଣ କରାଯାଇଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି ଯେ, ଓଡ଼ିଶାରେ ପଛୁଆବର୍ଗଙ୍କ ସଂଖ୍ୟା ୫୪ପ୍ରତିଶତରୁ ଅଧିକ । ତେଣୁ ସଂରକ୍ଷଣକୁ ୫୦ପ୍ରତିଶତ ଭିତରେ ସୀମିତ ରଖିବା ଯୋଗୁ ପଛୁଆବର୍ଗର ଲୋକେ ନିଯୁକ୍ତି କ୍ଷେତ୍ରରେ ମାତ୍ର ୧୧.୨୫ ପ୍ରତିଶତ ସଂରକ୍ଷଣ ପାଉଛନ୍ତି । ଶିକ୍ଷା କ୍ଷେତ୍ରରେ ଆଜିପର୍ଯ୍ୟନ୍ତ ପଛୁଆବର୍ଗ ଛାତ୍ରଛାତ୍ରୀମାନେ ନାମ ଲେଖାଇବା ପାଇଁ ସଂରକ୍ଷଣର ସୁବିଧା ପାଇପାରି ନାହାଁନ୍ତି । ଯାହାଫଳରେ କେବଳ ଚଳିତବର୍ଷ ୫୧୦ଜଣ ଛାତ୍ରଛାତ୍ରୀ ଡ଼ାକ୍ତରୀ ପାଠ୍ୟକ୍ରମରେ ନାମଲେଖାରୁ ବଂଚିତ ହେବାକୁ ଯାଉଛନ୍ତି । ସେହିଭଳି ଆଗାମୀ ପଂଚାୟତ ନିର୍ବାଚନ ସମୟରେ ୬୭୯୮ ଗ୍ରାମ ପଂଚାୟତରୁ ପଛୁଆବର୍ଗ ୨୪୩୮ ପଦବୀ ହରାଇବାକୁ ଯାଉଛି । ୩୧୪ଟି ବ୍ଲକ ଅଧକ୍ଷ ମଧରୁ ୮୫ଟି ବ୍ଲକ ଅଧକ୍ଷ ପଦବୀ ମଧ ପଛୁଆବର୍ଗ ଲୋକେ ହରାଇବା ସଙ୍ଗେ ସଙ୍ଗେ ୨୨୭ଟି ଜିଲ୍ଲା ପରିଷଦ ସଭ୍ୟ ପଦ ଏବଂ ୫ଟି ଜିଲ୍ଲା ପରିଷଦ ଅଧକ୍ଷ ପଦ ହରାଇବେ । ତେଣୁ ପଛୁଆବର୍ଗ ଜନସାଧାରଣଙ୍କ ତୃଣମୂଳସ୍ତରରେ ଅଂଶଗ୍ରହଣ ଓ ରାଜ୍ୟର ବିକାଶ ପ୍ରକ୍ରିୟାରେ ସହଭାଗିତାକୁ ବଂଚାଇ ରଖିବା ପାଇଁ ରାଜ୍ୟ ସରକାର ତୁରନ୍ତ ବିଧାନସଭାରେ ଏକ ସର୍ବସମ୍ମତ ସଂକଳ୍ପ ପାରିତ କରି କେନ୍ଦ୍ର ସରକାରଙ୍କ ପାଖରେ ସଂରକ୍ଷଣ ସୀମାକୁ ୫୦ ପ୍ରତିଶତରୁ ଅଧିକ କରିବା ପାଇଁ ଦାବି ଉପସ୍ଥାପିତ କରନ୍ତୁ । ସେହିଭଳି ଜାତି ଜନଗଣନାକୁ ମଧ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ପାଖରେ ବିହାର ଢା ।ରେ ଉପସ୍ଥାପିତ କରିବାକୁ ଶ୍ରୀ ବେହେରା ଦାବି କରିଛନ୍ତି । ତା ନହେଲେ ଆଗାମୀ ବିଧାନସଭା ସମୟରେ ପଛୁଆବର୍ଗଙ୍କ ପାଇଁ ୨୭ଭାଗ ସଂରକ୍ଷଣ ଦାବିରେ ସମାଜବାଦୀ ପାର୍ଟି ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ବେହେରା ମତବ୍ୟକ୍ତ କରିଛନ୍ତି ।

## ପିକକ୍ ଦ୍ୱାରା ଇକୋସେଭର୍ସ ୟୁଥ ନେଟୱାର୍କର ରାଜ୍ୟସ୍ତରିୟ ଯୁବ ଶିବିର ଅନୁଷ୍ଠିତ

ଭୁବନେଶ୍ୱର,୨୭/୮ (ନି.ପ୍ର): ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିପୁଲସ କଲଚରାଲ୍ ସେଂଟର (ପିକକ୍ ) ଓ ଫ୍ଳୋରଲଦ୍ରାଲୋସା ବାର୍ନ ସହଯୋଗ ରେ ମହାନଦୀ ପ୍ରେକ୍ଷାଳୟ ରେ ଦୁଇ ଦିନିଆ ରାଜ୍ୟ ସ୍ତରୀୟ ଇକୋସେଭର୍ସ ୟୁଥ ନେଟୱାର୍କ ର ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ୧୧ ଟି ଜିଲ୍ଲା ରୁ ୬୦ ରଉ ଉର୍ଦ୍ଧ୍ୱ ଯୁବ ପ୍ରତିନିଧି ମାନେ ଭାଗନେଇଥିଲେ । ଇକୋସେଭର୍ସ ୟୁଥ ନେଟୱାର୍କ ର ପବିତ୍ର ସାହୁ ପ୍ରଥମେ ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ ଯୁବକ ମାନେ ଚାହିଁଲେ ଅନେକ ପରିବର୍ତନ ଆଣିପାରିବେ । ସେ ଆଜିର କାର୍ଯ୍ୟ ଆମର ଭବିଷ୍ୟତ କୁ ନିର୍ଦ୍ଧାରିତ କରିବ ।ପିକକ୍ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଶ୍ରୀମତି ଅନୁରାଧା ମହାନ୍ତି ଏହି ଶିବିର ର ଉଦ୍ଦେଶ୍ୟ ସମ୍ପର୍କ ରେ ସମସ୍ତଙ୍କୁ ଅବଗତ କରାଇ କହିଥିଲେ ଯେ ଯୁବକ ମାନେ ଆଗକୁ ଆସି ଦେଶ ଗଠନ ରେ ନେତୃତ୍ୱ ନେଇ ଉଦାହରଣ ସୃଷ୍ଟି କରିବା ଉଚିତ । ଅନଲାଇନ ମାଧ୍ୟମରେ ଯୋଗଦେଇ ପିକକ୍ ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି , ଆଡପସନସେଂଟ୍ରମ୍ ର ଦେଶ ନିର୍ଦ୍ଦେଶିକା ଶ୍ରୀମତି ରୁବି ରାଉତ କୋଭିଡ ଗାଇଡଲାଇନ ଉପରେ ସଚେତନତା ସୃଷ୍ଟି କରିବାରେ ଯୁବଗୋଷ୍ଠୀଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଏହି ଶିବିରରେ ଯୁବ ଗୋଷ୍ଠୀ ମାନଙ୍କ ପାଇଁ ବିଭିନ୍ନ ବିଷୟ ରେ ତାଲିମ ର ଆୟୋଜନ କରାଯାଇଥିଲା ।

# ଓବିସି ପ୍ରସଙ୍ଗ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କଂଗ୍ରେସର ଟାର୍ଗେଟ୍

ଭୁବନେଶ୍ୱର,୨୭/୮ (ନି.ପ୍ର): ଓବିସିଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ କରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଉପରେ ବର୍ଷିଛି ଓଡିଶା କଂଗ୍ରେସ । ଓବିସି ପ୍ରତି ଅବିଚାର ହେଉଥିବା କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେକହିଛନ୍ତି କଂଗ୍ରେସ ମିଡିଆ ବିଭାଗ ଅଧକ୍ଷ ଗଣେଶ୍ୱର ବେହେରା । କେନ୍ଦ୍ର କାହିଁକି ଜାତିଭିତିକ ଜନଗଣନାର ବିରୋଧ କରୁଛି ବୋଲି ସେ ପ୍ରଶ୍ନ କରିଛନ୍ତି । ସେହିପରି ୨୦୧୦ ମସିହାରେ ଉପା ସରକାର ସମୟରେ ବିଜେପି ଜାତିଭିତିକ ଜନ ଗଣନା ପାଇଁ ଦାବି କରିଥିଲା, ୨୦୧୮ ଜୁଲାଇ ୩୧ ତାରିଖରେ ତତ୍କାଳୀନ ଘରୋଇ ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜନଗଣନା ସଂକ୍ରାନ୍ତ ବୈଠକରେ ୨୦୨୧ ଜନଗଣନା ସହ ଓବିସି ଜନଗଣନା କରାଯିବାର ନିଷ୍ପତି ନିଆଯାଇଥିଲା. ଜୁଲାଇ ୧୪, ୨୦୨୧ ରେ ଓବିସି କଲ୍ୟାଣ ସଂସଦୀୟ କମିଟି ଏଥିନିମନ୍ତେ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଥିଲେ । ଏ ସମସ୍ତ ସତ୍ୱେ ଆଜି କେନ୍ଦ୍ର ସରକାର ଜାତି ଜନଗଣନା ପାଇଁ ପଛଘୁଂଚା ଦେଉଛନ୍ତି କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି । ଅନୁରୂପ ଭାବରେ କାହିଁକି ଓଡ଼ିଶାର ସ୍ୱତନ୍ତ୍ର ସ୍ଥିତି ଉପସ୍ଥାପନ କରି ସୁପ୍ରିମକୋର୍ଟରେ ୫୦ ପ୍ରତିଶତ ସଂରକ୍ଷଣ ଅଂକୁଶ ଉଚ୍ଛେଦ ନିମନ୍ତେ ଯୁକ୍ତି ଉପାସ୍ଥାପନ କରାଯାଇନାହିଁ , ଶିକ୍ଷା କ୍ଷେତ୍ରରେ ନାମଲେଖା ପାଇଁ ଓବିସି ସରଂକ୍ଷଣ ଆଜି ପର୍ଯ୍ୟନ୍ତ କାହିଁକି କରାଯାଇ ନାହିଁ ବୋଲି ଶ୍ରୀ ବେହେରା ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି । ଯେ ଆଗାମୀ ସେପ୍ଟେମ୍ବର ବିଧାନସଭାର ମୌସୁମୀ ଅଧିବେଶନରେ ଜାତି ଜନଗଣନା ପାଇଁ ସରକାରୀ ପ୍ରସ୍ତାବ ଆଣିବା ସହ ଜାତି ଜନଗଣନା ନିମନ୍ତେ କେନ୍ଦ୍ର ସରକାରଙ୍କ ଉପରେ ଚାପସୃଷ୍ଟି କରିବାକୁ ସମସ୍ତ ରାଜନୈତିକ ଦଳର ନେତୃତ୍ୱ ନେଇ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଭେଟିବାକୁ ସେ ରାଜ୍ୟ ସରକାରଙ୍କୁ ଆହ୍ୱାନ ଦେଇଛନ୍ତି । କନ୍ଦ୍ର ବିଜେପି ଓ ରାଜ୍ୟ ବିଜେଡ଼ି ଲୋକ ଦେଖାଣିଆ ମନୋଭାବ ଛାଡ଼ି ଦେଶର ଅର୍ଦ୍ଧାଧିକ ଓବିସି ଜନସଂଖ୍ୟା ପାଇଁ କଂଗ୍ରେସ ପ୍ରସ୍ତାବ ମୁତାବକ ଠୋସ ପଦକ୍ଷେପ ଗ୍ରହଣ କରନ୍ତୁ । ତାନହେଲେ ଓବିସି ଐତିହାସିକ ଅବିଚାରକୁ ଦେଶ ଓ ରାଜ୍ୟବାସୀ ବରଖାସ୍ତ କରିବେ ନାହିଁ ବୋଲି ପିସିସି ମିଡ଼ିଆ ଅଧକ୍ଷ ଗଣେଶ୍ୱର ବେହେରା ଚେତାବନୀ ଦେଇଛନ୍ତି ।ଏହି ସାମ୍ବାଦିକ ସମ୍ମିଳନୀରେ ପିସିସିର ଦୁଇ ବରିଷ୍ଠ ମୁଖପାତ୍ର ଜ୍ଞାନଦେବ ବେଉରା ଓ ମନୋରଞ୍ଜନ ଦାଶ ଉପସ୍ଥିତ ଥିଲେ ।

## ସ୍ୱର୍ଗଦ୍ୱାର ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୭/୮ (ନି.ପ୍ର): ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ପୁରୀ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଗୁଡିକର କ୍ଷେତ୍ର ପରିଦର୍ଶନ କରିବା ସହ ଅଗ୍ରଗତି ସମୀକ୍ଷା କରିଛନ୍ତି । କରୋନା କଟକଣା କୋହଳ ହେବା ପରେ ଶ୍ରୀମନ୍ଦିରରେ ସାଧାରଣ ଭକ୍ତଙ୍କ ନିମନ୍ତେ ଶୃଙ୍ଖଳିତ ଦର୍ଶନ ନିମନ୍ତେ ନିଆଯାଇଥିବା ଆବଶ୍ୟକୀୟ ପଦକ୍ଷେପ; ଶ୍ରୀମନ୍ଦିର ମଧରେ ଥିବା ଜୟ ବିଜୟ ଦ୍ୱାର, ବେହେରଣ ଦ୍ୱାର, ଭୋଗ ମଣ୍ଡପର ପଶ୍ଚିମଦ୍ୱାର ଏବଂ ସାତପାହାଚ ଠାରେ ନୂତନ ଭାବେ ଲାଗିଥିବା ରୂପା କବାଟ; ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଆଦିର କ୍ଷେତ୍ର ସ୍ତରୀୟ ସମୀକ୍ଷା କରିଥିଲେ । ଏଥିସହ ଜଗନ୍ନାଥ ବଲ୍ଲଭ ତୀର୍ଥଯାତ୍ରୀସ୍ଥଳ ଓ ପୁରୁଣା ଜେଲ ରୋଡରେ ବହୁତଳ ପାର୍କିଂ ନିର୍ମାଣ ଅଗ୍ରଗତିର ସମୀକ୍ଷା କରି ଏହାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ । ଗସ୍ତ କାଳରେ ଶ୍ରୀ ମହାପାତ୍ର ସ୍ୱର୍ଗଦ୍ୱାର ପରିଦର୍ଶନ କରି ଶବଦାହ ପିଣ୍ଡି, ପ୍ରଶାସନିକ ବ୍ଲକ, ପ୍ରତୀକ୍ଷାଳୟ ଓ ପଥଶ୍ରାଦ୍ଧ ଗୃହ ନିର୍ମାଣ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ସ୍ୱର୍ଗଦ୍ୱାର ସୌନ୍ଦର୍ଯ୍ୟକରଣ ସହ ଶବ ସତ୍କାର ନିମନ୍ତେ ଆନୁଷଙ୍ଗିକ ବ୍ୟବସ୍ଥା ପାଇଁ ପେଷାଦାର ସେବା ପ୍ରଦାନ ଏବଂ ଅନ୍ତ୍ୟେଷ୍ଟି କ୍ରିୟାରେ ସାମିଲ ବନ୍ଧୁ ପରିଜନ ଯେପରି ଉତମ ଅନୁଭୂତି ନେଇ ଫେରିବେ ସେ ବିଷୟରେ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଶ୍ରୀ ମହାପାତ୍ର ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ନିର୍ମାଣ କାର୍ଯ୍ୟର ବିଭିନ୍ନ ପର୍ଯ୍ୟାୟ ପୂର୍ଣ୍ଣାଙ୍ଗ ପାଇଁ ମଧ ସେ ସମୟ ନିର୍ଘଂଟ କରିଥିଲେ । ପରେ ପରେ ମୁଖ୍ୟ ଶାସନ ସଚିବ ନୂତନ ଭାବେ ଗଠିତ ଶ୍ରୀମନ୍ଦିର ପରିଚାଳନା କମିଟିର ପ୍ରଥମ ବୈଠକରେ ଯୋଗ ଦେଇଥିଲେ । ଜିଲ୍ଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଓଡିଶା ସେତୁ ନିର୍ମାଣ ନିଗମର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ରହି ସମୀକ୍ଷା ନିମନ୍ତେ ଆବଶ୍ୟକୀୟ ତଥ୍ୟ ଉପସ୍ଥାପନ କରିଥିଲେ ।

# ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଓଡ଼ିଶାର ଚାଷୀ ଭାଇମାନଙ୍କୁ ଭଣ୍ଡାଉଛି ବିଜେଡି : ମୁକେଶ ମହାଲିଙ୍ଗ୍

ଭୁବନେଶ୍ୱର,୨୭/୦୮(ନି.ପ୍ର): ଓଡ଼ିଶାରେ ଶାସକ ଦଳ ବିଜେଡ଼ି ବାରମ୍ବାର କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଯୋଜନାରେ ମିଛ ଅଭିଯୋଗ ଆଣିବା ସହ ରାଜନୀତି କାର୍ଡ ଖେଳୁଛି ଏବଂ ଚାଷୀ ମାନଙ୍କୁ ଭଣ୍ଡାଇବାର କାର୍ଯ୍ୟ କରୁଛି। ବିଜେଡ଼ି ସରକାର ପ୍ରଥମେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ଓଡ଼ିଶାର ଚାଷୀଙ୍କୁ ବଂଚିତ କରିଥିବା ବେଳେ ଏବେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ମିଥ୍ୟା ପ୍ରଚାର କରୁଛି ବୋଲି ଶୁକ୍ରବାର ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ୍ । ଶ୍ରୀମହାଲିଙ୍ଗ୍ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଆରମ୍ଭ ହେବା ଦିନରୁ ଓଡ଼ିଶାର ପାଖାପାଖି ୧.୭ କୋଟି ଚାଷୀ ୬୦ ଲକ୍ଷ ହେକ୍ଟର ଜମି ପାଇଁ ମୋଟ ୩୫ ହଜାର ୫୨୬.୬୦ କୋଟି ଟଙ୍କାର ବୀମା କରିଛନ୍ତି। ଓଡ଼ିଶାରେ ଚାଷୀମାନଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ୭୦୨.୪୩ କୋଟି ଟଙ୍କା ପ୍ରିମିୟମ ପୈଠ କରାଯାଇଛି। ପରବର୍ତୀ ସମୟରେ ୨୭.୮ ଲକ୍ଷ ଚାଷୀଙ୍କ ପକ୍ଷରୁ ୪୬୦୦.୭୫ କୋଟି ଟଙ୍କା ଦେବା ପାଇଁ ଆବେଦନ କରାଯାଇଛି। ଯାହା ପ୍ରିମିୟମ ଠାରୁ ୬ ଗୁଣା ଅଧିକ। ଏହି ଯୋଜନା ଅଧୀନରେ ବୀମା ପାଇଁ ଆବେଦନ କରିଥିବା ଏକ ଚତୁର୍ଥାଂଶ ଚାଷୀଙ୍କୁ ପୈଠ କରାଯାଇଛି। ବିଜେଡି ମୁଖପାତ୍ର ସସ୍ମିତ ପାତ୍ରଙ୍କ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଆରୋପ ଲଗାଇବାରେ କିଛି ସତ୍ୟତା ନାହିଁ । ରାଜ୍ୟ ସରକାର ମାନେ ହିଁ ବୀମା କମ୍ପାନୀ ଚୟନ କରନ୍ତି। ତେବେ ସସ୍ମିତ ପାତ୍ର ରାଜ୍ୟ ସରକାରଙ୍କୁ ପଚାରିବା କଥା ଯେ ଆପଣ କେଉଁ କେଉଁ କମ୍ପାନୀ ଚୟନ କରିଛନ୍ତି ସେମାନେ ଚାଷୀଙ୍କୁ ଟଙ୍କା ଦେଇପାରୁନାହାନ୍ତି। ସାମ୍ପ୍ରତିକ ସମୟରେ ସମଗ୍ର ବିଶ୍ୱରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଚାଷୀଙ୍କ ସାମିଲ ହେବାରେ ସର୍ବବୃହତ ଫସଲ ବୀମା ଯୋଜନା ଏବଂ ପ୍ରିମିୟମରେ ତୃତୀୟ ବୃହତ ଯୋଜନା। ୨୦୧୬-୧୭ ରେ ଏହି ଯୋଜନା ଆରମ୍ଭ ହେବା ପର ଠାରୁ ଦେଶର ୨୩ କୋଟିରୁ ଅଧିକ ଚାଷୀ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ପ୍ରାୟ ୨୧ କୋଟି ହେକ୍ଟର ଜମି ପାଇଁ ମୋଟ ୮.୫୩ ଲକ୍ଷ କୋଟି ଟଙ୍କା ମୂଲ୍ୟର ବୀମା କରିଛନ୍ତି। ଚାଷୀମାନେ ଏହି ଯୋଜନାରେ ବିଭିନ୍ନ ବୀମା କମ୍ପାନୀଙ୍କୁ ୧୭ ହଜାର ୫୭୭ କୋଟି ଟଙ୍କା ପ୍ରିମିୟମ ଦେଇଥିଲେ। ତେବେ ପରେ ଫସଲ ନଷ୍ଟ ପାଇଁ ବୀମା ଆକାରରେ ଆବେଦନ କରାଯାଇଥିବା ୭.୮ କୋଟି ଚାଷୀ ୯୨ ହଜାର ୮୬୨ କୋଟି ଟଙ୍କା ପ୍ରଦାନ କରିବାକୁ କ୍ଲେମ୍ କରିଛନ୍ତି ।

## ନୀଳଗିରିରେ କୃଷି ସହାୟତା କେନ୍ଦ୍ର ଖୋଲିଲା

ନୀଳଗିରି,୨୭/୦୮ (ନି.ପ୍ର): ନୀଳଗିରି ଉପଖଣ୍ଡରେ କୃଷି ସହାୟତା କେନ୍ଦ୍ର ନ ଥିବାରୁ କୃଷକମାନେ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିଲେ। ପୂର୍ବାହ୍ନ ୧୧ଘଟିକା ସମୟରେ ନୀଳଗିରି ଉପଜିଲ୍ଲାପାଳ ହରିଶ୍ଚନ୍ଦ୍ର ଜେନା ଆନୁଷ୍ଠାନିକ ଭାବେ ଉକ୍ତ କେନ୍ଦ୍ର ଉଦ୍‌ଘାଟନ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ଏ.ଡି.ଏ.ଓ. ନୀଳଗିରି ସଂଜୟ କୁମାର ମହାନ୍ତି , ଏ.ଡି.ଏ.ଏଚ. ସୁବ୍ରତ କୁମାର ଚାନ୍ଦ, ଏ.ଏସ.ସି.ଓ. ସୁରେନ୍ଦ୍ର ପଣ୍ଡା, ଏ.ଏଚ.ଓ. ମନୋରଂଜନ ନନ୍ଦ , ଆର.କେ.ସି.ଏ.ଟି.ର ନିର୍ଦ୍ଦେଶକ ସୁଶୀଲ କୁମାର ସିଂ, ଏସ.ଏସ. ଆଗ୍ରୋଟେକନିସିଆନ ସଂଜୟ କୁମାର ଭୋଳ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ.ଏସ. ଆଗ୍ରୋର କର୍ମଚାରୀ ସସ୍ମିତା ବେହେରା, ସୁଦାମ ଭୋଳ, ହରପ୍ରସାଦ ବିନ୍ଧାଣୀ, ପ୍ରିତୀଶଙ୍କର ପ୍ରଧାନ, ଚାଷୀ ନିରଂଜନ ବାରିକ, ବିଶମ୍ବର ପରିଡ଼ା, ନଟୁ ସରକାର, ଜୟନ୍ତ ଦାସ, ପ୍ରମୁଖ ଉପସ୍ଥିତ ଥିଲେ। ନୀଳଗିରି ସହରର କେ.ସି.ହାଇସ୍କୁଲ ନିକଟରେ ଉକ୍ତ କେନ୍ଦ୍ର ଖୋଲିବା ଦ୍ୱାରା ଚାଷୀଙ୍କର ଅଭାବ, ଅସୁବିଧା ଦୂର ହୋଇ ପାରିବ ବୋଲି ଉପଜିଲ୍ଲାପାଳ ଶ୍ରୀଯୁକ୍ତ ଜେନା ମତବ୍ୟକ୍ତ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ମୌସୁମୀ ଅଧିବେଶନ ପୂର୍ବରୁ ....

ତେବେ ବିଧାନସଭା ଅଧିବେଶନର ପ୍ରଥମ ଦିନ ପ୍ରଥମାର୍ଦ୍ଧ ଅଦିବେଶନ ପୂର୍ବାହ୍ନ ୧୧.୦୦ଟାରୁ ଆରମ୍ଭ ହେବ। ମୁଲତବୀ ପ୍ରସ୍ତାବ ଉପରେ ମଧ ଗୃହରେ ଆଲୋଚନା କରାଯିବ ଏବଂ ସେଥିପାଇଁ ୯୦ ମିନିଟ୍ ସମୟସୀମା ନିର୍ଦ୍ଧାରିତ କରାଯାଇଛି। ଭାରତୀୟ ଜନତା ଦଳ ବିଧାୟକମାନେ ସପ୍ତାହର ୦୪ ଦିନ ଏବଂ ଭାରତୀୟ ଜାତୀୟ କଂଗ୍ରେସ ଦଳ ବିଧାୟକମାନେ ମଙ୍ଗଳବାର ଏବଂ ଶନିବାର ଦିନ ମୁଲତବୀ ପ୍ରସ୍ତାବ ଆଗତ କରିପାରିବେ। ଯଦି ନିର୍ଦ୍ଧାରିତ ଦିବସରେ କୌଣସି କାରଣ ଯୋଗୁଁ ତାହା ଆଗତ ହୋଇନପାରିଲା, ତାହାହେଲେ ସମ୍ପୃକ୍ତ ଦଳ ସେ ସୁଯୋଗ ହରାଇବେ। କରୋନାର ତୃତୀୟ ଲହରକୁ ଦୃଷ୍ଟିରେ ରଖି ବିଧାୟକମାନଙ୍କ ସୁରକ୍ଷା ପାଇଁ ସେମାନଙ୍କର ଆସନ ବ୍ୟବସ୍ଥା ଗ୍ରହଣ କରାଯାଇଛି । ନିରାପଦ ଦୂରତ୍ୱ ରକ୍ଷା କରି ବିଧାନସଭା ଭବନ, ଗ୍ୟାଲେରି, ବାଚସ୍ପତିଙ୍କ ଗ୍ୟାଲେରିରେ ସ୍ୱତନ୍ତ୍ର ଆସନ ବ୍ୟବସ୍ଥା ଗ୍ରହଣ କରାଯିବ । ବିଧାୟକ, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା ଚାହିଁଲେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିଧାନସଭା ଆଲୋଚନାରେ ଅଂଶ ଗ୍ରହଣ କରିପାରିବେ । ଅତ୍ୟନ୍ତ ଆବଶ୍ୟକ ବ୍ୟତୀତ ଅନ୍ୟ ବିଧାୟକମାନଙ୍କୁ ଗୃହରେ ରିପୋର୍ଟ, ବିବରଣୀ ପ୍ରଦାନ କରାଯିବ ନାହିଁ । ବିଧେୟକ ସଂଶୋଧନ ବିଲ୍ ମନ୍ତ୍ରୀମାନଙ୍କ ଉତର ବିଧାୟକମାନଙ୍କ ଅବଗତି ପାଇଁ ସେମାନଙ୍କବାସଭବନରେ ଯୋଗାଇ ଦିଆଯିବ । ପ୍ରତ୍ୟେକ ଦିନ ଭୁବନେଶ୍ୱର ମହାନଗରନିଗମ ତରଫରୁ ବିଧାନସଭାକୁ ସାନିଟାଇଜ୍ କରାଯିବ ଏବଂ ସମସ୍ତ ବିଧାନସଭା ସଭ୍ୟ, ଅଧିକାରୀ ଏବଂ ବିଧାନସଭା ସଚ୍ଚିବାଳୟ କର୍ମଚାରୀ ଏବଂ ବିଧାନସଭାକୁ ଆଗନ୍ତୁକମାନଙ୍କର ଆ.ରଟିପି.ସି.ଆର ପରୀକ୍ଷା କରାଯିବା ସହ ସେମାନଙ୍କୁ କରୋନା ପ୍ରତିଷେଧକ କିଟ୍ ପ୍ରଦାନ କରାଯିବ । ସବୁ ବିଧାୟକ ଓ ମନ୍ତ୍ରୀଙ୍କର ଆଂଟିବଡି ଟେଷ୍ଟ ହେବ। ଏହି ବୈଠକରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ଭାରତୀୟ ଜନତା ଦଳ ବିଧାୟକ ଦଳ ଉପନେତା ବିଷ୍ଣୁଚରଣ ସେଠୀ, ଭାରତୀୟ ଜାତୀୟ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ବିଧାୟକ ଦେବୀ ପ୍ରସାଦ ମିଶ୍ର, ପ୍ରଣବ ପ୍ରକାଶ ଦାସ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ଶ୍ରୀଜିଉଙ୍କୁ ଲାଗିହେଲା ରାହୁରେଖା

ପୁରୀ,୨୭/୦୮ (ନି.ପ୍ର): ପରମ୍ପରା ଅନୁଯାୟୀ ଭାଦ୍ରବ କୃଷ୍ଣ ପଞ୍ଚମୀ ତିଥିରେ ଶ୍ରୀମନ୍ଦିରରେ ଶ୍ରୀଜିଉମାନଙ୍କୁ ରାହୁରେଖା ଲାଗି କରାଯାଇଛି । ଭୋଗମଣ୍ଡପ ପୂଜା ଶେଷହେବା ପରେ ପାଳିଆ ପ୍ରତିହାରୀ ଜୟବିଜୟ ଦ୍ୱାର ବନ୍ଦ କରିଥିଲେ। ପୁଷ୍ପାଳକ ସେବକମାନେ ଶ୍ରୀଜିଉମାନଙ୍କର ଝୋବାକଣ୍ଠି ମଇଲମ୍ କରାଇଥିଲେ। ପରେ ଲକ୍ଷ୍ମୀ ଓ ସରସ୍ୱତୀ ଖଟଶେଯ ଘରେ ବିଜେ କରିଥିଲେ। ଶୁଦ୍ଧସୁଆର ଓଷୁଅ ପ୍ରସ୍ତୁତ କରି ସିଂହାସନ ତଳେ ରଖିଥିଲେ। ବୋଇରାଣୀ ପାହାଡା ଉପରେ ବଣିଆମାନେ ସଫା କରି ରଖିଥିବା ରାହୁରେଖା ରଖାଯାଇ ଓଷୁଅରେ ମୁହଁ ବନ୍ଦ କରାଯାଇଥିଲା। ବେହେରଣ ତଳେ ଗୋଡ ଧୋଇବା ପରେ ଦଇତାପତିମାନେ ରତ୍ନ ସିଂହାସନ ଉପରକୁ ଉଠିଥିଲେ। ପାଳିଆମେକାପ ବାଡ଼ ବାଡ଼ କରି ପତିମହାପାତ୍ରଙ୍କ ହାତକୁ ରାହୁରେଖା ବଢାଇଥିଲେ। ପତିମହାପାତ୍ର ବାଡଗ୍ରାହୀମାନଙ୍କୁ ରାହୁରେଖା ଦେବା ପରେ ଦଇତାପତି ଶୁଦ୍ଧ ସୁଆରଙ୍କଠାରୁ ଓଷୁଅ ଓ ଚାଙ୍ଗଡା ମେକାପଙ୍କ ଠାରୁ ବଇତମ ନେଇ ରୁନ୍ଧିଥିଲେ। ଦଇତାପତିମାନେ ପାଳିଆ ମେକାପଙ୍କୁ ଶ୍ରୀଅଙ୍ଗ ମଣୋହି ଦେଇ ସିଂହାସନରୁ ଓହ୍ଲାଇଥିଲେ। ଶୁଦ୍ଧ ସୁଆର ସିଂହାସନ ପୋଛା ମାରିଥିଲେ। ସିଂହାସନ ତଳେ ତିନିବଢା ଦହିକୁ ମହାସ୍ନାନ ପୂଜାଠା କରାଯାଇଥିଲା। ପୂଜାପଣ୍ଡା ମହାସ୍ନାନ ନୀତି ସଂପନ୍ନ କରିଥିଲେ। ପରେ ପାଳିଆ ପୁଷ୍ପାଳକ ଲକ୍ଷ୍ମୀ ଓ ସରସ୍ୱତୀଙ୍କୁ ଖଟଶେଯ ଘରୁ ଆଣି ସିଂହାସନରେ ବିଜେ କରାଇଥିଲେ। ଶ୍ରୀଜିଉମାନଙ୍କୁ ମଇଲମ୍ ଓ ବେଶ କରାଯାଇଥିଲା। ଦ୍ୱିପ୍ରହର ଧୂପ ପୂଜା ଶେଷ ହୋଇ ଭିତରେ ପାଣି ପଡିବା ପରେ ପୂଜାପଣ୍ଡା, ପତି ଓ ମୁଦିରସ୍ତ ବନ୍ଦାପନା କରିଥିଲେ।

## ନୂଆବଜାର ରାସ୍ତା ନବିକରଣ ଲାଗି ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ

ଜଳେଶ୍ୱର,୨୭/୦୮ (ନି.ପ୍ର): ଜଳେଶ୍ୱର ନୂଆବଜାରଠାରୁ ଅଲାଲପୁର ଯାଏ ଯାଇଥିବା ରାସ୍ତାକୁ ନବିକରଣ କରିବାଲାଗି ୫ କୋଟି ଓଙ୍କାର ଏକ ପ୍ରକଳ୍ପ ପ୍ରାୟ ୪ବର୍ଷ ଧରି ପଡି ରହିଛି । ରାସ୍ତା ନିର୍ମାଣ ଓ ଜଳନିଷ୍କାସନ ଲାଗି ଏହି ପ୍ରକଳ୍ପର ବ୍ୟବସ୍ଥା ଥିବା ବେଳେ ତାହା ହୋଇପାରୁନଥିବାରୁ ଜନଅସନ୍ତୋଷ ଦେଖା ଦେଇଛି । ପୂର୍ତ୍ତବିଭାଗର ଉଦାସୀନତା ଯୋଗୁଁ ଏହି କାର୍ଯ୍ୟ ହୋଇ ପାରୁନଥିବାରୁ କମଳ ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ନୂଆବଜାର ଠାରେ ଥିବା ସରକାରୀ ବିଦ୍ୟାଳୟର ଅନତୀ ଦୂରରେ ଡ୍ରେନ୍‌ର ମଇଳା ପାଣି ରାସ୍ତାଉପରେ ଜମା ହୋଇଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ବୃଦ୍ଧି ପାଉଛି । ସୂଚନାଯୋଗ୍ୟ ପୂର୍ବରୁ କେତେକ ବ୍ୟକ୍ତି ଅସନ୍ତୋଷ ପ୍ରକାଶ କରି ରାସ୍ତାଉପରେ ଧାନ ରୋଇଥିଲେ। ପ୍ରକାଶଯୋଗ୍ୟ ଏହି ରାସ୍ତାଟି ଜଳେଶ୍ୱର ତହସିଲ, ମ୍ୟୁନିସିପାଲଟି, ଆର୍ଆଇ ଅଫିସ୍, ଏଫସିଆଇ ଗୋଦାମ୍, ଜଗନ୍ନାଥ ମନ୍ଦିର, ତାରିଣି ମନ୍ଦିର, ଜଳେଶ୍ୱର ହାଇସ୍କୁଲ ଏବଂ ୬୦ନଂ ଜାତୀୟ ରାଜପଥକୁ ଯାତାୟତ ଲାଗି ସଂଯୋଗ ହୋଇଛି । ଠିକାଦାର ୪ବର୍ଷ ଧରି କାମ ମନ୍ଥର ଗତିରେ କରୁଥିବାରୁ କାର୍ଯ୍ୟ ୫୦ପ୍ରତିଶତ ଶେଷ ହୋଇନଥିବା ଅଭିଯୋଗ ହୋଇଛି। ଅତିଶୀଘ୍ର କାର୍ଯ୍ୟ ଶେଷ କରିବାକୁ ଦାବି ହୋଇଛି।

## ମହୁଲି ମଦ ସହ ଦୁଇ ଗିରଫ

ନୀଳଗିରି,୨୭/୦୮ (ନି.ପ୍ର): ବାଲେଶ୍ୱର ଅବକାରୀ ଅଧକ୍ଷଙ୍କ ନିର୍ଦ୍ଦେଶ କ୍ରମେ ନୀଳଗିରି ଅବକାରୀ ବିଭାଗ ନୀଳଗିରି ଅଞ୍ଚଳରୁ ଦୁଇ ଜଣ ଅଭିଯୁକ୍ତଙ୍କୁ ମହୁଲି ମଦ ସହ ଗିରଫ କରିଛନ୍ତି। ନୀଳଗିରି ଏନ.ଏ.ସି.ର ଗୁଡ଼ିଖାଣିଆ ଗ୍ରାମର ସୋନୁ ବିନ୍ଧାଣୀ ଠାରୁ ୧୯ଲିଟର ଓ ଲକ୍ଷ୍ମଣ ବିନ୍ଧାଣୀ ଠାରୁ ୧୭ଲିଟର ମହୁଲି ମଦ ଜବତ କରିଛନ୍ତି । ଏହି ଚଢ଼ାଉରେ ନୀଳଗିରି ଅବକାରୀ ଓ.ଆଇ.ସି. ଜୟନ୍ତୀ ଆର୍ଯ୍ୟ , ଏ.ଏସ.ଆଇ. ପ୍ରହ୍ଲାଦ ବିଶ୍ୱାଳ, କନେଷ୍ଟବଳ ଦେବାଶିଷ ମଲ୍ଲିକ ପ୍ରମୁଖ ସାମିଲରେ।

## ଗରିବ ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କୁ ହେଲ୍ପ ଫର ୟୁର ସହାୟତା

ଜଳେଶ୍ୱର,୨୭/୦୮ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ମାକିଡିଆ ଗାଁର ଭିନ୍ନକ୍ଷମ ଗୁଣାଧର ଦାସଙ୍କ ଉଚ୍ଚ ଶିକ୍ଷାଲାଗି ଇଚ୍ଛା ଥିଲେ ମଧ୍ୟ ଆର୍ଥୀକ ଅନଟନ ଯୋଗୁଁ ତାହା ସମ୍ଭବ ହେବନାହିଁ ବୋଲି ଭାବିଥିଲେ । କିନ୍ତୁ ଭବିଷ୍ୟତ ଅନ୍ଧକାରମୟ ଦେଇ ଗତି କରୁଥିବା ବେଳେ ବାପା ମାଙ୍କର ଶ୍ରମ ଦାନରେ ବି.ଏ ପାସ୍ କରିପାରିଥିଲେ । କିନ୍ତୁ ରେମୁଣାଠାରେ ସିଟି କରୁଥିବା ବେଳେ ଫର୍ମ ଫିଲପ୍ ଓ ଅନ୍ୟାନ୍ୟ କେତେକ ଦେୟ ଦେଇପାରନଥିବାରୁ ପରୀକ୍ଷା ଦେବା ଅସମ୍ଭବ ହୋଇ ପଡିଥିଲା । ହେଲ୍ପଫରୟୁର ସଭାପତି ମାନସ ରଂଜନ ଧଳଙ୍କୁ ସେ ଅଂଚଳର ଆଲୋକ ଘଡେଇ ଓ ଅଧ୍ୟାପକ ରମାକାନ୍ତ ଦେ ଏ ସମ୍ପର୍କରେ ଜଣାଇବା ପରେ ହେଲ୍ପଫରୟୁ ଫାଉଣ୍ଡେସନ ପକ୍ଷରୁ ୫ହଜାର ଟଙ୍କା ଓ ଛପର ନଥିବାରୁ ପାଣି ପଡୁଥିବା ଯୋଗୁଁ ଏକ ପଲିଥିନ ଆଜି ପ୍ରଦାନ କରାଯାଇଛି । ତାଙ୍କୁ ସରକାରୀ ଘର ଯୋଗାଇ ଦେବାକୁ ଫାଉଣ୍ଡେସନ ପକ୍ଷରୁ ସରକାରଙ୍କୁ ନିବେଦନ କରାଯାଇଛି । ଏଥିରେ ଉପଦେଷ୍ଟା ରଂଜନ ମଲ୍ଲିକ, ସୁବାଶିଷ-ମାନସ ରଂଜନ ରାଉଳ, ପ୍ରଶାନ୍ତ ବେହେରା, ତପନ ଧଳ, ନିବେଦିତା ଧଳ, କାଳିଚରାଣ ଦାସ, ନଗେନ୍ଦ୍ର ବାରିକ, ଦୀପ୍ତିରାଣୀ ଧଳ, ନିତ୍ୟାନନ୍ଦ ଦାସ, ଦେବାଶିଷ ପଣ୍ଡା, ତରୁଣ ନାଥ, ରଂଜନ ନାଗ, ଚିନ୍ମୟ ରାଉଳ, କଲ୍ୟାଣ ଚନ୍ଦ, ଗଂଗାଧର ଦେ, ସୁବ୍ରତ ଜେନା, ତପନ ଦେ, ଘନଶ୍ୟାମ ପାତ୍ର, ମନୋଜ ଜେନା, ଗଣେଷ ଜେନା, ପ୍ରଦୀପ ଚୌହାନ, ଗଂଗାଧର ଦେ ପ୍ରମୁଖ ଉପସ୍ଥିତ ଥିଲେ।

## ଅବଧି ଶେଷର ୪ବର୍ଷ ପରେ ମଧ ବିଜୁ ସେତୁ ଅସଂପୂର୍ଣ୍ଣ

ଭଦ୍ରକ,୨୭/୦୮ (ନି.ପ୍ର): ଅବଧି ଶେଷର ୪ବର୍ଷ ପରେ ମଧ୍ୟ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଆଗରପଡ଼ା ସ୍ଥିତ ଟିକିରା-ଶ୍ରୀରାମପୁର ଗ୍ରାମକୁ ସଂଯୋଗୀକରଣ ନିମନ୍ତେ ସାଳନ୍ଦୀ ନଦୀ ଉପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ ହେଉଥିବା ବିଜୁ ସେତୁ କାର୍ଯ୍ୟ ସଂପୂର୍ଣ୍ଣ ହୋଇ ପାରିଲା ନାହିଁ ଯଦ୍ୱାରା ବର୍ତମାନ ବିପଦ ସଙ୍କୁଳ ପରିସ୍ଥିତିରେ ଲୋକେ ନଦୀ ପାର ହେଉଥିବା ଦେଖିବାକୁ ମିଳୁଛି । ଟିକିରା-ଶ୍ରୀରାମପୁର ଅଂଚଳର ପ୍ରମୁଖ ବ୍ୟବସାୟୀକ କେନ୍ଦ୍ର ଆଗରପଡ଼ା କିନ୍ତୁ ସାଳନ୍ଦୀ ନଦୀ ଏଥି ପାଇଁ ବାଧକ ସୃଷ୍ଟି ହେଉଥିବାରୁ ସ୍ଥାନୀୟ ଜନସାଧାରଣଙ୍କ ଦାବି ଫଳରେ ସ୍ୱର୍ଗତ ତତ୍କାଳିନ ସାଂସଦ ଅର୍ଜ୍ଜୁନ ଚରଣ ସେଠୀ ଓ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ସହଯୋଗରେ ବିଜୁ ସେତୁ ନିର୍ମାଣ ପାଇଁ ୪ କୋଟି ୨୧ ଲକ୍ଷ ୯୨ ହଜାର ୪୨୦ ଟଙ୍କାର ପ୍ରକଳ୍ପ ମଂଜୁର ହୋଇଥିଲା । ୨୦୧୬ ଫେବୃୟାରୀ ୪ ତାରିଖରେ ନିର୍ମାଣ ହୋଇ ୨୦୧୭ ଅକ୍ଟୋବର ୩ରେ କାର୍ଯ୍ୟ ଶେଷ ହେବାର ଥିଲା। ମାତ୍ର ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରୁ ଅବଧି ସରିବାର ବହୁ ବିଳମ୍ବରେ ସେତୁ କାର୍ଯ୍ୟ ସମାପ୍ତି ହୋଇଥିଲେ ସୁଦ୍ଧା ବ ର୍ମାନ ରାସ୍ତା ସଂଯୋଗୀକରଣ(ଆପ୍ରୋଚ ରୋଡ଼) ନିର୍ମାଣ ଆଉ ଏକ ସମସ୍ୟା ରୂପେ ଠିଆ ହୋଇଛି। ଶ୍ରୀରାମପୁର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର ସମସ୍ୟା ସମାଧାନ ହୋଇ ଏହା ନିର୍ମାଣାଧିନ ଥିବାବେଳେ । ଟିକିରା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାକୁ ନେଇ ଦେଖା ଦେଇଥିବା ସମସ୍ୟାର ସମାଧାନ ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ । ଯଦ୍ୱାରା ଏହା ସର୍ବସାଧାରଣ ରାସ୍ତା ସହିତ ସଂଯୋଗ କରାଯାଇ ପାରୁନାହିଁ । ଇତି ମଧ୍ୟରେ ବିଜୁ ସେତୁ ନିର୍ମାଣକୁ ୫ ପୁରିବା ସହ ନିର୍ମାଣ ଅବଧିକୁ ୪ବର୍ଷ ପୁରି ଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ବିଜୁ ସେତୁ ସଂପୂର୍ଣ୍ଣ ହେବାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷଭାବ ପ୍ରକାଶ ପାଇଛି । ଶ୍ରୀରାମପୁର, ସାହୁପଡ଼ା, ଗୋପୀନାଥପୁର, ମାର୍କଣ୍ଡପୁର ଆଦି ଗ୍ରାମବାସୀମାନେ ସେତୁ ନିର୍ମାଣ ହୋଇନଥିବାରୁ ଯାତାୟାତ କରିବାରେ ନାନାଦି ଦୁର୍ଦ୍ଦଶାଦେଇ ଗତି କରୁଛନ୍ତି । ଅଧିକ ରାସ୍ତା କାଣ୍ଡବା ସେତୁ ଦେଇ ଦୈନ୍ୟଦିନ ଯାତାୟାତ କରୁଛନ୍ତି ନ ହେଲେ ବିପଦ ସଙ୍କୁଳ ପରିସ୍ଥିତିରେ ସେତୁ ଉପରୁ ସଂଯୋଗୀକରଣ ରାସ୍ତାକୁ ଅସ୍ଥାୟୀ ବାଉଁଶ ଚାରରେ ଯାତାୟତ କରୁଛନ୍ତି। ଲୋକମାନଙ୍କ ସମେତ ରୋଗୀମାନେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସରକାରୀ ସ୍ତରରେ ଯୋଜନା ପରେ ଯୋଜନା କରାଯାଉଛି କିନ୍ତୁ ଦୂର ଦୃଷ୍ଟିର ଅଭାବ ଯୋଗୁଁ ଯୋଜନା ଗୁଡ଼ିକ ସଫଳ ହେବା ପରିବର୍ତେ ବିଫଳ ହେବା ସହ ନିମ୍ନମାନର କାର୍ଯ୍ୟ ଓ କାର୍ଯ୍ୟରେ ଅହେତୁକ ବିଳମ୍ବ ଯୋଗୁଁ ସାଧାରଣ ଜନତା କେବଳ ହନ୍ତସନ୍ତ ହେବା ସାର ହେଉଛି । ସ୍ଥାନୀୟ ନେତା, ଯନ୍ତ୍ରୀ ଓ ଠିକାଦାରଙ୍କ ସଲାସୁତରାରେ ପ୍ରାୟ ସମସ୍ତ ଉନ୍ନୟନ କାର୍ଯ୍ୟ ଚାଲୁଥିବାରୁ ଅବଧି ଶେଷ ପରେ ବର୍ଷାଧିକ କାଳ ଅତିକ୍ରମ କରିବା ସହ ବ ର୍ମାନ ବର୍ଷାଋତୁ ଚାଲୁ ଥିବାରୁ ଉକ୍ତ କାର୍ଯ୍ୟ ସମ୍ପୁର୍ଣ୍ଣ କୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ୨.୪୪କୋଟି ଟଙ୍କାର ସରକାରୀ ଅର୍ଥର ହେରଫେରର ତଦନ୍ତ ପାଇଁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୭/୦୮(ନି.ପ୍ର): ମାନ୍ୟବର ଯୋଗାଯୋଗ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଗତ ୨୧.୦୮.୨୧ ତାରିଖ କୋରାପୁଟ ଗସ୍ତ ସମୟରେ, ସାଧାରଣ ଜନତା, ଲାଛିପେଟା, ମାଲକାନଗିରି କଲୋନୀ ଏବଂ ଭେଜାଙ୍ଗୀୱାଡ଼ା ପୋଷ୍ଟ ଅଫିସରେ ହୋଇଥିବା ଆର୍ଥିକ ଅନିୟମିତତା ସଂପର୍କରେ ତାଙ୍କର ଦୃଷ୍ଟି ଆକର୍ଷଣ କରାଇଥିଲେ । ଏହି ଜନଶୁଣାଣି କରି ମାନ୍ୟବର ମନ୍ତ୍ରୀ, ସେଠାରେ ଥିବା ବିଭାଗୀୟ କର୍ମକର୍ତ୍ତାଙ୍କୁ ୩୦ ଦିନ ଭିତରେ ଅଭିଯୋଗ ଗୁଡ଼ିକର ଅନୁସନ୍ଧାନ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ଏହା ଉଲ୍ଲେଖଯୋଗ୍ୟ ଯେ, ଅନୁସନ୍ଧାନରୁ ଜଣା ପଡିଛି ସର୍ବମୋଟ ୨.୪୪ କୋଟି ଟଙ୍କାର ସରକାରୀ ଅର୍ଥର ହେରଫେର ହୋଇଛି । ଲାଛିପେଟା ଏବଂ ମାଲକାନଗିରି କଲୋନୀ ପୋଷ୍ଟ ଅଫିସର ଅନିୟମିତତା ପାଇଁ ଦାୟୀ ଥିବା ପୋଷ୍ଟମାଷ୍ଟର ଶ୍ରୀ ବିଶ୍ୱନାଥ ପୋଡ଼ିୟାମୀଙ୍କ ବିରୁଦ୍ଧରେ ସି.ବି.ଆଇ ପାଖରେ ଏଫ୍.ଆଇ.ଆର ଦାଖଲ ହୋଇଛି । ଶ୍ରୀ ମନ ପୂଜାରୀ, ବ୍ରାଞ୍ଚ ପୋଷ୍ଟ ମାଷ୍ଟର ଭେଜାଙ୍ଗୀୱାଡ଼ାକୁ ପୋଲିସ ଦଫା ୪୦୮, ୪୦୯, ୪୨୦, ୪୬୮, ୪୭୧ ଏବଂ ୪୭୩ରେ ଗିରଫ କରି ଅନୁସନ୍ଧାନ ଜାରି ରଖିଛି । ମାନ୍ୟବର ମନ୍ତ୍ରୀ ବୈଷ୍ଣବଙ୍କ ନିର୍ଦ୍ଦେଶ କ୍ରମେ ଲାଛିପେଟା ପୋଷ୍ଟ ଅଫିସର ଅନିୟମିତତା ଉପରେ ଅନୁସନ୍ଧାନ ଶେଷ ହୋଇଛି ଏବଂ ଅନ୍ୟ ଦୁଇ ପୋଷ୍ଟ ଅଫିସର ଆସନ୍ତା ଏକ ମାସ ଭିତରେ ସମାପ୍ତ ହେବ । ସମସ୍ତ ଦୋଷୀ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ । ଯେଉଁ ଜମାକାରୀମାନଙ୍କର ଟଙ୍କା ହେରଫେର ହୋଇଛି ତାଙ୍କୁ ମୁଖ୍ୟ ପୋଷ୍ଟମାଷ୍ଟର ଜେନେରାଲ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସେମାନଙ୍କର ଦାବି ଶୀଘ୍ର ଏକ ନିର୍ଦ୍ଧାରିତ ଫର୍ମରେ ଉପସ୍ଥାପନ କରିବା ପାଇଁ ଅନୁରୋଧ କରିଛନ୍ତି । ଏହି ଦାବି ଗୁଡ଼ିକର ଉପଯୁକ୍ତ ଅନୁସନ୍ଧାନ କରି ୩୦ ଦିନ ଭିତରେ ସମାଧାନ କରିବାକୁ ପ୍ରତିଶ୍ରୁତି ଦିଆଯାଇଛି । ଏଣୁ ଜନସାଧାରଣଙ୍କୁ ପୁଣିଥରେ ନିବେଦନ କରାଯାଉଛି ଯେ ଏହି ଫର୍ମ https://utilities.cept.gov.in/dop/pdfbind.ashx?id=5602ରୁ download କରିପାରିବେ ।

## ଦଳିତଙ୍କ ଘରକୁ ଜେସିବି ଲଗାଇ ଭାଙ୍ଗିବା ମାମଲା : ଏସପିଙ୍କୁ ଭେଟିଲା ପରିବାର

କୋରେଇ,୨୭/୦୮ (ନି.ପ୍ର): ମଙ୍ଗଳପୁର ଥାନା ଅନ୍ତର୍ଗତ ଆଖୁଆସାହି ଗ୍ରାମର ନାରାୟଣ ଯେନା ଓ ଲୋଚନୀ ଯେନାଙ୍କ ପରିବାର ଉପରେ ସେହି ଗ୍ରାମର ସବର୍ଣ୍ଣ ଗୋଷ୍ଠୀ ସଙ୍ଘବଦ୍ଧ ଭାବେ ଗତ ୧୯ ତାରିଖ ଆକ୍ରମଣ କରିବା ସହ ଘର ଭାଙ୍ଗିଦେବାକୁ ଧମକ ଦେଇଥିଲେ । ଏ ସମ୍ପର୍କରେ ଲୋଚନୀ ଯେନା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ୪୦୦/୨୧ ରୁଜୁ କରିବା ପରେ ସବର୍ଣ୍ଣ ମାନେ ଉତ୍‌କ୍ଷିପ୍ତ ହୋଇ ଏକ ଜେସିବି ମେସିନ ଲଗାଇ ନାରାୟଣ ଯେନାଙ୍କ ପାଇଖାନା, ଗାଧୁଆଘର ଓ ୪ ବଖରା ଘର ସହ ଓ କୃଷ୍ଣ ଚନ୍ଦ୍ର ଜେନାଙ୍କ ତିନି ବଖରା ଚାଳଘର ଭାଙ୍ଗି ଦେଇଥିଲେ । କଦଳୀ ବଗିଚା, ଫୁଲ ବଗିଚା ସହ ନାମି ଦାମି ଗଛ କାଟି ଦେଇଥିଲେ । ଏପରିକି ଘରୁ ଫ୍ୟାନ, ଟିଭି, ଟଙ୍କା ଇତ୍ୟାଦି ଘରେ ପଶି ଲୁଟିନେଇ ଗତ କାଲି ଠାରୁ ଏହି ପରିବାରର ଘର ସୀମାନ୍ତରେ ତାରବାଡ ବୁଲାଇ ପାଣି,ରାସ୍ତା, ବିଦ୍ୟାଳୟ, ଦେକାନ ବଜାର ବନ୍ଦ କରି ସାମାଜିକ ବାସନ୍ଦ କରି ଜୀବନରୁ ମାରି ଦେବାକୁ ଉଦ୍ୟମ କରି ଆସୁଛନ୍ତି । ଏ ସମ୍ପର୍କରେ ଆଜି ମାନବଧିକାର କର୍ମୀ ବିଶ୍ୱନାଥ ପାତ୍ର, ଭୀମସେନାର ଆର୍ତତ୍ରାଣ ମଲିକ, ଜତିନ୍ଦ୍ର ଯେନା, ପିନାକ ମଲିକ, କ୍ଷିରୋଦ ଦାସ ପ୍ରମୁଖଙ୍କ ତତ୍ୱାବଧାନରେ ପିଡିତାଙ୍କ ପରିବାର ସକାଳୁ ଜିଲ୍ଲାପାଳଙ୍କୁ ଭେଟି ସୁରକ୍ଷା ପ୍ରଦାନ ସହ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା । ଯାଜପୁର ଜିଲ୍ଲାପାଳ ଅଭିଯୋଗକୁ ଗୁରୁତର ଭାବେ ଗ୍ରହଣ କରି ଏସପିଙ୍କୁ ଫୋନରେ ଯୋଗାଯୋଗ କରି ତୁରନ୍ତ ପଦକ୍ଷେପ ନେବାକୁ କହିଥିଲେ। ପରେ ଉକ୍ତ ଟିମ ପିଡିତା ପରିବାରଙ୍କୁ ଧରି ଅପରାହ୍ନରେ ଏସପିଙ୍କୁ ଭେଟିଥିଲେ। ଏସପି ମଧ୍ୟ ଏହାକୁ ଗୁରୁତରଭାବେ ଗ୍ରହଣ କରି ଆସନ୍ତା କାଲି ଜଣେ ଡିଏସପି ପାହ୍ୟାର ଅଧିକାରୀଙ୍କୁ ପଠାଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶୃତି ଦେଇଥିଲେ।

## ସୋସିଆଲ୍ ସିକ୍ୟୁରିଟି ସର୍ଭିସ ସଂଶୋଧନକୁ କ୍ୟାବିନେଟ ମଂଜୁରୀ

ଭୁବନେଶ୍ୱର,୨୭/୦୮ (ନି.ପ୍ର): ଓଡିଶା ସାମାଜିକ ସୁରକ୍ଷା ସେବା (ନିଯୁକ୍ତି ପ୍ରଣାଳୀ ଏବଂ ସେବାର ସର୍ତ) ସଂଶୋଧନ ନିୟମାବଳୀ ୨୦୨୧ କୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ବିଏସଏସଓ ପଦବୀରେ ନିଯୁକ୍ତି ପାଇଁ ହେଉଥିବା ପ୍ରତିଯୋଗିତାମୂଳକ ପରୀକ୍ଷା ବର୍ଷରେ ଥରେ ପରିବର୍ତେ ସରକାରଙ୍କ ନିଷ୍ପତି ଅନୁଯାୟୀ ଆବଶ୍ୟକ ମୁତାବକ ଅନୁଯାୟୀ ଆବଶ୍ୟକ ମୁତାବକ ଅନୁଷ୍ଠିତ ହେବ। ପଦୋନ୍ନତି ନିମନ୍ତେ ହେବାକୁ ଥିବା ଚୟନ କମିଟିର ସଦସ୍ୟ ଭାବେ ଅର୍ଥ ବିଭାଗର ପ୍ରତିନିଧି ପରିବର୍ତେ ସାଧାରଣ ପ୍ରଶାସନ ସାଧାରଣ ଅଭିଯୋଗ ବିଭାଗର ଅନ୍ୟୁନ ଅନୁଶାସନ ସଚିବ ସ୍ତରୀୟଜଣେ ପ୍ରତିନିଧି ସଦସ୍ୟ ରହିବେ।

## ବର୍ଷେପରେ ଭାଙ୍ଗିଗଲା କଲଭର୍ଟ : ବିପଦପୂର୍ଣ୍ଣ ଅବସ୍ଥାରେ ଯାତାୟତ କରୁଛନ୍ତି ଲୋକେ



ବାରିପଦା,୨୭/୦୮ (ନି.ପ୍ର): ଆଦିବାସୀ ଅଧ୍ୟୁଷିତ ଅଂଚଳ ଗୁଡିକର ବିକାଶ ପାଇଁ ସରକାରଙ୍କ ଆଦିବାସୀ ଉନ୍ନୟନ ସଂସ୍ଥା କାର୍ଯ୍ୟ କରୁଛି। ମାରାଂତଣ୍ଡୀ ଗ୍ରାମ ପଂଚାଯାତ ଏବଂ ବେତନା ଗ୍ରାମ ପଂଚାୟତକୁ ସଂଯୋଗ କରୁଥିବା ରାସ୍ତାରେ ଏକ କଲଭର୍ଟ କାର୍ଯ୍ୟ ୨୦୧୯ ମସିହାରେ ବାରିପଦା ଆଇଟିଡିଏ ପକ୍ଷରୁ ୧୭ ଲକ୍ଷ ଟଙ୍କା ଅଟକଳରେ କରା ଯାଇଥିଲା। କିନ୍ତୁ ନିର୍ମାଣ କାମ ଏତେ ନିମ୍ନ ମାନର ଥିଲାଯେ, କୌଣସି ବନ୍ୟା କି ବାତ୍ୟା ହୋଇନଥିଲେ ବି କଲଭର୍ଟର ତଳ ଅଂଶ ଧୋଇହୋଇ କେବଳ ଉପର ଅଂଶ ବିପଦପୂର୍ଣ୍ଣ ଅବସ୍ଥାରେ ଝୁଲିକି ରହିଛି। ସେହି ବିପଦ ପୂର୍ଣ୍ଣ କଲଭର୍ଟ ରାସ୍ତା ଦେଇ ପ୍ରତିଦିନ ବହୁ ଗାଡିମଟର ମଧ ଚଳାଚଳ କରୁଛି। କଲଭର୍ଟଟି କେତେବେଳେ ଭୁଶୁଡି ପଡିବ ତାହା କହିବା ମୁସ୍କିଲ। ତେବେ ବିପଦ ପୂର୍ଣ୍ଣ ଅବସ୍ଥାରେ ଥିବା ଏହି କଲଭର୍ଟରେ ହୋଇଥିବା ଦୁର୍ନିତୀ ଓ ଏହାର ମରାମତି ପାଇଁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ କୌଣଷି ସୁଫଳ ନମିଳିବାରୁ ଆଜି ମୟୁରଭଞ୍ଜ ମୁକ୍ତି ମୋର୍ଚ୍ଚା ଜିଲ୍ଲା ସଭାପତି ଧରମରାଜ ହାଁସଦାଙ୍କ ନେତୃତ୍ୱରେ ସଂଗଠନର କର୍ମୀ ତଥା ସ୍ଥାନୀୟ ଜନସାଧାରଣ ବାରିପଦା ଆଇଟିଡିଏ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଧାରଣା ଦେଇଥିଲେ। ଧାରଣା ସ୍ଥଳରେ ବାରିପଦା ଟାଉନ ଥାନା ପୋଲିସ ଏବଂ ସହକାରୀ ନିର୍ବାହୀ ଯନ୍ତ୍ରୀ ଗଣପତି ଜେନା ଧାରଣାରତ ଲୋକଙ୍କୁ ବୁଝା ସୁଝା କରିବା ସହ ଘଟଣାର ତଦନ୍ତ ଓ କଲଭର୍ଟ ମରାମତି କରିବାର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବାରିପଦା ସବ ଡ଼ିଭିଜନ ସଭାପତି ରଜତ ହାଁସଦା, ଉପ ସଭାପତି ଚନ୍ଦନ ସିଂ, ଈଶ୍ୱର ମାର୍ଣ୍ଡି, ଲାଲୁ ମାର୍ଣ୍ଡି, ରତନ ହାଁସଦା, ଦିଲ୍ଲୀପ ସୋରେନ, ପୁନ ହାଁସଦା, ଦାସ ମୁର୍ମୁ, ରାଜାରାମ ମୁର୍ମୁ, ପଦନ ମୁର୍ମୁ, ନୋରୀୟ ସୋରେନ, କୁଆଁର ହାଁସଦା, ଜଗନ୍ନାଥ ମହାନ୍ତ, ରାଜୁ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ ।

## ସୁନାମୀ ବିପର୍ଯ୍ୟୟ ମୁକାବିଲା ପାଇଁ ୩ ଦିନିଆ ପ୍ରଶିକ୍ଷଣ ଶିବିର

କେନ୍ଦ୍ରାପଡ଼ା,୨୭/୦୮ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ୩ ଦିନିଆ ପ୍ରଶିକ୍ଷଣ ଶିବିର ୨୫ ତାରିଖରୁ ୨୭ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ସମ୍ଭାବ୍ୟ ସୁନାମୀ ମୁକାବିଲା ନେଇ ଜିଲ୍ଲା ସ୍ତରୀୟ ଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମିଳନୀ କକ୍ଷରେ ଓ ସର୍କିଟ ହାଉସରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣା ଏଥିରେ ଅଧକ୍ଷତା କରି ସୁନାମୀର ରୂପରେଖ ଓ ଏହାର ଭୟାବହତା ଉପରେ ବକ୍ତବ୍ୟ ରଖିବା ସହ ଏହିଆକସ୍ମିକ ପ୍ରାକୃତିକ ବିପର୍ଯ୍ୟୟରୁ କିଭଳି ଜୀବନ ରକ୍ଷା କରାଯାଇ ପାରିବ ସେ ସଂପର୍କରେ ସୂଚନା ଦେଇଥିଲେ । ଶିବିରରେ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ସସ୍ମିତ ଶତପଥୀ, ରାଜ୍ୟ ପ୍ରକଳ୍ପ ଅଧିକାରୀ ଲକ୍ଷ୍ମୀ ନାରାୟଣ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ ସୁନାମୀ ସମୟରେ ଶିକ୍ଷକଙ୍କ ଭୂମିକା ଓ ଦାୟିତ୍ୱ ଉପରେ ସୂଚନା ଦେଇଥିବା ବେଳେ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଅଜୟ କୁମାର ମହାନ୍ତି ଶିବିର ପରିଚାଳନା କରିଥିଲେ । ଜିଲ୍ଲାର ରାଜନଗର ଓ ମହାକାଳପଡା ବ୍ଲକ ର ସୁନାମୀ ପ୍ରବଣ ୬୧ଟି ଗ୍ରାମରେ ଥିବା ୯୭ଟି ସ୍କୁଲର ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ଏହି ଶିବିରରେ ତାଲିମ ନେଇଥିଲେ ।

## ଦେଶି ମଦ ଜବତ : ଜଣେ ଗିରଫ

ଜୟପୁର,୨୭/୦୮ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ହରିଷ୍ଟଚନ୍ଦ୍ର ନୁଆଗୁଡା ଠାରେ ଅବକାରି ବିଭାଗ ତରଫରୁ ଚଢାଉ କରାଯାଇଛି । ଜୟପୁର ଅବକାରି ବିଭାଗ ଗ୍ରାମର ଭଗବାନ ଗାଧବାଙ୍କ ଘରେ ଚଢାଉ କରିଛି । ଚଢାଉ କରି ଟ୍ୟୁବରେ ୫୦ ଲିଟର ଦେଶି ମଦ ଜବତ କରିଛି । ଅଭିଯୁକ୍ତ ଭଗବାନ ଦେଶି ମଦକୁ ଚାଲାଣ ଉଦ୍ଦେଷ୍ୟ ରଖିଥିବା ବିଭାଗ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଅବକାରି ବିଭାଗ ସୁଚନା ଦେଇଛି ।

# ଗୋଟିଏ ଦିନରେ ୮୧୬ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୭/୦୮(ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୮୧୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୦୪୮୭୫ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୧୦୬ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୯୮୮୮୫୪ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୮୨୭୧ ରହିଛି। ଆଜି ଚିହ୍ନଟ ହୋଇଥିବା ୮୧୬ ଜଣଙ୍କ ମଧ୍ୟରୁ ୪୭୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୪୧ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୬ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୩୯୧ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୪୬ ଜଣ, ବରଗଡ଼ରୁ ୧୩ ଜଣ, ଭଦ୍ରକରୁ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ବଲାଙ୍ଗୀରରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। କଟକରୁ ୧୧୬, ଦେବଗଡ ଜିଲ୍ଲାରୁ ୧୩ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୯ ଜଣ, ଗଜପତି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ଗଞ୍ଜାମରୁ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୩୪ ଜଣ, ଯାଜପୁରରୁ ୩୧ ଜଣ, ଝାରସୁଗୁଡ଼ାରୁ ୧ ଜଣ, କଳାହାଣ୍ଡିରୁ ୪ ଜଣ, କନ୍ଧମାଳ ଜିଲ୍ଲାରୁ ୩ ଜଣ. କେନ୍ଦ୍ରାପଡ଼ାରୁ ୨୯ ଜଣ, କେନ୍ଦୁଝରରୁ ୧୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ଅଧପନ୍ତରିଆ ରାଣୀପାଟଣା ରାସ୍ତା ପରିଦର୍ଶନ କଲେ ସଦର ବିଧାୟକ



ବାଲେଶ୍ୱର,୨୭/୦୮ (ନି.ପ୍ର): ସହରର ଝାଡ଼େଶ୍ୱର ମନ୍ଦିର ଛକ-ଦର୍ଜିପୋଖରୀ ରାସ୍ତା ନବୀକରଣର ମନ୍ଥର କାର୍ଯ୍ୟଧାରାକୁ ନେଇ ବୃଦ୍ଧି ପାଇଥିବା ଜନ ଅସନ୍ତୋଷକୁ ଦୃଷ୍ଟିରେ ରଖି ସଦର ବିଧାୟକ ସ୍ୱରୂପ କୁମାର ଦାସ ସହଯୋଗୀଙ୍କ ସହ ଶୁକ୍ରବାର କ୍ଷେତ୍ର ତଦନ୍ତ କରିଛନ୍ତି। ମନ୍ଥର କାର୍ଯ୍ୟକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ଆପତ୍ତି ଅଭିଯୋଗ ଶୁଣିବା ସହ ବିଧାୟକ ପୂର୍ତ୍ତ ବିଭାଗ ଯନ୍ତ୍ରୀ ଓ ଠିକାଦାରଙ୍କୁ କୈଫିଅତ ତଲବ କରିଥିବା ଦେଖିବାକୁ ମିଳିଥିଲା। ଏହି ରାସ୍ତା ନବୀକରଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବାକୁ ସେ ଠିକାଦାରଙ୍କ ସମେତ ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କୁ ବିଧାୟକ ଶ୍ରୀ ଦାସ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଜନସ୍ୱାସ୍ଥ୍ୟ ବିଭାଗର ପାଇପ ବିଛାରେ ବିଳମ୍ବ ଯୋଗୁଁ ନିର୍ମାଣ କାର୍ଯ୍ୟ ଅଧାରେ ଅଟକି ଥିବା ଜାଣିବା ପରେ ସେ ବିଭାଗୀୟ ନିର୍ବାହୀ ଅଧିକାରୀଙ୍କ ସହ ଯୋଗଯୋଗ କରିଥିଲେ। ତୁରନ୍ତ ପାଣି ପାଇପ ବିଛା କାର୍ଯ୍ୟ ଶେଷ ପାଇଁ ସେ କହିଛନ୍ତି। ପୂର୍ତ୍ତ ବିଭାଗ ମଧ୍ୟ ସପ୍ତାହ ମଧ୍ୟରେ କାର୍ଯ୍ୟ ଶେଷ କରିବ ବୋଲି ବିଧାୟକ ଜନସାଧାରଣଙ୍କୁ ଆଶ୍ୱାସନା ଦେଇଛନ୍ତି। ଏଥି ସହିତ ସହରର ବିପର୍ଯ୍ୟସ୍ତ ନିଷ୍କାସନ ବ୍ୟବସ୍ଥାକୁ ନେଇ ସେ ଉଦବେଗ ପ୍ରକାଶ ସହ ଏହାର ସ୍ଥାୟୀ ପ୍ରତିକାର ନେଇ ଆରମ୍ଭ ରହିଥିବା ଅଭିଯାନ ସମ୍ପର୍କରେ ସେ ସୂଚନା ଦେଇଛନ୍ତି। ସହରର ଆୟତନ ବଢ଼ି ଚାଲିଥିବା ବେଳେ ନିଷ୍କାସନ ବ୍ୟବସ୍ଥାର ସୁଧାର ପାଇଁ ଏବେ ୧୦ କୋଟି ଟଙ୍କା ଅଟକଳ ମୂଲ୍ୟରେ କାର୍ଯ୍ୟ ଜାରି ରହିଥିବା ସେ କହିଛନ୍ତି। ବିଶେଷ କରି ଅବରୋଧ ଉଚ୍ଛେଦ ସାଙ୍ଗକୁ ସହରର ନାଳ ଓ ମହାନାଳ ପୁନରୁଦ୍ଧାରକୁ ଅଧିକ ଗୁରୁତ୍ୱ ଦିଆଯାଉଛି ବୋଲି ବିଧାୟକ ଶ୍ରୀ ଦାସ ସୂଚନା ଦେଇଛନ୍ତି। ପ୍ରକାଶ ଥାଉ କି ଦୀର୍ଘ ବର୍ଷେ ଧରି ଦେଢ଼କୋଟି ଟଙ୍କା ଅଟକଳରେ ଝାଡ଼େଶ୍ୱର ମନ୍ଦିର-ଦର୍ଜିପୋଖରୀ ରାସ୍ତାର ଚାଲିଥିବା ଅଧପନ୍ତରିଆ ନବୀକରଣ କାର୍ଯ୍ୟକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଦାନା ବାନ୍ଧିଥିବା ଅସନ୍ତୋଷ ଗତକାଲି ସଂଧ୍ୟାରେ ତୀବ୍ର ରୂପ ନେଇଥିଲା। ରାଣୀପାଟଣା ଛକରୁ କଚେରୀ ରାସ୍ତାକୁ ଆସୁଥିବା ଏକ ମିନିଟ୍ରକ ଝାଡ଼େଶ୍ୱର ମନ୍ଦିରଠାରୁ ୫୦ ଫୁଟ ଦୂରରେ ଫସି ଯାଇଥିଲା। ଦୁଇପାର୍ଶ୍ୱରେ ଚାଲିଥିବା ଡ୍ରେନ କାର୍ଯ୍ୟ, ରାସ୍ତା ଉପରେ ନିର୍ମାଣ ସାମଗ୍ରୀ ପଡ଼ିରହିବା ଓ ସେହି ସ୍ଥାନରେ ଟ୍ରକ ଅଟକି ରହିବା ଫଳରେ ସେହି ରାସ୍ତାରେ ପ୍ରାୟ ୪ଘଣ୍ଟା ଧରି ଯାତାୟତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୫ ଗିରଫ, ୬୭୧ ବାହନ ଜବତ

ଭୁବନେଶ୍ୱର,୨୭/୦୮ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୫ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୬୭୧ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୧୯,୮୯,୧୫୦ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ହୁଦୁହୁଦୁ ହୋଇ ଜଳିଗଲା ପଲସର ବାଇକ



ବାରିପଦା,୨୭/୦୮ (ନି.ପ୍ର): ବାରିପଦା ସହରର ମଧୁବନ ଷ୍ଟାଡିୟମ ସମ୍ମୁଖରେ ଛିଡା ହୋଇଥିବା ଏକ ପଲସର ଗାଡ଼ି ହଠାତ ହୁତୁହୁତୁ ହୋଇ ଜଳି ଯାଇଥିବାର ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି । ସୂଚନା ମୁତାବକ କୌଣସି କାରଣରୁ ଗାଡ଼ିରେ ନିଆଁ ଲାଗିଯାଇଥିଲା । ଏହା ପରେ ଗାଡିଟି ହୁଦୁହୁଦୁ ହୋଇ ଜଳିଉଠିଥିଲା । ଗାଡିଟି ଗୋଟିଏ ରାସ୍ତାକଡ ଉଠା ଦୋକାନ କଡରେ ଛିଡା ହୋଇ ଥିବାରୁ ଦୋକାନର କିଛି ଅଂଶରେ ମଧ ନିଆଁ ଲାଗି ଯାଇଥିବାର ଦେଖା ଯାଇଛି । ତେବେ ପଲସର ବାଇକଟିର ରେଜିଷ୍ଟ୍ରେସନ ନଂ ଓଡ଼ି ୧୧ ଏସ ୬୯୭୩ ହୋଇଥିବା ବେଳେ, ସ୍ଥାନୀୟ ଯୁବକଙ୍କ ବୋଲି ଜଣାପଡିଛି । ତେବେ ସ୍ଥାନୀୟ ଲୋକେ ଗାଡିରେ ନିଆଁ ଲାଗି ଯାଇଥିବାର ଦେଖି ଅଗ୍ନୀଶମ ବିଭାଗକୁ ଖବର ଦେବା ସହିତ ନିଜେ ସାହାସିକତା ଦେଖାଇ ନିଆଁ ଲିଭାଇଥିଲେ । ତେବେ ଗାଡିଟି ସମ୍ପୂର୍ଣ୍ଣ ଭାବେ ପୋଡି ନଷ୍ଟ ହୋଇ ଯାଇଥିବାର ଦେଖା ଯାଇଛି ।

# 'ବାଲେଶ୍ୱର ଆଲୋଏଜ' ଶ୍ରମିକଙ୍କ ବକେୟା ପ୍ରାପ୍ୟ ଦାବି

ବାଲେଶ୍ୱର,୨୭/୦୮ (ନି.ପ୍ର): ଜିଲାର ପରାତନ ତଥା ପ୍ରଥମ ଗୁରୁ ଶିକ୍ଷାନୁଷ୍ଠାନ 'ବାଲେଶ୍ୱର ଆଲୋଏଜ'ର ଅଚଳାବସ୍ଥା ଓ ଶ୍ରମିକଙ୍କ ସମସ୍ୟାକୁ ନେଇ ମୁହଁ ଖୋଲିଛି ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ଫ୍ୟୁଚର ବାଲେଶ୍ୱର'। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସମ୍ବାଦିକ ସମ୍ମିଳନୀରେ ସଂଗଠନର ସଭାପତି ଆଇନଜୀବୀ ବିଜୟ ପାଣିଗ୍ରାହୀ ଯୋଗଦେଇ ଶିକ୍ଷାନୁଷ୍ଠାନ ବନ୍ଦ ଯୋଗୁଁ ସମ୍ପ୍ରତି ଏହାର ଶ୍ରମିକ କର୍ମଚାରୀମାନେ ସାମ୍ନା କରୁଥିବା ସମସ୍ୟା ସମ୍ପର୍କରେ ସୂଚନା ଦେଇଥିଲେ। ୨୦୧୯ ମସିହା ଅକ୍ଟୋବର ମାସରୁ କାରଖାନାର ଉତ୍ପାଦନ ବନ୍ଦ ହେବା ଯୋଗୁଁ କାର୍ଯ୍ୟରତ ଶ୍ରମିକ କର୍ମଚାରୀଙ୍କ ଅବସ୍ଥା କ୍ରମଶଃ ଦୟନୀୟ ହୋଇପଡ଼ିଥିବା ଶ୍ରୀ ପାଣିଗ୍ରାହୀ କହିଛନ୍ତି। ବକେୟାଥିବା ୨୦ ମାସର ଦରମା ସାଙ୍ଗକୁ ଭବିଷ୍ୟନିଧି ପାଣ୍ଠି, ଗ୍ରାଚ୍ୟୁଇଟି, ବୀମା ପ୍ରଭୃତି ଦେୟ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଅଦ୍ୟାବଧି ଦେଇନଥିବା ସେ ପ୍ରକାଶ କରିଛନ୍ତି। କାରଖାନା କାର୍ଯ୍ୟକ୍ଷମ ହେବା ଆଶାରେ ଶ୍ରମିକମାନେ ଦୀର୍ଘଦିନ ଧାର କରଜ କରି କଷ୍ଟେମଷ୍ଟେ ଚଳି ଆସୁଥିଲେ। ମାତ୍ର ସେ ଆଶା କ୍ରମଶଃ ମଉଳିଯିବା ପରେ ଏବେ ସେମାନଙ୍କ ପ୍ରାପ୍ୟ କିପରି ପାଇବେ ଶ୍ରମିକଙ୍କ ଚିନ୍ତା ବଢ଼ିଥିବା ଫ୍ୟୁଚର ବାଲେଶ୍ୱର ପକ୍ଷରୁ ସୂଚନା ଦିଆଯାଇଛି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଶିକ୍ଷାନୁଷ୍ଠାନ କାର୍ଯ୍ୟକ୍ଷମ ପାଇଁ ବିଭିନ୍ନ ସଂଗଠନ ମିଳିତ ଭାବେ ପରିଚାଳନା କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ଏମିତିକି ରାଜ୍ୟ ସରକାରଙ୍କ ଠାରେ ଦାବି କରି ଆସୁଥିଲେ ବି ଅଦ୍ୟାବଧି କୌଣସି ପଦକ୍ଷେପ ନିଆ ନଯିବା ଦୁର୍ଭାଗ୍ୟର ବିଷୟ ବୋଲି ଫ୍ୟୁଚର ବାଲେଶ୍ୱର ପକ୍ଷରୁ ଆରୋପ ହୋଇଛି। ଇତିମଧ୍ୟରେ ଶିକ୍ଷାନୁଷ୍ଠାନର କିଛି ଶ୍ରମିକ କୋଭିଡ ଓ ଅନ୍ୟାନ୍ୟ କାରଣ ପାଇଁ ମୃତ୍ୟୁ ବରଣ କରିଥିବା ବେଳେ ସେମାନଙ୍କ ପରିବାର ଏବେ ଶ୍ରମିକ ଅତ୍ୟନ୍ତ ସଙ୍କଟରେ କାଳତିପାତ କରୁଛନ୍ତି। ଏଭଳି ସ୍ଥିତିରେ ଶ୍ରମିକମାନେ କିପରି ବକେୟା ଅର୍ଥ ପାଇବେ ଓ ଏହି ପୁରାତନ ଶିକ୍ଷାନୁଷ୍ଠାନ କାର୍ଯ୍ୟକ୍ଷମ ହେବ, ସେନେଇ ଜିଲାର ବୁଦ୍ଧିଜୀବୀ, ରାଜନେତା, ଆଇନଜୀବୀ ଏବଂ ଶ୍ରମିକ ସଂଗଠନ ତଥା ଜନସାଧାରଣ ମିଳିତ ଭାବେ ପ୍ରୟାସ କରିବାକୁ ସଂଗଠନ ପକ୍ଷରୁ ନିବେଦନ କରାଯାଇଛି। ଏନେଇ ପ୍ରଶାସନ ତଥା ସରକାରଙ୍କ ଉପରେ ଚାପ ସୃଷ୍ଟି ପାଇଁ ଫ୍ୟୁଚର ବାଲେଶ୍ୱରର କର୍ମକର୍ତ୍ତାମାନେ ଆହ୍ୱାନ ଦେଇଛନ୍ତି। ଆବଶ୍ୟକ ସ୍ଥଳେ ସଂଗଠନ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ସଭାପତି ଶ୍ରୀ ପାଣିଗ୍ରାହୀ ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଫ୍ୟୁଚର ବାଲେଶ୍ୱରର ସାଧାରଣ ସମ୍ପାଦକ ଦୁକୁଲୁ ଘଡ଼େଇ, କାର୍ଯ୍ୟକାରୀ ସଭାପତି ଭବାନୀଶଙ୍କର ପଣ୍ଡା ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

## ସଡ଼କ ଦୁର୍ଘଟଣାରେ ମାଛ ବିକାଳି ମୃତ

ନୀଳଗିରି,୨୭/୦୮ (ନି.ପ୍ର): ସବୁଦିନ ପରି ରମେଶ ଗାଁ ଗାଁ ବୁଲି ମାଛ ବିକ୍ରି କରିଥାନ୍ତି । ଆଜି ସନ୍ତରାଗଡ଼ିଆ ବଜାରରୁ ୧୨ଟା ସମୟରେ ମାଛ ବିକ୍ରି କରି ସାରି ଘରକୁ ଫେରୁଥିବା ବେଳେ ସୋର, ବାହାବଳପୁର ଗଙ୍ଗାଉପଦା ଛକ ନିକଟରେ ଥିବା କ୍ରସର ଠାରେ ବିପରିତ ଦିଗରୁ ଏକ ଦ୍ରୁତଗାମୀ ପିକଅପ ଓଡି-୦୧ଏ-୭୬୮୨ ତାଙ୍କ ବାଇକକୁ ଧକ୍କା ଦେଇଥିଲା । ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ଲୋକେ ସଂଗେ ସଂଗେ ରମେଶକୁ ଈଶ୍ୱରପୁର ମେଡିକାଲକୁ ୧୦୮ ଯୋଗେ ନେଇଥିଲେ । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଈଶ୍ୱରପୁର ଫାଣ୍ଡି ଅଧିକାରୀ ପିକଅପ ଗାଡ଼ି କୁ ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖିଛନ୍ତି । ମାଛ ବିକାଳୀଙ୍କ ମୃତ୍ୟୁ ଖବର ଶୁଣି ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସେ ଜଣେ ଗରିବ ଲୋକ ହୋଇଥିବାରୁ ପ୍ରଶାସନ ତରଫରୁ ତାଙ୍କ ପରିବାରକୁ ତୁରନ୍ତ ସାହାଯ୍ୟ ଯୋଗାଇଦେବାକୁ ସାଧାରଣରେ ଦାବୀ ହୋଇଛି ।

## ଭାଲୁ ଆକ୍ରମଣରେ ଏକ ଗୁରୁତର

ନୀଳଗିରି,୨୭/୦୮ (ନି.ପ୍ର): ଭାଲୁ ଆକ୍ରମଣରେ ଆଜି ଜଣେ ବୃଦ୍ଧ ଗୁରୁତର ହୋଇ ନୀଳଗିରି ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି । ଘଟଣାରୁ ପ୍ରକାଶ ନୀଳଗିରି ବ୍ଲକ ଅଁଳାପାଳ ଗ୍ରାମର ଗଣନାଥ ସିଂ ଜଙ୍ଗଲକୁ ଛତୁ ତୋଳିବାକୁ ଯାଇଥିବା ବେଳେ ଗୋଟିଏ ମା ଭାଲୁ ଓ ଛୁଆ ହାବୁଡ଼ରେ ପଡ଼ିଯାଇଥିଲେ । ଭାଲୁ ଦୁଇଟି ଗଣନାଥକୁ ଆକ୍ରମଣ କରି ଗୁରୁତର କରିପକେଇଥିଲେ । ଗଣନାଥ ର ଚିତ୍କାର ଶୁଣି ପାଖରେ ଥିବା ଲୋକେ ପଳେଇ ଆସିବାରୁ ଭାଲୁ ଦୁଇଟି ତାକୁ ଛାଡ଼ି ଜଙ୍ଗଲକୁ ପଳାଇ ଯାଇଥିଲେ । ଏଥିରେ ତାଙ୍କର ଶରୀରର ମୁଣ୍ଡ, ହାତ, ପିଠିରେ ଗଭୀର କ୍ଷତ ହୋଇଥିବା ଜଣାପଡ଼ିଛି ।

# ଜୀବନ ବୀମା ନିଗମ ଅଧିକର୍ତ୍ତା ସମ୍ମିଳନୀ

ବାଲେଶ୍ୱର,୨୭/୦୮ (ନି.ପ୍ର): ଭାରତୀୟ ଜୀବନ ବୀମା ନିଗମ(ଏଆଇସି) ବାଲେଶ୍ୱର ଶାଖା ପକ୍ଷରୁ ଅଧିକର୍ତ୍ତା (ଏଜେଣ୍ଟ)ଙ୍କର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଲଆଇସି ବାରିପଦା ଶାଖାର ସର୍ବାଧିକ ବ୍ୟବସାୟ କରିଥିବା ଅଧିକର୍ତ୍ତା କାର୍ତ୍ତିକ ଚନ୍ଦ୍ର ମହାନ୍ତି ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜୀବନବୀମା କ୍ଷେତ୍ରରେ ଏଜେଣ୍ଟମାନଙ୍କ ସଫଳତାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ବାଲେଶ୍ୱର ଏଲଆଇସି କାର୍ଯ୍ୟାଳୟର ବରିଷ୍ଠ ଶାଖା ଅଧିକାରୀ ସବ୍ୟସାଚୀ ସାହୁ ଓ ବିକ୍ରୟ ବିଭାଗର ମୁଖ୍ୟ ସୁଶୀଲ କୁମାର ସୁବୁଦ୍ଧି ଏଥିରେ ବିଶେଷ ଅତିଥି ଭାବେ ଯୋଗଦେଇ ଭାରତୀୟ ଜୀବନ ବୀମା ନିଗମର ସଫଳ ବ୍ୟବସାୟ ସମ୍ପର୍କରେ ଆଲୋକପାତ କରିଥିଲେ। ରାଷ୍ଟ୍ରାୟତ୍ତ କମ୍ପାନି ଭାବେ ଏଲଆଇସି ଜନସାଧାରଣଙ୍କୁ ବୀମାଭୁକ୍ତ କରାଇବାରେ ଦେଶରେ ଅଗ୍ରଣୀ ଭୂମିକା ତୁଲାଇ ପାରିଛି ବୋଲି ସେମାନେ କହିଥିଲେ। ଏଲଆଇସିର ଉନ୍ନୟନ ଅଧିକାରୀ ପ୍ରଦୀପ କିଶୋର ସାହୁ ଏଥିରେ ଅଧ୍ୟକ୍ଷତା କରିବା ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରତିଯୋଗିତାମୂଳକ ବଜାରରେ ଏଲଆଇସି ଅଧିକର୍ତ୍ତାମାନଙ୍କୁ ଦକ୍ଷ କରାଇବା ପାଇଁ ଏଭଳି ସମ୍ମିଳନୀ ଆୟୋଜନ ଏକାନ୍ତ ଆବଶ୍ୟକ ବୋଲି ଶ୍ରୀ ସାହୁ ପ୍ରକାଶ କରିଥିଲେ। ଅନ୍ନପୂର୍ଣ୍ଣା ସାହୁ, ଦେବାଶିଷ ଗିରି, ଚଉରଂଜନ ନାୟକ, ସୁଦାମ କୁମାର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା ସହଯୋଗ କରିଥିଲେ।

# ଅନ୍ତ୍ୟୋଦ୍ଦୟ ଚେତନା ମଣ୍ଡଳ ପକ୍ଷରୁ ବସ୍ତ୍ର ବଂଟନ



ବାଲିଆପାଳ,୨୭/୦୮ (ନି.ପ୍ର): ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ରଙ୍ଗାମାଟିଆ ଅନ୍ତ୍ୟୋଦ୍ଦୟ ଚେତନା ମଣ୍ଡଳ ଓ ମହାତ୍ମା ଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଶୁକ୍ରବାର ବାଲିଆପାଳ ବ୍ଲକ ଖପରାପଦାଠାରେ ଦିବ୍ୟାଙ୍ଗ ଓ ବିଧବା ମହିଳାମାନଙ୍କୁ ପିନ୍ଧିବା ବସ୍ତ୍ର ଶାଢୀ, ମାସ୍କ, ଗାନ୍ଧୀଜୀଙ୍କ ଜୀବନୀ ଆଧାରିତ ପୁସ୍ତକ ବଂଟନ କରାଯାଇଛି । ବାଲିଆପାଳର ବରିଷ୍ଠ ସାମ୍ବାଦିକ,ଆଦର୍ଶ ଶିକ୍ଷକ ତଥା ସମାଜସେବୀ ପ୍ରଣବ ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ସବୁ ବଂଟନ କରାଯାଇଛି । ପ୍ରକାଶ ଥାଉକି ଗଲା ବର୍ଷକ ତଳେ ପ୍ରଣବ ସାହୁଙ୍କ ଏକ ମର୍ମନ୍ତୁଦ ସଡକ ଦୁର୍ଘାଟଣାରେ ମୃତ୍ୟୁ ହୋଇଥିଲା । ଏଥିରେ ଶତାଧିକ ଦିବ୍ୟାଙ୍ଗ ଓ ବିଧବାମହିଳା ଉପସ୍ଥିତ ରହି ଏ ସି ଏମର ମୁଖ୍ୟ ଡ.ଆଦିତ୍ୟ ପଟ୍ଟନାୟକଙ୍କଠାରୁ ଏହାକୁ ଦିବ୍ୟାଙ୍ଗମାନେ ଗ୍ରହଣ କରିଥିଲେ । ଅନୁଷ୍ଠାନର ରମାଶଶି ମହାପାତ୍ର, ଲକ୍ଷ୍ମଣ ମୁର୍ମୁ,ପ୍ରଣବ ସାହୁଙ୍କ ପିତା ନାରାୟଣ ପ୍ରସାଦ ସାହୁ, ମାତା ବିଷ୍ଣୁପ୍ରିୟା ସାହୁ, ଧର୍ମପତ୍ନୀ ମମତାରାଣୀ ସାହୁ ଓ ପୁତ୍ର ସତ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ବିଜେପି ରୂପସା ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ

ବାଲେଶ୍ୱର,୨୭/୦୮ (ନି.ପ୍ର): ବିଜେପି ରୂପସା ମଣ୍ଡଳର କାର୍ଯ୍ୟକାରିରଣୀ ବୈଠକ ସଭାପତି ତପନ ଗିରିଙ୍କ ସଭାପତିତ୍ୱରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଦଳୀୟ ସଂଗଠନକୁ ସୁଦୃଢ଼ କରିବା ଓ ସାମ୍ପ୍ରତିକ ସ୍ଥିତିରେ ସାଧାରଣ ଲୋକେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ତଥା ଏହାର ନିରାକରଣ ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯାଇଥିଲା। ବିଶେଷ କରି କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନା କାର୍ଯ୍ୟକାରୀରେ ରାଜ୍ୟ ସରକାରଙ୍କ ଦଳୀୟ କର୍ମୀଙ୍କୁ ଅଗ୍ରାଧିକାର ଦେବାକୁ ନେଇ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହେଉ କି ଅନ୍ୟାନ୍ୟ କେନ୍ଦ୍ରୀୟ ଯୋଜନା, ସବୁଥିରେ ରାଜ୍ୟ ଶାସକ ଦଳ ତଞ୍ଚକତା କରିଚାଲିଥିବା ଉପସ୍ଥିତ ବିଜେପି ନେତାମାନେ ଆରୋପ କରିଥିଲେ। ବିଜେଡି ଶାସନକାଳ ମଧ୍ୟରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଥିବା ବେଳେ ମାଫିଆମାନେ ଅଧିକ ସକ୍ରିୟ ହୋଇ ଉଠିଛନ୍ତି। ଅନ୍ୟ ପକ୍ଷରେ ବୋକରୀ ସମସ୍ୟା ଉତ୍କଟ ହେବାରେ ଲାଗିଛି। ଅପରପକ୍ଷରେ ରାଜ୍ୟ ସରକାର କେନ୍ଦ୍ରୀୟ ପାଣ୍ଠି ଓ ଯୋଜନାକୁ ନିଜ ନାମରେ ନାମିତ କରି ଲୋକଙ୍କୁ ନବୀନ ସରକାର ବିଭ୍ରାନ୍ତ କରୁଛି ବୋଲି ବିଜେପି ସଦର ନିର୍ବାଚନମଣ୍ଡଳୀ ନେତା ମାନସ ଦତ୍ତ ଆରୋପ କରିଛନ୍ତି। ଗତ ୨୧ ବର୍ଷରେ ନିରବଚ୍ଛିନ ଶାସନ ପରେ ଯୁବକଙ୍କ ରୋଜଗାର ପାଇଁ କୌଣସି ଆନ୍ତରିକତା ପ୍ରକାଶ ନକରିବା ଅତ୍ୟନ୍ତ ନିନ୍ଦନୀୟ। ରୁପ୍ସା ମଣ୍ଡଳରେ ଶିଳ୍ପ ସଂସ୍ଥା ପ୍ରତିଷ୍ଠା କରିବା ପାଇଁ ରେଳ ଓ ଜାତୀୟ ମାର୍ଗ ଭଳି ଗମନାଗମନର ସୁବ୍ୟବସ୍ଥା ଥିବା ସତ୍ତ୍ୱେ ଉକ୍ତ ଅଞ୍ଚଳକୁ ଉପେକ୍ଷା କରାଯାଇଥିବା ଉପସ୍ଥିତ ବିଜେପି ନେତାମାନେ କ୍ଷୋଭର ସହ ପ୍ରକାଶ କରିଥିଲେ। ରୂପସା ମଣ୍ଡଳର ଆଠଗୋଟି ପଞ୍ଚାୟତର ଲୋକଙ୍କୁ ସେମାନଙ୍କ ହକ ପ୍ରଦାନ ପାଇଁ ବିଜେପି ଲଢ଼େଇ ଜାରି ରଖିବ ବୋଲି ଏହି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ଗଙ୍ଗାଧର ରାଉତ, ଗୌରାଙ୍ଗ ଦାସ, ରାଧାକୃଷ୍ଣ ଜେନା, ସୁବେଶ ନାୟକ, ଅନ୍ତର୍ଯ୍ୟାମୀ ବେହେରା, ହରେନ୍ଦ୍ର ପ୍ରଦାନ, ଲୋକନାଥ ଭୂୟାଁ, ସୃଷ୍ଟିଧର ସେନାପତି, ମନୋରଞ୍ଜନ ଦାସ, ଶ୍ରୀଧର ବେହେରା ପ୍ରମୁଖ କାର୍ଯ୍ୟକର୍ତ୍ତା ଏଥିରେ ଉପସ୍ଥିତ ଥିଲେ।

## ୫ଟି ଆର୍‌ଆଇ ସର୍କଲ ଘୋଷିତ : ଖୁବ୍‌ଶୀଘ୍ର ପଦକ୍ଷେପ

ଜଳେଶ୍ୱର,୨୭/୦୮ (ନି.ପ୍ର): ରାଜସ୍ୱ ବିଭାଗର ରାଜସ୍ୱ ଦେଣନେଣ ଓ ଜଷ୍ଟିସ୍ ଏଟ୍ ଦି ଡୋର୍ ଷ୍ଟେପ୍ ନ୍ୟାୟରେ ରାଜ୍ୟରେ ଅଧିକ ଆର୍‌ଆଇ ସର୍କଲ ଘୋଷିତ ହୋଇଥିବା ବେଳେ ବାଲେଶ୍ୱର ଜିଲାରେ ୪୫ଟି ନୂତନ ଆର୍‌ଆ୍ ସର୍କଲ ପ୍ରତିଷ୍ଠା ହୋଇଛି । ଏଥିରୁ ଜଳେଶ୍ୱରର ଦକ୍ଷିଣ ପ୍ରହରାଜପୁର, ରାଇବଣିଆ, ମହମ୍ମଦନଗରପାଟଣା, ଗୋବରଘଟା ଓ ଗୋପୀମୋହନପୁର ନୂତନ ଆର୍‌ଆଇ ସର୍କଲ ଘୋଷିତ ହୋଇଛି । ପୂର୍ବରୁ ଥିବା ନାମ୍ପୋ, ପଶ୍ଚିମବାର୍ଡ଼, ଜଳେଶ୍ୱର ସଦର, ଜମାଲପୁର, ଖୁଆଡ, ସରଡିହା, ଓଲମରା ଆର୍‌ଆଇ ସର୍କଲ ସହିତ ଉକ୍ତ ୫ଟି ଆର୍‌ଆଇ ସର୍କଲ ହେବା ଫଳରେ ଜନସାଧାରଣ ଉପକୃତ ହେବେ ବୋଲି ଏଠାରେ ଏକ ସଭାରେ ବିଧାୟକ ଅଶ୍ୱିନୀ ପାତ୍ର ଓ ତହସିଲଦାର ଶଂକର ପଟ୍ଟନାୟକ ପ୍ରକାଶ କରିଛନ୍ତି ।

# ସୀମାନ୍ତ ଉଚ୍ଚ ବିଦ୍ୟାଳୟ ପୁରାତନ ଶିକ୍ଷାର୍ଥୀଙ୍କ ୬ଲକ୍ଷ ଟଙ୍କା ପ୍ରଦାନ

ଜଳେଶ୍ୱର,୨୭/୦୮ (ନି.ପ୍ର): ମୋ ସ୍କୁଲ ଅଭିଯାନ ଶିକ୍ଷା ବିଭାଗର ଅନୁଷ୍ଠାନ ଗୁଡିକର ଭିତ୍ତି ଭୂମୀ ସୁଦୃଢ କରିବାରେ ଏକ ମାଇଲଖୁଣ୍ଟଭାବେ କାର୍ଯ୍ୟ କରୁଛି । ଏହି ଯୋଜନାରେ ପୁରାତନ ଛାତ୍ରମାନଙ୍କୁ ସଂଶ୍ଳିଷ୍ଟ କରାଯାଇ ଛାତ୍ରଛାତ୍ରୀ ମାନଙ୍କୁ ଆକର୍ଷିତ କରିବାରେ ଏକ ଅଭିନବ ପ୍ରୟାସ ବୋଲି ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲା ଶିକ୍ଷାଧିକାରୀ ରଂଜନ କୁମାର ଗିରି ପ୍ରକାଶ କରିଛନ୍ତି । ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର ଶାନ୍ତିଆ ଗ୍ରାମରେ ଥିବା ଶ୍ରୀନାଥଚନ୍ଦ୍ର ସୀମାନ୍ତ ଉଚ୍ଚ ବିଦ୍ୟାଳୟର ୬ ଗୋଟି ପ୍ରକଳ୍ପ ଲାଗି ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ଓ ଶୁଭେଚ୍ଛୁମାନେ ୬ଲକ୍ଷ ୧୫ହଜାର ଟଙ୍କା ଓଡିଶା ସରକାରଙ୍କ ମୋ ସ୍କୁଲ ଅଭିଯାନରେ ଜମା କରି ୧୮ଲକ୍ଷ୪୫ହଜାର ଟଙ୍କା ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ସଂପାଦକ ଏଥିଲାଗି ଦାତା ମାନଙ୍କୁ ସାଧୁବାଦ ଜଣାଇଛନ୍ତି । ଏହି ପରିପ୍ରେକ୍ଷୀରେ ମୋ ସ୍କୁଲ ଅଭିଯାନ ଓ ବିଦ୍ୟାଳୟର ବାର୍ଷିକ ପରୀକ୍ଷାରେ ଲଗାତର ସଫଳତା ଲାଗି ଡିଇଓ ଶ୍ରୀ ଗିରି ପ୍ରାସଂସାପତ୍ର ପ୍ରଦାନ କରିଛନ୍ତି ।

# ମରୁଡ଼ି ପରିସ୍ଥିତିର ମୁକାବିଲା ପାଇଁ ଜରୁରୀ ବୈଠକ



ବାରିପଦା,୨୭/୦୮ (ନି.ପ୍ର): ଜିଲ୍ଲାରେ ସ୍ୱାଭାବିକ ବୃଷ୍ଟିପାତଟାରୁ କମ ପରିମାଣର ବୃଷ୍ଟିପାତ ହେବାରୁ ମୟୂରଭଞ୍ଜ ଜିଲାରେ ଦେଖା ଦେଇଥିବା ମରୁଡ଼ି ପରିସ୍ଥିତିର ମୁକାବିଲା ପାଇଁ ବୁଧବାର ଜିଲ୍ଲାପାଳଙ୍କ ଫେଲିସିଟେଶନ କେନ୍ଦ୍ରରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାରେ ସମ୍ଭାବ୍ୟ ମରୁଡ଼ି ସ୍ଥିତି ଓ ତା'ର ମୁକାବିଲା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ବୈଠକର ଆବାହକ ଜିଲା ମୁଖ୍ୟ କୃଷି ଅଧିକାରୀ ରବୀନ୍ଦ୍ର କୁମାର ଖଟୁଆଙ୍କ ସମେତ ମୟୂରଭଞ୍ଜ ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ମେଗା ଉଠାଜଳସେଚନ ପ୍ରକଳ୍ପ, ବାରିପଦା, ରାଇରଙ୍ଗପୁର ଓ ଯଶିପୁର ଡିଭିଜନର କ୍ଷୁଦ୍ର ଜଳସେଚନ ବିଭାଗ, କ୍ଷୁଦ୍ର ଉଠା ଜଳସେଚନ ପ୍ରକଳ୍ପ ବାରିପଦା ଓ କରଞ୍ଜିଆ ଡିଭିଜନର ନିର୍ବାହୀ ଯନ୍ତ୍ରୀ, ଜଳବିଭାଜିକା ବିଭାଗର ବାରିପଦା ପ୍ରକଳ୍ପ ନିର୍ଦ୍ଦେଶକ, ଜିଲା କୃଷି ଉପନିର୍ଦ୍ଦେଶକ ଏବଂ ଶାମାଖୁଂଟା ଓ ଯଶୀପୁର କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ଓ ଜିଲା ମତ୍ସ୍ୟ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଜିଲାର ୨୬ଟି ବ୍ଲକ ମଧ୍ୟରୁ ଶାମାଖୁଂଟା, କପ୍ତିପଦା, ବାଙ୍ଗିରିପୋଷି, କୁଳିଅଣା, ସାରସକଣା, ଯଶିପୁର, ରରୁଆଁ, ବହଳଦା, ତିରିଂ ଓ ଜାମଦାକୁ ମିଶାଇ ୧୦ଟି ବ୍ଲକରେ ନିଅଣ୍ଟିଆ ବୃଷ୍ଟିପାତ ଯୋଗୁ ଫସଲହାନୀ ଦେଖାଦେଇଛି । ଏହି ୧୦ଟି ବ୍ଲକର ୫୪ଟି ପଂଚାୟତର ୨୩୯ଟି ଗ୍ରାମରେ ଥିବା ୨୩୯୩ ହେକ୍ଟର ଜମି ବର୍ଷା ଅଭାବରୁ ଫାଟି ଯାଇଛି। ଏହାର ମୁକାବିଲା ପାଇଁ ଜଳସେଚନ ସୁବିଧା ଓ ବିକଳ୍ପ ଚାଷ ବ୍ୟବସ୍ଥା ଗ୍ରହଣ ପାଇଁ ଆଲୋଚନା ଏହି ବୈଠକରେ ହୋଇଛି। ସେହିପରି ପଡ଼ିଆ ପଡ଼ିଥିବା ଜମିଗୁଡ଼ିକରେ ଅଣଧାନ ଚାଷ ପାଇଁ ଜଳସେଚନର ବ୍ୟବସ୍ଥା ଓ ଅଚଳ ଥିବା ଜଳସେଚନ ପ୍ରକଳ୍ପ ଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକ୍ଷମ କରି ଜଳ ଯୋଗାଣର ରିପୋର୍ଟ ପ୍ରଦାନ ପାଇଁ ଜିଲ୍ଲାପାଳ ବିବାଗୀୟ ଅଧିକାରୀ ଓ ଯନ୍ତ୍ରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୂଚନା ଯୋଗ୍ୟ ଯେ, ମୟୂରଭଞ୍ଜ ଜିଲାରେ ଅଗଷ୍ଟ ମାସର ତୃତୀୟ ସପ୍ତାହ ପର୍ଯ୍ୟନ୍ତ ମାତ୍ର ୬୦ମି.ମି ବର୍ଷା ରେକର୍ଡ କରାଯାଇଛି। ଏହି ସମୟ ମଧରେ ଜିଲ୍ଲାରେ ହାରାହାରି ।୩୬୦ ମି.ମି. ବର୍ଷା ହେବା କଥା। ଫଳରେ ୨୬ଟି ବ୍ଲକ ମଧ୍ରୁ ଜିଲାର ୧୬ଟି ବ୍ଲକରେ ସ୍ୱାଭାବିକଠାରୁ କମ ବର୍ଷା ରେକର୍ଡ କରାଯାଇଥିଲେ ହେଁ ପ୍ରାଥମିକ ସର୍ଭେ ଅନୁସାରେ ୧୦ଟି ବ୍ଲକରେ ମରୁଡ଼ି ସ୍ଥିତି ଉଦ୍‌ବେଗଜନକ ହୋଇଛି ବୋଲି ଜଣାଯାଇଛି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo